

ସନ୍ତୋଷୀ-ସନ୍ନୀ ସାଥ୍‌ସାଥ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-60 ♦MONDAY ♦24 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୬୦ ♦ସୋମବାର ♦୨୪ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବାଂଲାଦେଶରେ ହିନ୍ଦୁ ଶିକ୍ଷକଙ୍କ ପରିବାରର ୪ଜଣଙ୍କୁ ହତ୍ୟା

■ ରଙ୍ଗପୁର, ୨୩।୮ (ଏଜେନ୍ସି): ବାଂଲାଦେଶର ରଙ୍ଗପୁର ସହରରୁ ଏକ ଅତ୍ୟନ୍ତ ରହସ୍ୟଜନକ ଏବଂ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ସେଠାକାର ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ହିନ୍ଦୁ ଶିକ୍ଷକ, ତାଙ୍କ ପତ୍ନୀ ଏବଂ ଦୁଇ ଜଣ ନାବାଳକ ସନ୍ତାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଏହି ଘଟଣାରେ ଏକ ବଡ଼ଧରଣର ତଦନ୍ତ ଆରମ୍ଭ କରିଛି। ପୁଣି ଥରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ମୃତକମାନେ ହେଲେ ୬୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ୫୦ ବର୍ଷୀୟା ପତ୍ନୀ ପ୍ରୀତିଲତା ଚକ୍ରବର୍ତ୍ତୀ, ୨୩ ବର୍ଷୀୟା ଝିଅ ଆଗାମୀ ଚକ୍ରବର୍ତ୍ତୀ ଏବଂ ୧୨ ବର୍ଷୀୟ ପୁଅ ପ୍ରିୟମ୍ ଚକ୍ରବର୍ତ୍ତୀ। ଗତ ଗୁରୁବାର ରାତିରୁ ପରିବାରର ସମସ୍ତ ସଦସ୍ୟଙ୍କ ଫୋନ୍ ବନ୍ଦ ରହିବାରୁ ସମ୍ପର୍କୀୟମାନେ ସନ୍ଦେହ କରିଥିଲେ। ଶନିବାର ବିଳମ୍ବିତ ▶ପୃଷ୍ଠା-୭



## ଭ୍ରମାତ୍ମକ ବିଜ୍ଞାପନ; ୧୫୦ କମ୍ପାନୀଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇର ନୋଟିସ୍




■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ନିୟମ ଅନୁପାଳନରେ ଖିଲାପକୁ ନେଇ କେନ୍ଦ୍ର ସରକାର ଗତ କିଛି ମାସ ମଧ୍ୟରେ ଅନେକ ପ୍ରମୁଖ ଖାଦ୍ୟ ବ୍ରାଣ୍ଡ ଏବଂ ଖୁଚୁରା ଚେନ୍ ବିକ୍ରେତାଙ୍କୁ ପ୍ରାୟ ୧୫୦ ନୋଟିସ୍ ଜାରି କରିଛନ୍ତି। ଭାରତର ଖାଦ୍ୟ ସୁରକ୍ଷା ନିୟାମକ ସଂସ୍ଥା (ଏଫ୍‌ଏସ୍‌ଏସ୍‌ଏଆଇ) ଭ୍ରମାତ୍ମକ ବିଜ୍ଞାପନ, ମିଥ୍ୟା ଦାବି ଏବଂ ଲେବଲିଂ ନିୟମ ପାଳନ ନକରିବା ପାଇଁ ଏହି ନୋଟିସ୍ ଜାରି କରିଛି। ନୋଟିସ୍ ଜାରି ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ନେସ୍‌ଲେ ଇଣ୍ଡିଆ, ପେପ୍‌ସିକୋ ଏବଂ କୋକା-କୋଲା ଇଣ୍ଡିଆ ଭଳି ପ୍ରମୁଖ କମ୍ପାନୀ ରହିଛନ୍ତି। ଆମାଜନ ଏବଂ ଫ୍ଲିପକାର୍ଟ ସମେତ ଇ-କମର୍ସ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନୋଟିସ୍ ଜାରି କରାଯାଇଛି। କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ▶ପୃଷ୍ଠା-୭

# ଦରବୃଦ୍ଧିରେ ଓଡ଼ିଶା ଏକ ନମ୍ବର

**ଡବଲ ଇଞ୍ଜିନ; ଡବଲ ଯନ୍ତ୍ରଣା**

## ଜାନୁଆରୀଠାରୁ ମୁଦ୍ରାସ୍ଫୀତି ବଢ଼ିଛି ୨.୯୫ ପ୍ରତିଶତ

■ ଭୁବନେଶ୍ୱର, ୨୩।୮ (ସମିସ): ଡବଲ ଇଞ୍ଜିନ୍ ସରକାର ଆସିଲେ ରାଜ୍ୟ ଘିଅ ମହୁରେ ଭାସିବ। ଲୋକମାନଙ୍କର ସବୁ ଦୁଃଖ ଦୂର ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦୁଇଟା ବର୍ଷ ଯାଇ ନାହିଁ, ଦୁଃଖ ଦୂର ହେବା ତ ଦୂରର କଥା; ଲୋକଙ୍କ କଷଣ ଦୁଇଗୁଣ ହୋଇଛି। ଦରଦାମ ବୃଦ୍ଧି ହାରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ପହଞ୍ଚିଛି। ସାରା ଦେଶରେ ବିଭିନ୍ନ ରାଜ୍ୟରେ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣରୁ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶା ଦର ବୃଦ୍ଧି ହାରରେ ଦେଶର ସବୁ ବଡ଼ବଡ଼ ରାଜ୍ୟକୁ ଅତିକ୍ରମ କରି ଶୀର୍ଷସ୍ଥାନରେ ପହଞ୍ଚିଛି। ଯଦିଓ ଜୁଲାଇରେ ରାଜ୍ୟଗୁଡିକ ମଧ୍ୟରେ ତେଲେଙ୍ଗାନାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଦେଶରେ ରହିଛି, ମାତ୍ର ମୂଲ୍ୟବୃଦ୍ଧି ହାରରେ ଓଡ଼ିଶା ସବୁଠାରୁ ଶୀର୍ଷରେ ଅଛି। ଏହି ରିପୋର୍ଟ ପ୍ରକାଶ କରିଛି କେନ୍ଦ୍ର ସରକାରଙ୍କ



**ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ**

ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ। ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ଅସ୍ଥାୟୀ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଅନୁସାରେ ଜୁଲାଇରେ ଓଡ଼ିଶାର ଉପଭୋକ୍ତା ମୂଲ୍ୟସୂଚୀ ସିପିଆଇ ୧୦୭.୦୬ ଓ ରାଜ୍ୟର ମୁଦ୍ରାସ୍ଫୀତି ଜାତୀୟ ହାର ଠାରୁ ଅଧିକ ୪.୪୫ ରହିଛି। ଚଳିତବର୍ଷ ଆରମ୍ଭରୁ ଓଡ଼ିଶାରେ ଖାଉଟି ସାମଗ୍ରୀରେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯାହାଫଳରେ ଦେଶର ରାଜ୍ୟଗୁଡିକ ମଧ୍ୟରେ ଚଳିତବର୍ଷ ଜାନୁଆରୀଠାରୁ ଓଡ଼ିଶାର ମୁଦ୍ରାସ୍ଫୀତି ସର୍ବାଧିକ ୨.୯୫% ବୃଦ୍ଧି ଘଟିଛି। ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଥିଲା ୧.୮୮ %। ମାତ୍ର ଜୁଲାଇରେ ଏହା ୨.୯୫% ବୃଦ୍ଧି ପାଇ ୪.୮୩ ପ୍ରତିଶତରେ ପହଞ୍ଚିଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶରେ ମୁଦ୍ରାସ୍ଫୀତିରେ ୨.୯ ପ୍ରତିଶତ, ତେଲଙ୍ଗାନାର ମୁଦ୍ରାସ୍ଫୀତି ୧.୪ ପ୍ରତିଶତ ବୃଦ୍ଧି ହୋଇଛି।

ଏନଏସଓ ତଥ୍ୟାନୁଯାୟୀ ଜୁଲାଇ ମାସରେ ଦେଶର ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୁଦ୍ରାସ୍ଫୀତି ଜାତୀୟ ହାରାହାରି ସ୍ତରକୁ ଅତିକ୍ରମ କରିଛି। ଦେଶର ୧୯ଟି ରାଜ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ମୁଦ୍ରାସ୍ଫୀତି ରେକର୍ଡ ହୋଇଥିବା ଜଣାଯାଇଛି। ଜୁଲାଇରେ ପ୍ରାୟ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଦ୍ରାସ୍ଫୀତି ୪ ପ୍ରତିଶତ ଅତିକ୍ରମ କରିଥିଲା ଓ ୧୧ ରାଜ୍ୟ ଜାତୀୟ ମୁଦ୍ରାସ୍ଫୀତି ହାର ୪.୪୫ ପ୍ରତିଶତ ଠାରୁ ଅଧିକ ରହିଥିଲା। ମଧ୍ୟ ପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ସିକିମରେ ମଧ୍ୟ ମୁଦ୍ରାସ୍ଫୀତି ଜାତୀୟ ହାର ୪.୪୫ ପ୍ରତିଶତଠାରୁ ଅଧିକ ରହିଛି ବର୍ଷ ଆରମ୍ଭରେ ତୁଳନାତ୍ମକ ଭାବରେ ସହଜ ମୁଦ୍ରାସ୍ଫୀତି ସହିତ ଅନେକ ରାଜ୍ୟରେ ଏହି ବୃଦ୍ଧି ବିଶେଷ ଭାବରେ ବୃଦ୍ଧି ଘଟିଛି। ▶ପୃଷ୍ଠା-୭

### 'ମୁଲତବୀ' ପରେ ହୋଇନାହିଁ ସଂସଦର 'ପ୍ରୋରୋଗ'

## ଡକାଯିବ ଜରୁରୀ ଅଧିବେଶନ !

■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଲୋକସଭା ଓ ରାଜ୍ୟସଭାକୁ ମୁଲତବୀ ପରେ ଔପଚାରିକ ଭାବେ ଶେଷ ଘୋଷଣା ହୋଇନାହିଁ। ଉଭୟ ଗୃହକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାର ୧୦ ଦିନ ବିତିଥିଲେ ମଧ୍ୟ ଅଧିବେଶନ ପ୍ରୋରୋଗ୍ ହୋଇନଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସରକାର ନୂଆ ଅଧିବେଶନ ନ ଡାକି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇବାକୁ ଚାହୁଁଛି କି ବୋଲି ସାମ୍ବିଧାନିକ ବିଶେଷଜ୍ଞ ଓ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକଟ କରିଛନ୍ତି।



ସାଧାରଣତଃ ଗୃହକୁ 'ସାଇନ୍ ଡାଇ' କରାଯିବାର ୩ରୁ ୪ ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରୋରୋଗେସନ୍ ସମ୍ପର୍କିତ ଘୋଷଣା ହୋଇଥାଏ। ମାତ୍ର ରବିବାର ସୁଦ୍ଧା ମୌସୁମୀ ଅଧିବେଶନର ପ୍ରୋରୋଗେସନ୍ ନେଇ କୌଣସି ବିଜ୍ଞପ୍ତି ଜାରି ହୋଇ ନାହିଁ। ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସଂସଦର ଅଧିବେଶନ ଡାକିବା ଓ ଶେଷ କରିବାର ଔପଚାରିକ ପ୍ରକ୍ରିୟା ସମ୍ପନ୍ନ କରନ୍ତି। ମାତ୍ର ଅଧିବେଶନ ସମାପ୍ତିର ଔପଚାରିକ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ପୁନର୍ବାର ଡିଲିମିଟେସନ ବିଲ୍ ନିମନ୍ତେ ସରକାର ଅଧିବେଶନ ଡାକିପାରନ୍ତି ବୋଲି ଅନେକ ଆଶଙ୍କା କରିଛନ୍ତି।

୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସମୟରେ ସରକାର ସଂସଦୀୟ ଓ ବିଧାନସଭା କ୍ଷେତ୍ର ସୀମା ନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ପୁନର୍ବାର ଆଣିପାରନ୍ତି ବୋଲି ମଧ୍ୟ କଂଗ୍ରେସ ସନ୍ଦେହ କରିଛି। ବଜେଟ୍ ଅଧିବେଶନ ସମୟରେ ଏଭଳି ଏକ ପ୍ରୟାସ ହୋଇଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏହା ସଫଳ ହୋଇନଥିଲା। ମାତ୍ର ପୁଣି ଏଥିପାଇଁ ବିଜେପି ସରକାର ପ୍ରୟାସ ▶ପୃଷ୍ଠା-୭

### ବଙ୍ଗୋପସାଗରରେ ପୁଣି ଲଘୁଚାପ

## ୩ ଦିନ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୨୩।୮ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ସକାଳ ୫ଟା ୩୦ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଶନିବାରଠାରୁ ରାଜ୍ୟରେ ପୁଣି ଏକ ନୂତନ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଏହି ଲଘୁଚାପର ପ୍ରଭାବ ଆହୁରି ୨-୩ ଦିନ ପର୍ଯ୍ୟନ୍ତ ରହିବାକୁ ଥିବା ବେଳେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ବିଶେଷ କରି ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ନୟାଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ବାଲାଙ୍ଗୀର ଓ ବୌଦ୍ଧରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି ଲଘୁଚାପ ପ୍ରଭାବରେ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

**ମାସ ଶେଷକୁ ପୁଣି ଏକ ଲଘୁଚାପ**

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଲଘୁଚାପ ଯାଉ ଯାଉ ଅଗଷ୍ଟ ଶେଷ ଆଡ଼କୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ। ▶ପୃଷ୍ଠା-୭

## କଳାହାଣ୍ଡି ଉବୁଟୁବୁ; ୨୪ଘଣ୍ଟାରେ ଜିଲ୍ଲାରେ ୧୦୨୩ ମିମି ବର୍ଷା

### ମଙ୍ଗଳପୁର ବ୍ୟାରେଜ୍ ଛାଡ଼ିଲା ପ୍ରଥମ ବନ୍ୟାଜଳ

■ ଭବାନୀପାଟଣା, ୨୩।୮ (ସମିସ): କଳାହାଣ୍ଡି ଜିଲ୍ଲାରେ ଦେଖାଯାଇଛି ବର୍ଷା ବିପ୍ଳବ। ୨୪ଘଣ୍ଟା ଲଗାତର ବର୍ଷା ଯୋଗୁଁ ନଦୀ ଗୁଡିକର ଜଳସ୍ତର ବଢ଼ିବାରେ ଲାଗିଛି। ହାତୀନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ା ଯାଇଛି।



ହାତୀନଦୀରେ ଏବେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳପୁର ବ୍ୟାରେଜ୍‌ର ୪ଟି ଗେଟ୍ ଜରିଆରେ ୪୧୨ କ୍ୟୁମେକ୍ସ ବନ୍ୟାଜଳ ନିଷ୍କାସିତ ହେଉଛି। ଏହାଯୋଗୁଁ ହାତୀନଦୀର ତଳିଆ ମୁଣ୍ଡରେ ଥିବା ଗାଁ ମାନଙ୍କୁ ସତର୍କ ସୂଚନା ଦେଇଛି ଇନ୍ଦ୍ରାବତୀ ବିଭାଗ। ଶନିବାର ଜିଲ୍ଲାରେ ୧୦୨୩ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିରେ ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ସର୍ବାଧିକ ୩୪୫ ମିମି ବର୍ଷା ହୋଇଥିବାବେଳେ ଏହା ତଳକୁ ଜୟପାଟଣା ବ୍ଲକରେ ୨୦୦, କଳମପୁର ବ୍ଲକ ୧୪୬.୪, ଜୁନାଗଡ଼ ୧୦୫.୬ ଓ କୋକସରାରେ ୧୦୨ ମିମି ବର୍ଷା ରେକର୍ଡ କରାଯାଇଛି।

### ଥୁଆମୂଳ ରାମପୁର-ରାୟଗଡ଼ା ଯାତାୟାତ ବାଧାପ୍ରାପ୍ତ

■ ଥୁଆମୂଳ ରାମପୁର: କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍‌ରେ ପରିସ୍ଥିତି ସବୁଠାରୁ ଅଧିକ ଗମ୍ଭୀର ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ଥୁଆମୂଳ ରାମପୁରରେ ୩୪୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ତୁଳନାରେ ମଧ୍ୟ ଥୁଆମୂଳ ରାମପୁରରେ ବର୍ଷାର ପରିମାଣ ଯଥେଷ୍ଟ ଅଧିକ ରହିଛି। ଜୟପାଟଣାରେ ୨୦୦ ମିମି, କଳମପୁରରେ ୧୪୬.୪ ମିମି., ଜୁନାଗଡ଼ରେ ୧୦୫.୬ ମିମି, କୋକସରାରେ ୧୦୨ ମିମି, ଧର୍ମଗଡ଼ରେ ୪୦.୩ ମିମି, ଲାଞ୍ଜିଗଡ଼ରେ ୨୩.୬ ମିମି, ଭବାନୀପାଟଣାରେ ୨୦.୮ ମି.ମି., ଗୋଲାମୁଣ୍ଡାରେ ୧୪ ମି.ମି., ମ.ରାମପୁରରେ ୯ ମିମି, ନର୍ଲାରେ ୭ ମିମି, କର୍ଲାମୁଣ୍ଡାରେ ୬ ମିମି ଏବଂ



କେସିଙ୍ଗାରେ ୩.୪ ମିମି ବର୍ଷା ରେକର୍ଡ ହୋଇଛି। ଲଗାଣବର୍ଷାର ପ୍ରଭାବରେ ଥୁଆମୂଳ ରାମପୁର ଅଞ୍ଚଳର ନଦୀ, ନାଳ ଓ ଝରଣାଗୁଡ଼ିକ ଫୁଲି ଉଠିଛି। ଇନ୍ଦ୍ରାବତୀ ନଦୀର ଜଳସ୍ତର ବଢ଼ିବା ଯୋଗୁଁ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଫଳରେ ଥୁଆମୂଳ ରାମପୁର-ରାୟଗଡ଼ା ଯାତାୟାତ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଥୁଆମୂଳ ରାମପୁର ଓ ସିଲେଟ ପଞ୍ଚାୟତ ମଧ୍ୟରେ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଅନେକ ଗ୍ରାମବାସୀ ଜରୁରୀକାମରେ ମଧ୍ୟ ବାହାରକୁ ଯାଇପାରୁନାହାନ୍ତି। ଅସମ୍ପୂର୍ଣ୍ଣ ପୋଲ ଯୋଗୁଁ କାଚେଲେଖା-କେରପାଇ ଯାତାୟାତ ▶ପୃଷ୍ଠା-୭

### ଏମ୍‌ଏମଡିଆର ଆଇନ ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି

## ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ

■ ଭୁବନେଶ୍ୱର, ୨୩।୮ (ସମିସ): ସଂଶୋଧିତ ଏମଏମଡିଆର ଆଇନ୍ ସଂସଦରେ ପାରିତ ହେବା ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହି ବିଲ୍‌କୁ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରିଲା। ଏହି ଆଇନ୍ ଲାଗି ହେବା ଫଳରେ ରାଜ୍ୟର ସମସ୍ତ ଖଣି ଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧିନକୁ ଚାଲିଯିବ। ଖଣିଜ ସମ୍ପଦରେ ଭରା ଓଡ଼ଶାର ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଟେକି ଦିଆଯାଇଛି। କିନ୍ତୁ ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବିଜେପି ସାଂସଦ ମାନେ ସଂସଦରେ ମୁହଁ ନ ଖୋଲିବାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସଙ୍ଗରେ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଘଡ଼େଇ କହିଛନ୍ତି ଯେ ଏହି ଓଡ଼ିଶା ବିରୋଧୀ ବିଲ୍ ପାସ ହେବା ସମୟରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ



ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବିଜେପି ସାଂସଦମାନେ ସଂସଦରେ ଚୁପ ରହିଲେ। ରାଜ୍ୟ ସ୍ୱାର୍ଥ ବିରୋଧରେ ଭୋଟ ଦେଇ ବିଜେପି ସାଂସଦମାନେ ରାଜ୍ୟର ବ୍ୟାପକ କ୍ଷତି ହେବାକୁ ସମର୍ଥନ କଲେ। ଏହାକୁ ଓଡ଼ିଶା ବାସୀ କେବେ ଭୁଲି ପାରିବେ ନାହିଁ। ବିଜେପି ହେଉଛି ବ୍ୟବସାୟୀ ମାନଙ୍କ ପାର୍ଟି। ବ୍ୟବସାୟୀ ମାନଙ୍କ ହିତକୁ ପ୍ରାଧାନ୍ୟ ଦେବାକୁ ବିଜେପି ଦଳ ଓଡ଼ିଶାକୁ ଲୁଣ୍ଠନ କରିବା ଯୋଜନା କରିଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା

**ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ ରହିଲେ**

**ବିଜେପି ବ୍ୟବସାୟୀମାନଙ୍କ ପାର୍ଟି: ବିଜେଡି**

ପାଇଁ ଏମଏମଡିଆର ଆଇନକୁ ସଂଶୋଧନ କରାଯାଇଛି। ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟ ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ▶ପୃଷ୍ଠା-୭

### ଉଠା ଜଳସେଚନ ନିଗମରେ ଅଜବ ନୀତି

## ୧୧ ପଦରେ ୩ ଅଧିକାରୀ

■ ଭୁବନେଶ୍ୱର, ୨୩।୮ (ସମିସ): ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଯୋଗୁଁ ସାରା ରାଜ୍ୟରେ ଚାଷୀଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଓଡ଼ିଶା ଉଠା ଜଳସେଚନ ନିଗମର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ହେଁ ଅଜବ ନୀତି ଓ ଅପରିପକ୍ୱ ନିଷ୍ପତ୍ତି ନିଗମର ବର୍ତ୍ତମାନକୁ ପ୍ରଶ୍ନଘେରରେ ଠିଆ କରିଛି; ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବିଡ଼ମ୍ବନା ହେଉଛି, ବର୍ଷକୁ ପ୍ରାୟ ୮୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଉଠା ଜଳସେଚନ ନିଗମ ବର୍ଷାଧିକ କାଳ ହେଲା କାମଚଳା ପରିଚାଳନା ନିର୍ଦ୍ଦେଶକଙ୍କ ଅଧୀନରେ କାମ କରୁଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଲା ମୁଖ୍ୟାଳୟରେ ୧୧ଟି ଉଚ୍ଚ ପଦରେ ମାତ୍ର ୩ ଜଣ ଅଧିକାରୀ କାମ କରୁଛନ୍ତି।

ସାରା ରାଜ୍ୟରେ ଏମିତି କୌଣସି ଡିଭିଜନ ନାହିଁ, ଯେଉଁଠାରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆସିନାହିଁ। ବିନିଯୋଗପତ୍ର ପ୍ରଦାନରେ ବିଭ୍ରାଟ ଓ ବିନା ଖର୍ଚ୍ଚରେ ବିନିଯୋଗପତ୍ର ପ୍ରଦାନରେ ଉଠାଜଳସେଚନ ନିଗମ ସବୁଠାରୁ ଆଗରେ ଥିବା କୁହାଯାଉଛି। ତେବେ ଏଠାରେ ବିଭ୍ରାଟ ଓ ଅନିୟମିତତାକୁ ନୀତିରେ ପରିଣତ କରିଦିଆଯାଇଥିବା ଅଭିଯୋଗ ହୋଇଛି ଏବଂ ଏହାକୁ

**୨ ନିର୍ବାହୀ ଯନ୍ତ୍ରୀ ଓ ୨ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି ସହକାରୀ ଯନ୍ତ୍ରୀ**

**ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଲାଉଛନ୍ତି ନିର୍ବାହୀ ଯନ୍ତ୍ରୀ ଓ ଉପନିର୍ଦ୍ଦେଶକ ଦାୟିତ୍ୱ**

**ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ହୋଇନାହିଁ**

**ଇଡି ଓ ଏମ୍‌ଡି ପଦ ସମ୍ଭାଳୁଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ**

ପ୍ରୋତ୍ସାହିତ କରିବା ନିମନ୍ତେ ନୂଆ ନିଯୁକ୍ତି ଦିଆଯାଉ ନାହିଁ ଓ ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଜନାର୍ଦ୍ଦନ ମାଝୀ ଉଠାଜଳସେଚନ ନିଗମରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଡିଜାଇନ-୧)ରେ ଅବସ୍ଥାପିତ ହୋଇଛନ୍ତି। ମାତ୍ର କୌତୂହଳର କଥା ହେଉଛି ଅନ୍ୟ ଡିଭିଜନ (ଭୁବନେଶ୍ୱର)ରେ ସେ ନିର୍ବାହୀ ଯନ୍ତ୍ରୀ ଭାବରେ ମଧ୍ୟ ଅବସ୍ଥାପିତ ଓ ଏକ ସମୟରେ ସେ ଉଠାଜଳସେଚନ ନିଗମର ଉପନିର୍ଦ୍ଦେଶକ (ଯୋଜନା) ଭାବରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନରେ ସହକାରୀ ମୁଖ୍ୟ ଯନ୍ତ୍ରୀ ବିଚିତ୍ରକୁମାର ସାମଲଙ୍କ ଉପରେ ୩ଟି ଦାୟିତ୍ୱ ଲଦା ହୋଇଛି। ସେ ଏକାଧାରରେ ସହକାରୀ ମୁଖ୍ୟଯନ୍ତ୍ରୀ ପଦ ସହ ଉଠାଜଳସେଚନ ନିଗମର ବୈଷୟିକ ନିର୍ବାହୀ ନିର୍ଦ୍ଦେଶକ ପଦ ସହ ପରିଚାଳନା ନିର୍ଦ୍ଦେଶକ ପଦରେ ମଧ୍ୟ ଅବସ୍ଥାପିତ କରାଯାଇଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି ଜଣେ ସହକାରୀ ଯନ୍ତ୍ରୀ। ଅଭିଯୋଗ ଅନୁସାରେ ସହକାରୀ ଯନ୍ତ୍ରୀ (ବୈଷୟିକ) ସୁଦର୍ଶନ ଷଡ଼ଙ୍ଗୀ ଏକାଧାରରେ ୫ଟି ଦାୟିତ୍ୱ ତୁଲାଉଛନ୍ତି। ସମ୍ପ୍ରତି ସେ ମୁଖ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ସାମଗ୍ରୀ କ୍ରୟ), ନିର୍ବାହୀ ଯନ୍ତ୍ରୀ (ଡିଜାଇନ), ଅଧୀକ୍ଷଣ ଯନ୍ତ୍ରୀ (ସାମଗ୍ରୀ କ୍ରୟ ଓ ମାନ ନିୟନ୍ତ୍ରଣ) ଓ ରାଜଧାନୀଠାରୁ ୨୦୦ କିଲୋମିଟର ଦୂର ଅନୁଗୋଳ ▶ପୃଷ୍ଠା-୭

# ଫ୍ରାନ୍ସରେ ନିର୍ମାଣ ହେଲା ପ୍ରଥମ ହିନ୍ଦୁ ମନ୍ଦିର

ପ୍ୟାରିସ୍,୨୩।୮ (ଏଜେନ୍ସି): ଫ୍ରାନ୍ସରେ ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତି ପାଇଁ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ପ୍ୟାରିସ୍ ନିକଟସ୍ଥ ବୁସି-ସାଁ-ଜର୍ଜ ଅଞ୍ଚଳରେ ନିର୍ମିତ ବୋଚାସନବାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହେବ। ଏହାକୁ ଫ୍ରାନ୍ସର ପ୍ରଥମ ବଡ଼ ହିନ୍ଦୁ ମନ୍ଦିର ଭାବେ ବର୍ଣ୍ଣନା କରାଯାଉଛି। ମନ୍ଦିର ଉଦ୍‌ଘାଟନ ଅବସରରେ ସେପ୍ଟେମ୍ବର ୨ରୁ ୧୪ ପର୍ଯ୍ୟନ୍ତ ୧୩ ଦିନିଆ 'ସଂସ୍କୃତି ମହୋତ୍ସବ' ଆୟୋଜିତ ହେବ। ଏଥିରେ ହିନ୍ଦୁ ପରମ୍ପରା, ଭାରତୀୟ କଳା, ସଙ୍ଗୀତ ଓ ସଂସ୍କୃତିର ବିଭିନ୍ନ ଦିଗ ପ୍ରଦର୍ଶିତ ହେବ। ଏହି ମନ୍ଦିର କେବଳ ପୂଜାପାଠ ପାଇଁ ସୀମିତ ରହିବ ନାହିଁ। ଏଠାରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଫ୍ରାନ୍ସରେ ରହୁଥିବା ଭାରତୀୟ ବଂଶୋଦ୍ଭବ, ହିନ୍ଦୁ ସମୁଦାୟ ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହୀ ଲୋକମାନେ ଉଦ୍‌ଘାଟନ ଓ ସଂସ୍କୃତି ମହୋତ୍ସବରେ ଯୋଗଦେବେ ବୋଲି ଆଶା କରାଯାଉଛି। ମନ୍ଦିରର ସବୁଠାରୁ ବିଶେଷ ଆକର୍ଷଣ ହେଉଛି ଏହାର ସ୍ଥାପତ୍ୟ। ଭାରତରୁ ସ୍ୱତନ୍ତ୍ର ଭାବେ ଖୋଦିତ ପଥର ଫ୍ରାନ୍ସକୁ ନେଇ ମନ୍ଦିର ନିର୍ମାଣରେ ବ୍ୟବହାର କରାଯାଇଛି। ପ୍ରାୟ ୧,୦୦୦ ବର୍ଷ ପୁରୁଣା ଭାରତୀୟ ପଥର ଖୋଦେଇ ପରମ୍ପରା ଅନୁସରଣ କରି କାରିଗରମାନେ ଅନେକ ପଥରକୁ ହାତରେ ସୂକ୍ଷ୍ମ ଭାବେ ଖୋଦେଇଛନ୍ତି। ଭାରତରେ ପଥରଗୁଡ଼ିକ ପ୍ରସ୍ତୁତ ହେବା ପରେ ଫ୍ରାନ୍ସକୁ ନିଆଯାଇ ସେଠାରେ ମନ୍ଦିରରେ ସଂଯୋଜନ କରାଯାଇଛି। ଏହି ନିର୍ମାଣରେ ଭାରତୀୟ କାରିଗରଙ୍କ ସହ ଫ୍ରାନ୍ସର ବିଶେଷଜ୍ଞମାନେ ମଧ୍ୟ କାମ କରିଛନ୍ତି। ଏପରିକି ନୋତ୍ର-ଦାମ୍ କ୍ୟାଥେଡ୍ରାଲର ପୁନରୁଦ୍ଧାର କାମରେ ଜଡ଼ିତ ବିଶେଷଜ୍ଞମାନେ ମଧ୍ୟ ନିର୍ମାଣରେ ସହଯୋଗ କରିଛନ୍ତି।



● ସେପ୍ଟେମ୍ବରରେ ୧୩ ଦିନିଆ ଉଦ୍‌ଘାଟନୀ ମହୋତ୍ସବ

## ୮ ବର୍ଷ ଧରି ସ୍ୱାମୀଙ୍କଠୁ ଲୁଚାଇ ରଖିଥିଲେ ମହିଳା

# ମୂଷା କାଟିଦେଲେ ୧୨ ଲକ୍ଷ ଟଙ୍କା

ଲକ୍ଷ୍ନୌ,୨୩।୮ (ଏଜେନ୍ସି): ଉତ୍ତର ପ୍ରଦେଶରୁ ଜଣେ ମହିଳାଙ୍କ ଦ୍ୱାରା ସଞ୍ଚିତ ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥକୁ ମୂଷାମାନେ କାଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ମହିଳା ଜଣକ ନିଜ ସ୍ୱାମୀଙ୍କଠାରୁ ଏହି ଅର୍ଥକୁ ଲୁଚାଇ ରଖିଥିଲେ। ନିଜ ସ୍ୱାମୀଙ୍କ ଅଗୋଚରରେ ଦୀର୍ଘ ପ୍ରାୟ ୮ ବର୍ଷ ଧରି ଏହି ବିପୁଳ ପରିମାଣର ନଗଦ ଅର୍ଥ ସଞ୍ଚୟ କରିଆସୁଥିଲେ। ସେ ଏହି ସଞ୍ଚିତ ଟଙ୍କାକୁ ଘରେ ଥିବା ଏକ ଟ୍ରଙ୍କ ଭିତରେ ସୁରକ୍ଷିତ ଭାବେ ରଖିଥିଲେ। ସଞ୍ଚିତ ଅର୍ଥରେ ସୁନା ଗହଣା କିଣିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ଯେତେବେଳେ ମହିଳା ଜଣକ ସେହି ଟ୍ରଙ୍କଟିକୁ ଖୋଲିଥିଲେ, ସେତେବେଳେ ସେ ଦେଖିବାକୁ ପାଇଲେ ଯେ ସଞ୍ଚିତ ନୋଟ୍‌ଗୁଡ଼ିକୁ ମୂଷାମାନେ କାଟି ନଷ୍ଟ କରିଦେଇଛନ୍ତି। ଉକ୍ତ ଟ୍ରଙ୍କ ଭିତରେ ରହିଥିବା ଅନେକ ନୋଟ୍‌କୁ ମୂଷାମାନେ ସମ୍ପୂର୍ଣ୍ଣ ଭାବେ କୁତୁରି କ୍ଷତିଗ୍ରସ୍ତ କରିଦେଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ନଷ୍ଟ ହୋଇଯାଇଥିବା ନଗଦ ଟଙ୍କାର ଏକ ଭିଡିଓ ଅନଲାଇନରେ ବହୁଳ ଭାବେ ଭାଇରାଲ୍ ହେବାରେ ଲାଗିଛି।



## ଦିଲ୍ଲୀରେ ମଧ୍ୟ ଆଇଫୋନ୍ ଇଏମ୍ଆଇ ଚିନ୍ତା

# ଯମୁନା ନଦୀକୁ ଡେଇଁ ନୃତ୍ୟ ଶିକ୍ଷକଙ୍କ ଆତ୍ମହତ୍ୟା ଉଦ୍ୟମ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ମହାରାଷ୍ଟ୍ରରେ ଫୋନ୍ ପାଇଁ ପରିବାର ନିଶ୍ଚିହ୍ନ ହେବା ଭଳି ଦୁଃଖଦ ଘଟଣା ପରେ ଦିଲ୍ଲୀରୁ ମଧ୍ୟ ସମାନ ପ୍ରକାରର ଘଟଣା ସାମ୍ନାକୁ ଆସିଛି। ଆଇଫୋନ୍ କିସ୍ତି ବା ଇଏମ୍ଆଇ ଟଙ୍କା ପୈଠ କରିନପାରି ଜଣେ ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତେବେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀଙ୍କ ସତର୍କତା ଯୋଗୁଁ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଜଣକ ହେଲେ ଦିଲ୍ଲୀର ଓଖ୍ଲା ଅଞ୍ଚଳରେ ରହୁଥିବା ୩୦ ବର୍ଷୀୟ ନୃତ୍ୟ ଶିକ୍ଷକ ଦୀପକ କୁମାର। ସେ ପରିବାର ପ୍ରତିପୋଷଣ ପାଇଁ ନୃତ୍ୟ ଶିକ୍ଷାଦାନ ସହିତ ବଗିଚା କାମ ମଧ୍ୟ କରନ୍ତି। ଗତ କିଛି ମାସ ହେବ ତାଙ୍କର ଆୟ କମିଯାଇଥିଲା, ଯେଉଁଥିପାଇଁ ସେ କିଣିଥିବା ଆଇଫୋନର ମାସିକ କିସ୍ତି ପୈଠ କରିପାରି ନଥିଲେ। ଏହି ଆର୍ଥିକ ଚାପ ଏବଂ ମାନସିକ ଅବସାଦ କାରଣରୁ ସେ ଗତ ଶୁକ୍ରବାର କାଳୀନ୍ଦୀ କୁଞ୍ଜର ଏକ ଘାଟରୁ ଯମୁନା ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀମାନେ ତାଙ୍କୁ ପାଣିରେ ବୁଡ଼ୁଥିବାର ଦେଖି ତୁରନ୍ତ ଉଦ୍ଧାରକାରୀ ବୋଟ୍ ପଠାଇ ତାଙ୍କୁ ସୁରକ୍ଷିତ ଭାବେ ବାହାର କରିଆଣିଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଆଶ୍ୱାସନା ଏବଂ ପରାମର୍ଶ ଦିଆଯିବା ପରେ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ ଥାନାକୁ ଡକାଇ ସୁରକ୍ଷିତ ଭାବେ ଘରକୁ ପଠାଇ ଦିଆଯାଇଛି। ମୋବାଇଲ ଫୋନକୁ ନେଇ କେବଳ ଛୋଟ ପିଲାଙ୍କ ମଧ୍ୟରେ ନୁହେଁ, ବୟସ୍କ ଲୋକମାନେ ମଧ୍ୟ ମୋହରେ ପଡୁଛନ୍ତି ବୋଲି ଏହି ଘଟଣାରୁ ପ୍ରମାଣିତ ହେଉଛି। ମୋବାଇଲ ଫୋନକୁ ନେଇ ବୃଦ୍ଧିପାଉଥିବା ଏହି ଭାବ ପ୍ରବଣତା ଏକ ନୂଆ ସାମାଜିକ ସମସ୍ୟା ରୂପେ ଉଭା ହୋଇଛି।



## ତୁର୍କୀରୁ ପହଞ୍ଚିଲା ଡ୍ରୋନ୍ ସହ ସାମରିକ ସାମଗ୍ରୀ

# ପ୍ରତିରକ୍ଷା ଚୁକ୍ତି ଆଳରେ ପାକିସ୍ତାନର ଅସ୍ତ୍ର ସଂଗ୍ରହ


ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ସାଉଦି ଆରବ ଓ ତୁର୍କୀ ସହ ପ୍ରତିରକ୍ଷା ସହଯୋଗକୁ ଆଧାର କରି ପାକିସ୍ତାନ ନିଜର ସାମରିକ ଅସ୍ତ୍ରଭଣ୍ଡାର ବଢ଼ାଉଥିବା ଦାବି କରାଯାଇଛି। ଅଗଷ୍ଟ ୧୯ରୁ ୨୧ ମଧ୍ୟରେ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ତୁର୍କୀର ଅନେକ ସାମରିକ ବିମାନ ପାକିସ୍ତାନର ବିଭିନ୍ନ ବାୟୁସେନା ଘାଟିରେ ଯାତାୟାତ କରିଥିବା ସୂଚନା ମିଳିଛି। ଏଥିରେ ସି-୧୩୦ ସାମରିକ ପରିବହନ ବିମାନ ଓ ଏ-୪୦୦ଏମ୍ ବିମାନ ସାମିଲ ଥିବା ଦାବି କରାଯାଇଛି। ତୁର୍କୀ ପକ୍ଷରୁ ପାକିସ୍ତାନକୁ ବିଭିନ୍ନ ପ୍ରକାରର ଡ୍ରୋନ ଓ ପ୍ରତିରକ୍ଷା ସାମଗ୍ରୀ ପଠାଯାଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, ପାକିସ୍ତାନ ତୁର୍କୀଠାରୁ ବାୟରାକ୍ତାର ଟିବି-୨, ଆକିନ୍ସି ଡ୍ରୋନ୍ ଏବଂ କେମାଙ୍କଶ୍ କ୍ରୁଜ୍ କ୍ଷେପଣାସ୍ତ୍ର ଭଳି ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ପାଇଥିବା ଦାବି ହୋଇଛି। ପାକିସ୍ତାନର ଏଫ୍-୧୬ ଯୁଦ୍ଧବିମାନର ଉନ୍ନତିକରଣରେ ମଧ୍ୟ ତୁର୍କୀ ସହଯୋଗ କରିଥିବା କୁହାଯାଇଛି। ଅଗଷ୍ଟ ୭ରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ହୋଇଥିବା ମକ୍କା ଯୁକ୍ତ ପ୍ରତିରକ୍ଷା ଚୁକ୍ତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଏହି ଚୁକ୍ତିର ମୁଖ୍ୟ ଧାରଣା ହେଉଛି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟ ଦେଶଗୁଡ଼ିକ ସହାୟତା କରିବେ।

ଏହି କାରଣରୁ ଏହାକୁ ନାଟୋ ଭଳି ସାମରିକ ସହଯୋଗ ବ୍ୟବସ୍ଥା ସହ ତୁଳନା କରାଯାଉଛି। ଅନ୍ୟପକ୍ଷରେ, ବେଲୁଚିସ୍ତାନରେ ବଢ଼ୁଥିବା ସଶସ୍ତ୍ର ବିଦ୍ରୋହ ପାକିସ୍ତାନ ସରକାର ପାଇଁ ବଡ଼ ଚାଲେଞ୍ଜ ହୋଇଛି। ବେଲୁଚିସ୍ତାନ ଲିବରେସନ୍ ଆର୍ମି ସମେତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ସକ୍ରିୟ ଥିବା ରିପୋର୍ଟରେ ଦାବି କରାଯାଇଛି। ପାକିସ୍ତାନ ସେନା ବେଲୁଚିସ୍ତାନରେ ନିଜର ନିୟନ୍ତ୍ରଣ ମଜବୁତ କରିବା ପାଇଁ ନୂଆ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ପ୍ରତିରକ୍ଷା ସହଯୋଗ ଦକ୍ଷିଣ ଏସିଆ ଓ ପଶ୍ଚିମ ଏସିଆର ଭୂ-ରାଜନୈତିକ ସମୀକରଣକୁ ନୂଆ ଦିଗ ଦେଇପାରେ। ତେବେ ତୁର୍କୀରୁ ନିର୍ଦ୍ଦିଷ୍ଟ ଅସ୍ତ୍ର ଓ ଡ୍ରୋନ ଯୋଗାଣ ସମ୍ପର୍କିତ ଏହି ଦାବିଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ କରାଯାଇଛି କି ନାହିଁ, ସେଥିପାଇଁ ସତର୍କ ରହିବା ଆବଶ୍ୟକ।



# ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ପତ୍ନୀଙ୍କ ବିରୋଧରେ ୫ କୋଟିର ଲାଞ୍ଚ ଅଭିଯୋଗ

ଚଣ୍ଡୀଗଡ଼,୨୩।୮ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ପତ୍ନୀ ଗୁରପ୍ରୀତ କୌରଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲାକୁ ଲୁଚାଇବା ପାଇଁ ୫ କୋଟି ଟଙ୍କା ମାଗିଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ପଞ୍ଜାବ ରାଜନୀତିରେ ତୁମ୍ବିତୋଫାନ ଦେଖାଦେଇଥିବାବେଳେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଜାତୀୟ ମାନବାଧିକାର ଆୟୋଗ ଏହି ମାମଲାରେ ନୋଟିସ୍ ଜାରି କରିବା ପରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣାତ୍ମକ ହୋଇଛନ୍ତି। ପଞ୍ଜାବର ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଅଭିଯୋଗ ହୋଇଛି ଯେ ଜଣେ ଅବସରପ୍ରାପ୍ତ ବିଚାରପତି ସର୍ବସାଧାରଣରେ ଏହି ଟଙ୍କା ଲେଣଦେଣ କଥା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ଆମ୍ ଆଦମୀ ପାର୍ଟି ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଏବଂ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଦଳର ମହିଳା ମୋର୍ଚ୍ଚା ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏହି ମାମଲାରେ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ମିଥ୍ୟା ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ପଠାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଏହି ପ୍ରସଙ୍ଗ ପଞ୍ଜାବ ରାଜନୀତିକୁ ପୂରା ସରଗରମ କରିଛି।



# ପ୍ରତିରକ୍ଷା ମନ୍ତ୍ରଣାଳୟର ଗର୍ଭବତୀ ମହିଳା ଅଧିକାରୀ ମୃତ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ସହକାରୀ ସେକ୍ସନ ଅଧିକାରୀ ତଥା ୩୦ ବର୍ଷୀୟା ଗର୍ଭବତୀ ମହିଳା ନାଜିଆ ଖାନମ୍‌ଙ୍କୁ ରହସ୍ୟଜନକ ଅବସ୍ଥାରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ସ୍ୱାମୀ ଏବଂ ଶାଶୂଘର ଲୋକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଅଣାଯାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୧ରେ ନାଜିଆଙ୍କର ଆଜମ ଅଲି ଖାନଙ୍କ ସହିତ ବିବାହ ହୋଇଥିଲା। ବିବାହର ମାତ୍ର ୪ ମାସ ପରେ ଏଭଳି ଦୁଃଖଦ ଘଟଣା ଘଟିଛି। ସେ ତିନି ମାସର ଗର୍ଭବତୀ ମଧ୍ୟ ଥିଲେ। ବିବାହ ପରଠାରୁ ସ୍ୱାମୀ, ଶାଶୂ ସମିନ ନିଶା ଏବଂ ଶ୍ୱଶୁର ବାବର ଅଲି ଖାନ ତାଙ୍କୁ କ୍ରମାଗତ ଭାବେ ଗାଳିଗୁଲଜ, ମାଡ଼ପିଟ୍ ଏବଂ ଘରୁ ବାହାର କରିଦେବାକୁ ଧମକ ଦେଉଥିବା ନେଇ ସେ ପରିବାରକୁ ଜଣାଇଥିଲେ। ଗତ ଅଗଷ୍ଟ ୨୧ ତାରିଖ ଭୋର ପ୍ରାୟ ୪ଟା ସମୟରେ ନାଜିଆ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ଖବର ମିଳିଥିଲା। କିନ୍ତୁ ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ହତ୍ୟା ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି। ନାଜିଆଙ୍କ ପିତା ତାଙ୍କ ସ୍ୱାମୀଙ୍କୁ ଏହି ମୃତ୍ୟୁ ପାଇଁ ଦାୟୀ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



ଶାଶୂଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

# କାଶ୍ମୀରର ୧୦ଟି ସ୍ଥାନରେ ଏନ୍ଆଇଏ ଚଢ଼ଉ

ଶ୍ରୀନଗର, ୨୩।୮ (ଏଜେନ୍ସି): ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜାତୀୟ ତଦନ୍ତ ସଂସ୍ଥା ଏନ୍ଆଇଏ କାଶ୍ମୀରର ୧୦ଟି ସ୍ଥାନରେ ଚଢ଼ଉ କରିଛି। ଶ୍ରୀନଗର, କୁପୱାରା, ଅନନ୍ତନାଗ, ପୁଲୱାମା ଓ ବଡଗାମରେ ଏହି ତଲାସି ହୋଇଛି। ପାକିସ୍ତାନରୁ ପରିଚାଳିତ ଆତଙ୍କବାଦୀ ନେଟୱର୍କ ଓ ସ୍ଥାନୀୟ ଓଭରଗ୍ରାଉଣ୍ଡ ୱର୍କର୍ (ଓଜିଡବ୍ଲ୍ୟୁ)ଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଚାଲିଛି। ଏହି ସ୍ଥାନୀୟ ସହଯୋଗୀମାନେ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କୁ ଆଶ୍ରୟ, ଯାତାୟାତ, ଲୁଚାଇବା ଓ ଅନ୍ୟାନ୍ୟ ସହାୟତା ଯୋଗାଇଥିବା ଅଭିଯୋଗ ରହିଛି। ମାର୍ଚ୍ଚ ୩୧ରେ ଲସ୍କର-ଏ-ତୋଏବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ଓଜିଡବ୍ଲ୍ୟୁଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କଠାରୁ ହ୍ୟାଣ୍ଡଗ୍ରେନେଡ୍ ଓ ଗୁଳି ଜବତ ହୋଇଥିଲା। ଏନ୍ଆଇଏ ଏବେ ଦଲିଲ, ଡିଜିଟାଲ ତଥ୍ୟ, ଅସ୍ତ୍ରଶସ୍ତ୍ର, ଆର୍ଥିକ କାରବାର ଓ ଯୋଗାଯୋଗ ମାଧ୍ୟମ ସମ୍ପର୍କରେ ପ୍ରମାଣ ସଂଗ୍ରହ କରୁଛି। ଏହି ନେଟୱର୍କର ସମ୍ପୂର୍ଣ୍ଣ ଗଠନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଚିହ୍ନଟ କରିବା ତଦନ୍ତର ମୁଖ୍ୟ ଉଦ୍ଦେଶ୍ୟ।

■ ଅପରେସନ୍ ସିନ୍ଦୂର ୧୫ ମାସ ପରେ

# ପୁଣି ନିର୍ମାଣ ହେଲା ଜୈଶ୍‌ର ବାହାବଲପୁର ଘାଟି

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର' ଆକ୍ରମଣରେ ପାକିସ୍ତାନର ବାହାବଲପୁରସ୍ଥିତ ଜୈଶ-ଏ-ମହମ୍ମଦର ପ୍ରମୁଖ ଘାଟି 'ମର୍କଜ ସୁଭାନ ଆଲ୍ଲାହ' ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧୫ ମାସ ପରେ ଏହି ପରିସରର ପୁନଃନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦାବି କରାଯାଇଛି। ଏହାର ପୁନଃନିର୍ମାଣର ଭିଡିଓ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ପଞ୍ଜାବ ପ୍ରଦେଶରେ ଥିବା ଏହି ବିଶାଳ ପରିସରରେ ନୂଆ ମାର୍ବଲ ଲଗାଯାଇଛି, ନୂଆ ରଙ୍ଗ ଓ ପ୍ଲାଷ୍ଟର କରାଯାଇଛି। ଆକ୍ରମଣରେ କ୍ଷତିଗ୍ରସ୍ତ ଗୁମ୍ବଜଗୁଡ଼ିକୁ ମଧ୍ୟ ପୁଣି ନିର୍ମାଣ କରାଯାଇଛି। ମୁଖ୍ୟ ହଲ୍‌ରେ ହୋଇଥିବା କ୍ଷତିର ଚିହ୍ନ ଓ ଗର୍ତ୍ତଗୁଡ଼ିକୁ ପୂରଣ କରି ଭବନକୁ ପୁଣି ସଜାଯାଇଛି। ଇଣ୍ଡିଆ ଟୁଡେର ଗୁପ୍ତଚର ସୂଚନା ଅନୁସାରେ, ଜୈଶ-ଏ-ମହମ୍ମଦର ଏହି ଘାଟିର ପୁନଃନିର୍ମାଣ ପାଇଁ ପ୍ରାୟ ୨୫ କୋଟି ପାକିସ୍ତାନୀ ଟଙ୍କା କିସ୍ତିରେ ଦିଆଯାଇଥିବା ଦାବି ହୋଇଛି। ଏଥିରୁ ପ୍ରାୟ ୧୧ କୋଟି ପାକିସ୍ତାନୀ ଟଙ୍କା କେବଳ ମୁଖ୍ୟ ହଲ୍‌ର ପୁନଃନିର୍ମାଣରେ ଖର୍ଚ୍ଚ ହୋଇଥିବା କୁହାଯାଇଛି। ମୁଖ୍ୟ ପରିସର ନିକଟରେ ଥିବା ମଦ୍ରାସା ଅଲ୍-ସାବିର ଓ ଜୈଶ ନେତାଙ୍କ ଆବାସିକ ଅଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଅଞ୍ଚଳରେ ମଧ୍ୟ ପୁଣି ନିର୍ମାଣ କାମ ଆରମ୍ଭ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୫ ମେ ୭ରେ ଭାରତ 'ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ଏହାର ପୃଷ୍ଠଭୂମିରେ ଥିଲା ୨୦୨୫ ଏପ୍ରିଲ ୨୨ର ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯାନରେ ବାହାବଲପୁରର 'ମର୍କଜ ସୁଭାନ ଆଲ୍ଲାହ' ମଧ୍ୟ ଭାରତୀୟ ଆକ୍ରମଣର ଲକ୍ଷ୍ୟ ହୋଇଥିଲା। ଆକ୍ରମଣ ପରେ ଏହି ପରିସରର ଅନେକ ଅଂଶ ବହୁ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା। 'ମର୍କଜ ସୁଭାନ ଆଲ୍ଲାହ' ପ୍ରାୟ ୧୮ ଏକର ଅଞ୍ଚଳରେ ଅବସ୍ଥିତ। ଏହାକୁ 'ଉସମାନ-ଓ-ଅଲି କ୍ୟାମ୍ପସ' ନାମରେ ମଧ୍ୟ ଜଣାଯାଏ। ଏଠାରେ ମସଜିଦ ସହିତ ଅନ୍ୟାନ୍ୟ ଭବନ ଓ ସୁବିଧା ଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଏହି କେନ୍ଦ୍ର ଜୈଶ-ଏ-ମହମ୍ମଦର କ୍ୟାଡର ନିଯୁକ୍ତି, ପ୍ରଶିକ୍ଷଣ ଓ ଚିନ୍ତାଧାରାଗତ ପ୍ରସ୍ତୁତି ସହ ଜଡ଼ିତ ଥିଲା। ଏହି ସଂଗଠନକୁ ପାକିସ୍ତାନ ୨୦୦୨ରେ ନିଷିଦ୍ଧ କରିଥିଲେ ମଧ୍ୟ, ଏହାର ନେତାମାନେ ପାକିସ୍ତାନରେ ରହି କାର୍ଯ୍ୟକଳାପ ଜାରି ରଖିଥିବା ଭାରତୀୟ ରିପୋର୍ଟରେ ଦାବି କରାଯାଇଛି। ଜୈଶ-ଏ-ମହମ୍ମଦ ସହ ୨୦୦୧ର ସଂସଦ ଆକ୍ରମଣ, ୨୦୧୬ର ପଠାନକୋଟ ବାୟୁସେନା ଘାଟି ଆକ୍ରମଣ ଏବଂ ୨୦୧୯ର ପୁଲୱାମା ଆତ୍ମଘାତୀ ଆକ୍ରମଣ ଭଳି ଅନେକ ବଡ଼ ଆତଙ୍କବାଦୀ ଘଟଣାର ସମ୍ପର୍କ ଥିବା ଅଭିଯୋଗ ରହିଛି। ୨୦୨୫ ମେ ୭ର ଭାରତୀୟ ଆକ୍ରମଣରେ ଜୈଶ ମୁଖ୍ୟ ମସୁଦ ଅଜହରଙ୍କ କିଛି ସମ୍ପର୍କୀୟ ମଧ୍ୟ ନିହତ ହୋଇଥିବା ଜୈଶ ପକ୍ଷରୁ ଦାବି କରାଯାଇଥିଲା।



# ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ନାଗେଶ୍ୱର ରାଓଙ୍କୁ ଗିରଫ କଲା ଇଡି

ଅମରାବତୀ,୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ୱାଇଏସଆରସିପି ନେତା କାରୁମୁରୀ ନାଗେଶ୍ୱର ରାଓଙ୍କୁ ରବିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ପୂର୍ବତନ ସରକାରଙ୍କ ଶାସନ କାଳରେ ରାଜ୍ୟରେ ମଦ ପରିବହନରେ ହୋଇଥିବା ଅନିୟମିତତା ଏବଂ ଅର୍ଥ ହେରଫେର ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କୁ ଅର୍ଥ ହେରଫେର ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅଧୀନରେ ଗିରଫ କରାଯାଇଛି। ପୂର୍ବରୁ ଜୁନ୍‌ରେ ଏହି ମାମଲାରେ ଇଡି ନାଗେଶ୍ୱର ରାଓଙ୍କ ପୁଅ କାରୁମୁରୀ ସୁନୀଲ କୁମାରଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ନାଗେଶ୍ୱର ରାଓ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ. ଜଗନ ମୋହନ ରେଡ୍ଡୀଙ୍କ ସରକାରରେ ନାଗରିକ ଯୋଗାଣ ମନ୍ତ୍ରୀ ରହିଥିଲେ। ସେତେବେଳେ ରାଜ୍ୟରେ ମଦ ପରିବହନ କ୍ଷେତ୍ରରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା ଏବଂ ସରକାରୀ କୋଷାଗାରରୁ ପ୍ରାୟ ୧୯୫.୩୩ କୋଟି ଟଙ୍କାର ହେରଫେର ହୋଇଥିବା ଇଡିର ତଦନ୍ତରୁ ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତି କରି ଚଳିତ ବର୍ଷ ମେ ମାସରେ ଇଡି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ସଂପୃକ୍ତ ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ପୂର୍ବରୁ ଗିରଫ ହୋଇଛନ୍ତି। ଏହାସହ ଇଡି ରାଜ୍ୟ ପାନୀୟ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଦୋନ୍ତିରେଡ୍ଡୀ ବାସୁଦେବ ରେଡ୍ଡୀ ଏବଂ ମୁଖ୍ୟ ଅଭିଯୁକ୍ତ କାଶୀରେଡ୍ଡୀ ରାଜା ଶେଖର ରେଡ୍ଡୀଙ୍କୁ ମଧ୍ୟ ଗିରଫ କରିଛି।



# ଜାପାନ୍‌ରେ ୫.୯ ତୀବ୍ରତାର ଭୂମିକମ୍ପ

ଟୋକିଓ,୨୩।୮ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓ ସମେତ କାଣ୍ଟୋ ଅଞ୍ଚଳରେ ରବିବାର ୫.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପରେ ୩୭ ଜଣ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣ ଇବାରାକି ପ୍ରିଫେକ୍ଚରରେ ଭୂପୃଷ୍ଠଠାରୁ ପ୍ରାୟ ୬୮ କିଲୋମିଟର ଗଭୀରରେ ଥିଲା। ପ୍ରାୟ ଏକ ମିନିଟ୍ ଧରି ଏହାର କମ୍ପନ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ ଜାପାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୁନାମି ସତର୍କତା ଜାରି କରାଯାଇନାହିଁ। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ସମାନ ତୀବ୍ରତାର ଆଫ୍ଟରଶକ୍ ହୋଇପାରେ ବୋଲି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଭୂମିକମ୍ପ ଯୋଗୁଁ କାଣ୍ଟୋ ଅଞ୍ଚଳରେ ରେଳ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଅନେକ ଟ୍ରେନ୍ ଲାଇନ୍‌ରେ ବିଳମ୍ବ ଦେଖାଦେଇଥିଲା।

## ୧୧ ବର୍ଷରେ ରେକର୍ଡ ଖର୍ଚ୍ଚ

# କେନ୍ଦ୍ର ମନ୍ତ୍ରୀମାନଙ୍କ ବାସଭବନ ମରାମତିରେ ୫୭୪ କୋଟି ବ୍ୟୟ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଦିଲ୍ଲୀର ପ୍ରତିଷ୍ଠିତ ଲୁଟିୟନ୍ସ ବଙ୍ଗଳା ଜୋନରେ କେନ୍ଦ୍ର ମନ୍ତ୍ରୀମାନଙ୍କ ସରକାରୀ ବାସଭବନ ଗୁଡ଼ିକ ରହିଛି। ତେବେ ସେଗୁଡ଼ିକର ନବୀକରଣ, ସାଜସଜ୍ଜା ଏବଂ ମରାମତି ବାବଦରେ ବିଗତ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୯୨.୩୫ କୋଟି ଟଙ୍କା ବ୍ୟୟ କରାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅଧୀନରେ ଦାଖଲ କରାଯାଇଥିବା ଏକ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୧୪-୧୫ ବର୍ଷରେ ଏହି ଖର୍ଚ୍ଚ ୨୭.୪୭ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ୧୧ ବର୍ଷରେ ୫୪୭ କୋଟିରୁ ଅଧିକ ବ୍ୟୟ ହୋଇଥିବା ଜଣାପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ୨୦୧୪-୧୫ ରୁ ୨୦୨୫-୨୬ ମଧ୍ୟରେ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ନିର୍ମାଣ ବିଭାଗ (ସିପିଡବ୍ଲ୍ୟୁଡି) ମାଧ୍ୟମରେ ଏହି ସରକାରୀ ବାସଭବନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସମୁଦାୟ ୫୪୭.୬୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସିପିଡବ୍ଲ୍ୟୁଡି ଅନୁସାରେ, ମୁଦ୍ରାସ୍ଫୀତି ଏବଂ ପ୍ରାୟ ଶତାବ୍ଦୀ ପୁରୁଣା ଏହି ଔପନିବେଶିକ ଅଟ୍ଟାଳିକାଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟୟ ବଢ଼ିବା ଯୋଗୁଁ ୨୦୨୫-୨୬ର ଆର୍ଥିକ ବ୍ୟୟ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଏହି ବଙ୍ଗଳାଗୁଡ଼ିକ ପ୍ରାୟ ୮୦, ୯୦ କିମ୍ବା ୧୦୦ ବର୍ଷର ପୁରୁଣା। ଏଠାରେ ଥିବା ବାସଭବନଗୁଡ଼ିକର କାନ୍ଥ ଓ ଛାତରୁ ପାଣି ଗଳିବା, ଉଇ ଲାଗିବା, ପୁରୁଣା ବୈଦ୍ୟୁତିକ ବ୍ୟବସ୍ଥା ଏବଂ ପ୍ଲମ୍ବିଂ ତ୍ରୁଟି ଭଳି ସମସ୍ୟା କ୍ରମାଗତ ଭାବେ ଦେଖାଦେଉଛି। କେତେକ ବଙ୍ଗଳା ଅସୁରକ୍ଷିତ ହୋଇପଡ଼ିଥିବାରୁ ସେଗୁଡ଼ିକର ଜରୁରୀ ମରାମତି ଆବଶ୍ୟକ ହେଉଛି। ଦିଲ୍ଲୀର ଏହି ପ୍ରସିଦ୍ଧ ବଙ୍ଗଳା ଜୋନ୍ ୧୯୧୨ ରୁ ୧୯୩୦ ମଧ୍ୟରେ ବ୍ରିଟିଶ ଶାସନ କାଳରେ ଭାରତରେ ସାମ୍ରାଜ୍ୟବାଦୀ ଶାସନର ରାଜଧାନୀ ଭାବେ ନିର୍ମିତ ହୋଇଥିଲା। ତାହାକୁ ସ୍ୱାଧୀନତା ପରେ ସରକାରୀ ପଦାଧିକାରୀଙ୍କ ବାସଭବନରେ ରୂପାନ୍ତରିତ କରାହୋଇଥିଲା।

୨୦୨୫-୨୬ରେ ଖର୍ଚ୍ଚ ହୋଇଛି ୯୨ କୋଟି

# ପ୍ରଥମ ମହିଳା ମିମିକ୍ରି କଳାକାର ଆଶା ସିଂହଙ୍କ ପରଲୋକ

ମୁମ୍ବଇ,୨୩।୮ (ଏଜେନ୍ସି): ବିଶିଷ୍ଟ ଅଭିନେତ୍ରୀ, ସମାଜସେବୀ ଏବଂ ପ୍ରସିଦ୍ଧ ମିମିକ୍ରି କଳାକାର ଆଶା ସିଂହ ଜୈସୱାଲଙ୍କର ପରଲୋକ ଘଟିଛି। ଗତକାଲି ସନ୍ଧ୍ୟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପୁତ୍ର ଆକାଶ ଭରଦ୍ୱାଜ ସୋସିଆଲ ମିଡିଆ ମାଧ୍ୟମରେ ଏହି ଦୁଃଖଦ ଖବର ଜଣାଇଛନ୍ତି। ଭାରତର ପ୍ରଥମ ମହିଳା ମିମିକ୍ରି କଳାକାର ଭାବେ ଅଭିନେତ୍ରୀ ମୀନା କୁମାରୀଙ୍କ ସ୍ୱରର ନକଲ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅଭିନୟ ଏବଂ ମିମିକ୍ରି ବ୍ୟତୀତ ସେ ସମାଜସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଥିଲେ।



ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା

# ଘରୋଇ କଲେଜ ଅଧ୍ୟାପକ, ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୨୩।୮ (ସମିସ): ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବା ବିଇଡି କଲେଜରେ ନିଯୁକ୍ତ ଅଯୋଗ୍ୟ କୁହାଯାଉଥିବା ୧୨୦ ଜଣ ଅଧ୍ୟାପକଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ବିଇଡ଼ି କଲେଜ ଖାଲି। ପୂର୍ବରୁ ଏନ୍‌ସିଟିଇ ମାର୍ଗଦର୍ଶିକା ଅନୁସାରେ ଅଯୋଗ୍ୟ କୁହାଯାଉଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ନିଯୁକ୍ତିକୁ ନେଇ ଅକଳରେ ପଡ଼ିବା ପରେ ଏବେ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବୃଦ୍ଧି ପାଇଛି। ଅଧ୍ୟାପକଙ୍କ ଅଭାବ ଥିବାଯୋଗୁଁ ବିଇଡ଼ି କଲେଜରେ ଶିକ୍ଷାଦାନ ବ୍ୟାହତ ହେବା ଆଶଙ୍କା ଥିବାରୁ ଏହାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ଯେନତେଣ ପ୍ରକାରେ

- ଉଚ୍ଚଶିକ୍ଷା ବିଭାଗର ଅଯୋଗ୍ୟ ବଞ୍ଚାଅ ନୀତି
- ୭୫ ବର୍ଷିଆଙ୍କୁ ବି ସୁଯୋଗ

ଏମ୍‌ଇଡି କରିଥିବା ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେଇ ଏନ୍‌ସିଟିଇ ମାନଦଣ୍ଡ ପୂରଣ କରିବାକୁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ସ୍ୱୀକୃତି ବଞ୍ଚାଇବାକୁ ଘରୋଇ କଲେଜରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ବିଇଡି କଲେଜରେ ସାମୟିକ ଭାବେ ନିୟୋଜିତ କରାଯାଉଥିବା ସୂଚନା ମିଳିଛି।

ଉଚ୍ଚଶିକ୍ଷା ପକ୍ଷରୁ ଗତ ୨୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ବେସରକାରୀ କଲେଜରେ ଶିକ୍ଷାଦାନ କରୁଥିବା ୫ ଜଣ ଅଧ୍ୟାପକଙ୍କୁ ବିଇଡି କଲେଜରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଛି। ଡେରାବିଶ ଡିଗ୍ରୀ କଲେଜର ଅଧ୍ୟାପିକା ସୁଭାଶ୍ରୀ ପଣ୍ଡାଙ୍କୁ ଫୁଲବାଣୀ ବିଇଡି କଲେଜରେ ନିୟୋଜିତ କରାଯାଇଛି। ସେହିପରି ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଶାଶ୍ୱତୀ ସୌମ୍ୟା ଲେଙ୍କା, ଚନ୍ଦ୍ରଶେଖର ଡିଗ୍ରୀ କଲେଜର ହରିଚନ୍ଦନ କର, ନୟାଗଡ଼ ଅଟୋନମସ୍ କଲେଜର ପୂଜାର୍ଚ୍ଚନା ମୁଣ୍ଡ ଏବଂ ପୁରୁଷୋତ୍ତମପୁର ତାରାତାରିଣୀ ଡିଗ୍ରୀ କଲେଜର ମିନକେତନ ନାହାକଙ୍କୁ କନ୍ଧମାଳ କଳିଙ୍ଗା ବିଇଡି କଲେଜରେ ନିୟୋଜିତ କରାଯାଇଛି। ମାତ୍ର ସେମାନେ ପରବର୍ତ୍ତୀ ସମୟରେ ସମୟରେ ଯେମିତି ନିୟମିତ ହେବାକୁ ଦାବି କରିପାରିବେ ନାହିଁ, ସେଥିପାଇଁ ମଧ୍ୟ ବାଟ ରଖାଯାଇଛି। ସମ୍ପୃକ୍ତ ଅଧ୍ୟାପକମାନେ ସ୍ଥାୟୀ ନିଯୁକ୍ତି, ନିୟମିତ କିମ୍ବା ସରକାରୀ ପ୍ରତିଷ୍ଠାନରେ ଚାକିରି ଜାରି ରଖିବାକୁ ଦାବି କରିପାରିବେ ନାହିଁ। ମୂଳ ଅନୁଷ୍ଠାନର ଚାକିରି ସମ୍ବନ୍ଧୀୟ ଦରମା, ପଦୋନ୍ନତି, ଛୁଟି ଓ ଅନ୍ୟାନ୍ୟ ସୁବିଧା ପୂର୍ବ ନିୟମ ଅନୁଯାୟୀ ରହିବ ବୋଲି କୁହାଯାଇଛି।

ଅଯୋଗ୍ୟ ଅଧ୍ୟାପକଙ୍କୁ ସୁରକ୍ଷା ଦେବାକୁ ଯାଇ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ପରେ ଗୋଟିଏ ଅଯୌକ୍ତିକ ନିଷ୍ପତ୍ତି ନେଉଥିବା ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି। ଏମ୍‌ଇଡି ଯୋଗ୍ୟତା ନ ଥାଇ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କୁ ରଖିଲେ ସ୍ୱୀକୃତି ପ୍ରତ୍ୟାହାର ହେବା ଏକପ୍ରକାର ନିଶ୍ଚିତ ହେବାରୁ ପ୍ରଥମେ ସେମାନଙ୍କୁ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅତିଥି ଅଧ୍ୟାପକ ନିଯୁକ୍ତ କରି ସ୍ୱୀକୃତି ବଜାୟ ରଖିବାକୁ ପ୍ରୟାସ କରାଯାଉଛି। ମାତ୍ର ଯୋଗ୍ୟ ଅଧ୍ୟାପକ ନ ମିଳିବା ବିଭାଗର ମୁଣ୍ଡବ୍ୟଥା ବଢ଼ାଉଛି। ଏଣୁ ଅବସର ନେଇଥିବା ଅଧ୍ୟାପକଙ୍କୁ ୭୫ ବର୍ଷରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ଶିକ୍ଷକ ଶିକ୍ଷା ସହ ଆଦୌ ଜଡ଼ିତ ନ ଥାଇ ସିଟି କଲେଜରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ସମାଧାନ ପାଇଁ ନୂତନ ନିଯୁକ୍ତି ଦେବା ପରିବର୍ତ୍ତେ ସରକାରଙ୍କ ଏହି ଅଯୋଗ୍ୟ ବଞ୍ଚାଅ ନୀତି ଶିକ୍ଷକ ଶିକ୍ଷାର ମାନକୁ ରସାତଳଗାମୀ କରୁଥିବା ଅଭିଯୋଗ ହୋଇଛି।

# ଶବ ସତ୍କାର କରିବାକୁ ଯାଇ ନିଜେ ଶବ ହୋଇଗଲେ



ବେଗୁନିଆପଡ଼ା, ୨୩।୮ (ସମିସ): ଜଣଙ୍କ ଶବ ଦାହ କରିବାକୁ ଯାଇ ଶ୍ମଶାନରେ ହୃଦ୍‌ଘାତରେ ଟଳି ପଡ଼ିଲେ ସମ୍ପର୍କୀୟ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗ୍ରାମରେ। ଭାଲିଆଝର ଗ୍ରାମର ବଳିଆ ପାଣ୍ଡିଙ୍କ ପୁଅ ମନାସ ପାଣ୍ଡି (୪୫) ଙ୍କର ଆଜି ସକାଳୁ ମୃତ୍ୟୁ ହେବା ପରେ ତାଙ୍କୁ ପରିବାର, ବନ୍ଧୁବାନ୍ଧବ ଏବଂ ସାଙ୍ଗ ସମ୍ପର୍କୀୟ ଦ୍ୱାରା ଗ୍ରାମ ଶ୍ମଶାନକୁ ସଂସ୍କାର କରିବାକୁ ନିଆଯାଇଥିଲା। ଶବ ସତ୍କାର କରିବା ଲାଗି ଏହି ବ୍ଲକ ଅନ୍ତର୍ଗତ ବୁରୁଝରୀ ପଞ୍ଚାୟତ କନିଆରୀ ବାଡ଼ି ଗ୍ରାମର ମନାସଙ୍କ ସମ୍ପର୍କୀୟ ସଙ୍ଗାତ ଭବାନୀ ସାହୁଙ୍କ ପୁଅ କରୁଣାକର ସାହୁ ଯାଇଥିଲେ। ମନାସଙ୍କ ଶବ ଦାହ ସମୟରେ ହଠାତ କରୁଣାକରଙ୍କ(୪୨) ହୃଦ୍‌ଘାତ ହେବା ଯୋଗୁଁ ସେ ସେଠାରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ସୁମଣ୍ଡଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

ଖଣି ଆଇନ ଡର

# ସ୍ୱତନ୍ତ୍ର ଅଧିବେଶନକୁ ସରକାରଙ୍କ ନା

ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ବିଲ ପାଇଁ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଦାବିରେ ରାଜ୍ୟପାଳ ଏବଂ ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଛି କଂଗ୍ରେସ। ଏହା ପୂର୍ବରୁ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକି ରାଜ୍ୟ ବିରୋଧୀ ଆଇନକୁ ବିରୋଧ କରିବାକୁ ଦାବି କରିଛନ୍ତି। ମାତ୍ର ରବିବାର ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ ସଂକ୍ରାନ୍ତ ବିରୋଧୀଙ୍କ ଦାବିକୁ ଆଗ୍ରହ୍ୟ କରିଦେଇଛନ୍ତି। ବିଧାନସଭା ଆରମ୍ଭ ହେବା ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇବ। ସରକାର ସବୁ ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ମାତ୍ର ସ୍ୱତନ୍ତ୍ର ଅଧିବେଶନକୁ ମନ୍ତ୍ରୀ ପରୋକ୍ଷରେ ଅଗ୍ରାହ୍ୟ କରିଛନ୍ତି। ତେଣୁ ରାଜ୍ୟ ସ୍ୱାର୍ଥ ହାନି ସଂକ୍ରାନ୍ତ ପ୍ରସଙ୍ଗରେ ସରକାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ଅରାଜି ଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ମଧ୍ୟ ବିଳମ୍ବିତ ହୋଇପାରେ ବୋଲି ସୂଚନା ମିଳିଛି। ଚାଷ, ଚାଷୀ, ସାର, ପଞ୍ଜିକରଣ ପ୍ରସଙ୍ଗ ସାଙ୍ଗକୁ ବନ୍ୟା

- ବିଳମ୍ବିତ ହୋଇପାରେ ବିଧାନସଭାର ମୌସୁମୀ ଅଧିବେଶନ
- ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବର୍ଷିଲା କଂଗ୍ରେସ

ପରିଚାଳନା ଓ ଏବେ ଖଣି ଆଇନ ସଂଶୋଧନ ସଂକ୍ରାନ୍ତ ପ୍ରସଙ୍ଗରେ ସାରା ରାଜ୍ୟରେ ସରକାରଙ୍କ ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ମୌସୁମୀ ଅଧିବେଶନରେ ପ୍ରତିଫଳିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହି ଅଧିବେଶନ ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ ପ୍ରସଙ୍ଗରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଉତ୍ତରରେ କ୍ଷୁବ୍ଧ ହୋଇଛି କଂଗ୍ରେସ। ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ



ନେତା ସନ୍ତୋଷ ସିଂ ସାଲୁଜା ଓ କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ରାଜେନ ଏକ୍କା ପ୍ରବଳ ବର୍ଷିଛନ୍ତି। ଶ୍ରୀ ସାଲୁଜା କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ଆଇନ ଉପରେ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ମନ୍ତ୍ରୀ ଉପ ମହାଲିଙ୍ଗ ଆଗ୍ରହ୍ୟ କରିବା ଅତି ଦୁର୍ଭାଗ୍ୟପୂର୍ଣ୍ଣ। ଏହି ବିଲ ପାରିତ ହୋଇଯିବା ଫଳରେ ରାଜ୍ୟ ପାଖାପାଖି ବାର୍ଷିକ ପ୍ରାୟ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହରାଇବା ସହିତ ବକେୟା ରାଜସ୍ୱ ଲକ୍ଷାଧିକ କୋଟି ଟଙ୍କାର କ୍ଷତି ମଧ୍ୟ ସହିବ। ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସି ଓଡ଼ିଶାର ସମସ୍ତ ଧନ ସମ୍ପତ୍ତି, ଜଳ, ଜଙ୍ଗଲ, ଜମି, ଖଣି ଖାଦାନ ଇତ୍ୟାଦି କେନ୍ଦ୍ର ସରକାର ହାତରେ ଟେକି ଦେଉଛନ୍ତି। ତେବେ ଏମଏମଡିଆର ବିଲକୁ ପ୍ରତିରୋଧ କରିବା ନେଇ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତାର ରଣନୀତି ପ୍ରସ୍ତୁତ କରି ସାରିଛି। ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଧାରଣା, ପ୍ରଦର୍ଶନ କାର୍ଯ୍ୟକ୍ରମ ହେବ ଓ ଆଗାମୀ ଦିନରେ ସମସ୍ତ ବିଜେପି ସାଂସଦଙ୍କ ଘର ମଧ୍ୟ ଘେରାଉ କରାଯିବ ବୋଲି ଦଳ ପ୍ରକାଶ କରିଛି।

■ ଖୁଦୁରୁକୁଣୀ ପ୍ରଥମ ପାଳିରେ ଅଘଟଣ

# ନଦୀରେ ବୁଡ଼ିଗଲେ ୪ ଯୁବତୀ; ଜଣେ ମୃତ

ଭଦ୍ରକ, ୨୩।୮ (ସମିସ): ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ନଦୀକୁ ଯୁବତୀମାନେ ଗାଧୋଇବାକୁ ଯାଇଥିବାବେଳେ ଏକ ଦୁଃଖଦ ଘଟଣା ଘଟିଯାଇଛି। ରବିବାର ସକାଳେ ୪ ଜଣ ଝିଅ ନଦୀକୁ ଯାଇଥିବାବେଳେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୩ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ନାଥସାହି ଗାଁର ୪ ଜଣ ଯୁବତୀ ରବିବାର ସକାଳେ ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ରେବ ନଦୀଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଶୌଚ ହେବା ସମୟରେ ଉକ୍ତ ୪ ଜଣଙ୍କର ପାଣିରେ ଗୋଡ଼ ଖସି ଯାଇଥିଲା। ସେମାନଙ୍କ ମଧ୍ୟରୁ ନାଥସାହିର ଅଙ୍କିତା ନାଥ (୧୪), ରାଧାରାଣୀ ନାଥ (୧୪), ଶୁଭଶ୍ରୀ ନାଥ (୧୫) ନିଜ ନିଜ ମଧ୍ୟରେ ହାତ ଓ ଲୁଗାପଟା ଧରାଧରି ହୋଇ ଅଳ୍ପକେ ରକ୍ଷା ପାଇଥିବାବେଳେ ଚକ୍ରଧର ନାଥଙ୍କ ଝିଅ ଇପ୍ସିତା ନାଥ (୧୮) ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଶତାଧିକ ଗ୍ରାମବାସୀ ରୁଣ୍ଡ ହେବା ସହ ଇପ୍ସିତାଙ୍କୁ ଦୀର୍ଘ ସମୟ ନଦୀରେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ ଲୋକ ନଦୀରେ କିଛି ଦୂରରେ ଇପ୍ସିତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଇପ୍ସିତାଙ୍କୁ ମୃତ ଘୋଷଣା କରିଥିଲେ।

# ରାତିଅଧିଆ ରିଲିଫ୍ ଲୁଟ୍ ଉଦ୍ୟମ

## ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ଆକ୍ରମଣ

ଯାଜପୁର, ୨୩।୮ (ସମିସ): ବନ୍ୟା ରିଲିଫ୍ ଲୁଟ୍ ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କୁ ୨ଜଣ ଯୁବକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ 'ସକାଳ' ପ୍ରତିନିଧି କୌଶିକ ଦାସ ଗତକାଲି ରାତି ପ୍ରାୟ ସାଢ଼େ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦଶରଥପୁର ଅଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ଟ୍ରକ୍ ଯୋଗେ ଆସିଥିବା ରିଲିଫ ସାମଗ୍ରୀକୁ କିଛି ଦୁର୍ବୃତ୍ତ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ରାସ୍ତା ପାଶ୍ୱର୍ ଥିବା ଏକ ଫଳ ଗୋଦାମ ନିକଟରେ ଅଟକାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଓରଫ ବିନ ଏବଂ ତାଙ୍କର ଆଉ ଜଣେ ସହଯୋଗୀ ବିରଜା ପ୍ରସାଦ ଦାସ ସାମ୍ବାଦିକ କୌଶିକ ଦାସଙ୍କ ଠାରୁ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିରୋଧ କରିବାରୁ ଉଭୟ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ତଳେ ପକାଇଦେବା ସହିତ ତାଙ୍କ ପକେଟରୁ ଟଙ୍କା ଛଡ଼ାଇ ନେଇଥିଲେ। ଆକ୍ରମଣରେ ଶ୍ରୀ ଦାସଙ୍କ ହାତ, ବେକ, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିଲା। 'ଏଠାରୁ ଚୁପଚାପ ପଳା, ନଗଲେ ଜୀବନରୁ ମାରିଦେବା ସହିତ ଘରେ



- ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ଗିରଫ ଦାବି କଲା ସାମ୍ବାଦିକ ସଙ୍ଘ
- ଥାନା ସମ୍ମୁଖରେ ଧାରଣା ଚେତାବନୀ

ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା'କୁ ଦୁଇ ଦୁର୍ବୃତ୍ତ ତାଙ୍କୁ ଧମକ ଦେଇଥିଲେ। ଭୟରେ ସାମ୍ବାଦିକ ଶ୍ରୀ ଦାସ କିଛି ସହଯୋଗୀ ସାମ୍ବାଦିକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସହଯୋଗୀ ସାମ୍ବାଦିକମାନେ ତାଙ୍କୁ ଉଦ୍ଧାର କରି ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ଦାସ ଦଶରଥପୁର ଥାନାରେ ପହଞ୍ଚି ଥାନାଧିକାରୀଙ୍କୁ ଘଟଣା ବିଷୟରେ ଜଣାଇବା ସହ ଆକ୍ରମଣରେ ସମ୍ପୃକ୍ତ ପୂର୍ବତନ ଦଶରଥପୁର ପଞ୍ଚାୟତର ସରପଞ୍ଚ ଇନ୍ଦ୍ରଜିତ ଦାସ ଓ ବିରଜା ପ୍ରସାଦ ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ କେଶ ନଂ ୧୮୮/୨୬ ଓ ଭାରତୀୟ ନ୍ୟାୟ ସଂହିତା ୨୯୬, ୧୧୫(୨), ୩୦୩(୨), ୩୫୧(୨),୩(୫) ଧାରାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଆଜି ପୂର୍ବାହ୍ନରେ ଆକ୍ରମଣରେ ସମ୍ପୃକ୍ତ ଇନ୍ଦ୍ରଜିତ ଦାସ ସାମ୍ବାଦିକ କୌଶିକ ଦାସଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମ୍ବାଦିକ ଶ୍ରୀ ଦାସଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ଜଣାପଡିବା ପରେ ଦଶରଥପୁର ବ୍ଲକ ସାମ୍ବାଦିକଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଦଶରଥପୁର ପ୍ରେସ୍ କ୍ଲବର ସଦସ୍ୟମାନେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଥାନାର ୨ଜଣ ଅଧିକାରୀ ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ଆବଶ୍ୟକ ହେଲେ ସେ ନିଜେ ମଧ୍ୟ ତଦନ୍ତ କରିବେ ଏବଂ ଦୋଷୀ ଉପରେ ନିଶ୍ଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ଦଶରଥପୁର ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୨୩।୮ (ସମିସ): ଦୀର୍ଘ ୨୪ ଘଣ୍ଟା ପରେ ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବ୍ଲୁ ଲେକ୍‌କୁ ରେମୁଣା କଲେଜ ଛାତ୍ର ତଥା କେନ୍ଦୁଝର ଜିଲ୍ଲା ଅଧୀନ ଆର୍ତ୍ତୁକଣା ଅଞ୍ଚଳର ରୋଶନ ନାୟକ(୧୮) ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟବର୍ଷ ବାଣିଜ୍ୟ ବିଭାଗ ଛାତ୍ର ତଥା ବାରିପଦାର ଭବିଷ୍ୟ ପାତ୍ର(୧୭) ଏବଂ ଉକ୍ତ କଲେଜର ତାଙ୍କ ସହପାଠୀ ତଥା ଭଦ୍ରକ ଜିଲା ଅପର୍ତ୍ତିବିନ୍ଧା ଅଞ୍ଚଳର ଅଂଶୁମାନ ପାତ୍ର(୧୮) ବୁଲିବାକୁ ଆସିଥିଲେ। ଏହି ୩ ସାଙ୍ଗ ରିଲ୍ସ ଭିଡ଼ିଓ ସୁଟ୍ କରିବା ପରେ ଭବିଷ୍ୟ ଓ ଅଂଶୁମାନ ଗାଧୋଇବା ପାଇଁ ପାଣିକୁ ପଶି ଯାଇ ଗୋଡ଼ ଖସି ଯିବାରୁ ସେମାନେ ଜଳରାଶି ଭିତରକୁ ପଶି ଯାଇଥିଲେ।

ତାମିଲନାଡୁ ଏକ୍ସପ୍ରେସ୍‌ରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣା

# ଓଡ଼ିଆ ଦମ୍ପତିଙ୍କୁ ଖୋଜୁଛି ପୁଲିସ

ଭୁବନେଶ୍ୱର, ୨୩।୮ (ସମିସ): ଆଗ୍ରା-ଚେନ୍ନାଇ ତାମିଲନାଡୁ ଏକ୍ସପ୍ରେସ୍ ପଡ଼ିଥିବା ଏକ ସୁଟ୍‌କେସ୍‌ରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ତାମିଲଡାଡୁ ପୁଲିସ ପକ୍ଷରୁ ଏକ ଓଡ଼ିଆ ଦମ୍ପତିଙ୍କୁ ଖୋଜା ଚାଲିଛି। ଏହି ଓଡ଼ିଆ ଦମ୍ପତି ତାମିଲନରାଡୁରୁ ଆସି ଓଡ଼ିଶାରେ ଲୁଚି ଥିବା ଅନୁମାନ କରାଯାଉଛି। ଏଣୁ ଓଡ଼ିଶା ପୁଲିସ ସହାୟତାରେ ତାମିଲନାଡୁ ପୁଲିସର ୩ଟି ଟିମ୍ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାପ୍ପା ମାରୁଛନ୍ତି। ଏପର୍ଯ୍ୟନ୍ତ ଉକ୍ତ ଦମ୍ପତିଙ୍କ ଠିକଣା ପାଇବାରେ ପୁଲିସ ଅସମର୍ଥ ହୋଇଛି। ତେବେ ଏହି ଦମ୍ପତି ଏଠାରୁ ସ୍ଥଳପଥରେ ଖସି ଯାଇଥିବା ଅନୁମାନ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ମୃତ ମହିଳା ଜଣଙ୍କ ହେଲେ ହୟାତୁନ୍ ନିଶା। ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ତାମିଲନାଡୁ ରାଜଧାନୀ ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଏହା ସହ ଏକ ଦମ୍ପତି ଆସାମ୍‌ର ମାନିକ ଉଦ୍ଦିନ୍ ଲସ୍କର୍ ତାଙ୍କ



ସ୍ତ୍ରୀ ତଥା ଓଡ଼ିଆ ଝିଅ ଭଗବତୀ ମାଝୀଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ହେଲେ ଗତ ଅଗଷ୍ଟ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ୍ ଚେନ୍ନାଇରୁ ବାହାରି ଆଗ୍ରା ପହଞ୍ଚିବା ମାତ୍ରେ ସେଠାରୁ ଏକ ସୁଟ୍‌କେସ୍ ମିଳିଥିଲା। ଏହି ସୁଟ୍‌କେସ୍‌ରୁ ନିଶାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ଏହାପରେ ତାମିଲନାଡୁର ଗୁଡୁଭାଞ୍ଚେଶ୍ୱରୀ ଥାନା ପୁଲିସ ଏକ ମାମଲା ରୁଜୁ କରି ପ୍ରଥମେ ନିଶା ରହୁଥିବା ଦମ୍ପତିଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲା। ହେଲେ ଏହି ଦମ୍ପତି ଫେରାର ଥିବାରୁ ତାମିଲନାଡୁ ପୁଲିସ ସନ୍ଦେହରେ ଆସିଥିଲେ।

ଏମାନଙ୍କ ଲୋକେସନ୍ ଟ୍ରେସ୍ କରାଯିବାରୁ ଜଣାପଡ଼ିଥିଲା ଭଗବତୀଙ୍କ ମୋବାଇଲ୍ ଫୋନ୍ ଶେଷଥର ପାଇଁ ଭୁବନେଶ୍ୱର ରେଳ ଷ୍ଟେସନର ପ୍ଲାଟ୍ ନମ୍ବର ୪ରେ ଅନ୍ ହୋଇଥିଲା। ଏହାପରେ ଫୋନ୍ ବନ୍ଦ ହୋଇଯାଇଥିଲା। ମାନିକ ଏକ ଡେନିମ୍ କଲର୍‌ର ଜିନ୍ସ ଏବଂ ସବୁଜ ରଙ୍ଗର ସାର୍ଟ ପିନ୍ଧିଥିଲା ବେଳେ ତାଙ୍କ ସ୍ତ୍ରୀ ଭଗବତୀ ଏକ ଲାଇଟ୍ ପିଙ୍କ୍ ରଙ୍ଗର ଚୁଡିଦାର ପିନ୍ଧିଥିଲେ। ଏଣୁ ତାମିଲନାଡୁ ପୁଲିସ ଓଡ଼ିଶାରେ ଡେରା ପକାଇବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ପ୍ରଫୁଲ୍ଲ ସାମଲ ବିଜୁ ଶ୍ରମିକ ସାମୁଖ୍ୟର ଉପଦେଷ୍ଟା, ସୁବାସ ସିଂହ ସଭାପତି

ଭୁବନେଶ୍ୱର, ୨୩।୮ (ସମିସ): ବିଜୁ ଜନତା ଦଳର ବିଜୁ ଶ୍ରମିକ ସାମୁଖ୍ୟକୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଏହି ଛାମୁଆଁ ସଂଗଠନକୁ ପୁନର୍ଗଠନ କରିବା ସହ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ବାତିଲ କରିଛନ୍ତି। ନୂତନ କମିଟିରେ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଉପଦେଷ୍ଟା ଏବଂ ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ନବ କିଶୋର ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି (ମୁଖ୍ୟାଳୟ) ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରୀତିରଞ୍ଜନ ଘଡ଼ାଇ, ବ୍ରଜକିଶୋର ପ୍ରଧାନ, ଯୋଗେଶ ସିଂହ, ଅନନ୍ତ ନାରାୟଣ ଜେନା, ସ୍ୱରୂପ ଦାସ, ରଞ୍ଜିତା ସାହୁ ଓ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଉପସଭାପତି ଦାୟିତ୍ୱ ମିଳିଛି। ଅରିନ୍ଦମ ସର୍ଖେଲଙ୍କୁ ମହାସଚିବ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶନାମା ତୁରନ୍ତ ଲାଗୁ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ

# ମହେଶ ସାହୁ ସଭାପତି ନିଯୁକ୍ତ

ଭୁବନେଶ୍ୱର, ୨୩।୮ (ସମିସ): ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୂତନ ଭାବେ ଏହି କମିଟି ଗଠନ ହୋଇଛି। ନୂଆ କମିଟିରେ ବିଭିନ୍ନ ପଦବୀରେ ଦଳୀୟ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମହେଶ ସାହୁଙ୍କୁ ଏସ୍‌ସି ସେଲ୍‌ର ସଭାପତି ନିଯୁକ୍ତ କରାଯାଇଥିବା ବେଳେ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଗଣେଶ୍ୱର ବେହେରା, ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି।

ଏହାସହିତ ଚନ୍ଦ୍ର ସାରଥୀ ବେହେରା, ରାଜେନ୍ଦ୍ର କୁମାର ଦାସ ଓ ତୁଷାରକାନ୍ତି ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ସେହିପରି ଡା. ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଡା. ପ୍ରମୋଦ କୁମାର ମଲ୍ଲିକ, ସର୍ମିଷ୍ଠା ସେଠୀ ଓ ରଘୁରାମ ପାତ୍ରଲଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ସେଠୀ, ମାଧବ ଧଡ଼ା, ସୁଦର୍ଶନ ହରିପାଲ, ନିହାର ରଞ୍ଜନ ବେହେରା, ଡା. ସଞ୍ଜୟ ଦାସ, ଅନୁସୂୟା ପାତ୍ର ଓ ଲଳିତା ନାୟକଙ୍କୁ ଦାୟିତ୍ୱ ମିଳିଛି। ଏହି ପୁନର୍ଗଠିତ କମିଟି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

ଗଣଶିକ୍ଷା ମନ୍ତ୍ରୀଙ୍କ ନାସ୍ତିବାଣୀ

# ନିଯୁକ୍ତି ଆଶାୟୀଙ୍କ ମହମବତି ଶୋଭାଯାତ୍ରା

ଭୁବନେଶ୍ୱର, ୨୩।୮ (ସମିସ): ଶିକ୍ଷକ ନିଯୁକ୍ତି ପାଇଁ ଏବେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇବ ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଶାୟୀମାନଙ୍କୁ ରୋକଠୋକ୍ ଶୁଣାଇବା ପରେ ଆନ୍ଦୋଳନ ତୀବ୍ର ହୋଇଛି। ଦୀର୍ଘ ୭ ଦିନ ଧରି ଧାରଣାରେ ବସିଥିବା ମେଧାବୀମାନେ ଶନିବାର ଠାରୁ ଅନଶନ ଆରମ୍ଭ କରିଥିବାବେଳେ ଆଜି ଛୁଟିଦିନରେ ମଧ୍ୟ ସରକାର ଓ ମନ୍ତ୍ରୀଙ୍କ ବିରୋଧରେ ଗର୍ଜିଛନ୍ତି। ମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ କ୍ୟାଣ୍ଡେଲ୍ ମାର୍ଚ୍ଚ ଓ ଶୋଭାଯାତ୍ରା କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ କଳେବଳେ କୌଶଳେ ଆନ୍ଦୋଳନ ରୋକିବାକୁ ପ୍ରୟାସ କରାଯାଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ସରକାରୀ ବିଦ୍ୟାଳୟରେ ମାଳମାଳ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ବିଜେପି କ୍ଷମତାକୁ ଆସିବା ପରଠାରୁ ଗୋଟିଏ ହେଲେ ମଧ୍ୟ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିନାହିଁ। ବିଜେଡି ସରକାରଙ୍କ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇ ନିଯୁକ୍ତି ପରୀକ୍ଷା ସରିଥିବା ପ୍ରାର୍ଥୀଙ୍କୁ କେବଳ ନିଯୁକ୍ତି ପତ୍ର ବାଣ୍ଟି ସରକାର ବାହାବା



ନେବାରେ ବ୍ୟସ୍ତ ଅଛନ୍ତି। ସରକାରଙ୍କ 'ପର ଘର ତିଅଣରେ ଅତିଥି ଚର୍ଚ୍ଚା' ନୀତି ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇବାରେ ସଫଳ ହୋଇପାରେ, କିନ୍ତୁ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିପାରିବ ନାହିଁ। ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତି ରାଜ୍ୟ ସରକାର କେତେ ତତ୍ପର ଓ ସମ୍ବେଦନଶୀଳ ତାହା ତାଙ୍କ କାର୍ଯ୍ୟରୁ ବାରି ହେଉଛି ବୋଲି ଆଶାୟୀମାନେ ମତବ୍ୟକ୍ତ କରୁଛନ୍ତି। ଧାରଣାସ୍ଥଳରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଉଦ୍ଧୃତ କରି କଟାକ୍ଷ କରୁଛନ୍ତି।

ଅପରପକ୍ଷରେ ଆଶାୟୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଧାରଣାରତ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଆସନ୍ତାକାଲି ସୋମବାର ଦିନ ସେମାନଙ୍କ ଆନ୍ଦୋଳନ ପାଇଁ ଅନୁମତି ସରୁଥିବାବେଳେ ଅନୁମତି ଆବେଦନକୁ ନ ବଢ଼ାଇବା ପାଇଁ ଯୋଜନା ହୋଇଛି। ବିନା ଅନୁମତିରେ ଆନ୍ଦୋଳନ କଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପରୋକ୍ଷ ଭାବେ କୁହାଯାଉଛି। ଏପରି ହେଲେ ଭବିଷ୍ୟତରେ ସରକାରୀ ଚାକିରି ମଧ୍ୟ କରି ପାରିବେ ନାହିଁ ବୋଲି ପ୍ରଚାରିତ କରି ପିଲାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସରକାର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରୟାସ ନ କରି ସେମାନଙ୍କ ଦାବି ପୂରଣ କରିବାକୁ ସକରାତ୍ମକ ଭାବନା ରଖନ୍ତୁ ବୋଲି ଆଶାୟୀମାନେ ଦାବି କରିଛନ୍ତି।

# ବଗି ଛାଡ଼ି ପଳେଇଲା ଇଞ୍ଜିନ

ବଲାଙ୍ଗିର, ୨୩।୮ (ସମିସ): ବଲାଙ୍ଗିର ସୁଦପଡ଼ା-କଦମପଡା ମଝିରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି ଟ୍ରେନ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିଲା; ହେଲେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏକ ସମ୍ଭାବ୍ୟ ବଡ ଧରଣର ଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି ଘଟଣା କିପରି ଘଟିଲା ଏବଂ କାହାର ଅବହେଳା ରହିଛି ସେ ନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ବଲାଙ୍ଗିର-ପୁରୁଣାକଟକ ଟ୍ରେନ୍ ସବୁଦିନ ଭଳି ପ୍ରାୟ ଅପରାହ୍ନ ୩ଟା ପରେ ବଲାଙ୍ଗିର ଷ୍ଟେସନ ଛାଡିଥିଲା। ଷ୍ଟେସନରୁ କିଛି ଦୂର ଯିବା ପରେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡି ଆଗକୁ ପଳାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ଅଧ କିଲୋମିଟର ଯିବା ପରେ ଚାଳକ ଜାଣିବା ପରେ ଇଞ୍ଜିନ ଅଟକାଇଥିଲେ। ଖବର ପାଇ ରେଳ କର୍ମଚାରୀ ପହଞ୍ଚି ଇଞ୍ଜିନ ଓ ବଗିକୁ ଲଗାଇଥିଲେ। ଏହାପରେ ଟ୍ରେନ୍ ଗନ୍ତବ୍ୟ ପଥରେ ଆଗେଇ ଥିଲା। ତେବେ କେମିତି ଏତେ ବଡ ଅଘଟଣ ଘଟିଲା, ଇଞ୍ଜିନ ଓ ବଗି ବିଚ୍ଛିନ୍ନ ହେବାର କାରଣ



କ'ଣ ସେନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ପ୍ରକୃତ କାରଣ ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ତଦନ୍ତ ପରେ ସ୍ପଷ୍ଟ ହେବ।

# ସାଂସଦଙ୍କ ପ୍ରତିନିଧିଙ୍କୁ ଗିରଫ ପାଇଁ ରାଜ୍ୟ ବାହାରେ ପୁଲିସର ୪ ଟିମ୍

**ରାଉରକେଲା, ୨୩।୮ (ସମିସ)**

ରାଉରକେଲା ସର୍କିଟ୍ ହାଉସ୍‌ରୁ ରିଭଲଭର ଓ ଗୁଳି ଜବତ ଘଟଣାର ରାଉରକେଲା ପୁଲିସ ଆହ୍ୱାନ ମୁଦ୍ରରେ। ଫେରାର ତଥା ବିଜେପିର ନିଲମ୍ବିତ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମ ପ୍ରତିନିଧି ପ୍ରକାଶ ପାଶ୍ୱାନଙ୍କୁ ଗିରଫ ପାଇଁ ରାଉରକେଲା ଏସପିଙ୍କ ନିର୍ଦ୍ଦେଶରେ ଗଠିତ ୪ଟି ସ୍ୱତନ୍ତ୍ର ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନରେ ରହି ଛାନଭିନ୍ ଜାରି ରଖିଛନ୍ତି। ସେପଟେ ପ୍ରକାଶ ପାଶ୍ୱାନଙ୍କ ସହ ଅପରାଧିକ ସମ୍ପର୍କ ରଖିଥିବା ତଥା ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାରରେ ଲିପ୍ତ ଆଉ ୨ ଜଣ ସନ୍ଦିଗ୍ଧ ଅପରାଧୀଙ୍କୁ ପୁଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁରଜ ଗୁପ୍ତା ଓ ଆଦର୍ଶ ସାହୁ। ଏହି ମାମଲାରେ ପୂର୍ବରୁ ୭ ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ଆଜି ଆଉ ୨ ଜଣ ଗିରଫ ପରେ ଗିରଫ ସଂଖ୍ୟା ୯ରେ ପହଞ୍ଚିଛି। ଏହାସହ ଫେରାର ପ୍ରକାଶ ପାଶ୍ୱାନଙ୍କ ସମେତ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଗିରଫ କରିବା ପାଇଁ ରାଉରକେଲା ପୁଲିସ ଏବେ ଜୋରଦାର ଅଣ୍ଟା ଭିଡ଼ିଛି। ପଶ୍ଚିମାଞ୍ଚଳ ଡିଆଇଜି ଏବଂ ରାଉରକେଲା ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ଏବଂ ତଦନ୍ତର ପରବର୍ତ୍ତୀ ପଦକ୍ଷେପ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏପର୍ଯ୍ୟନ୍ତ ମୋଟ ୯ ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଅନ୍ୟତମ ଅଭିଯୁକ୍ତ ମହମ୍ମଦ ମୋଇମ୍, ସୋଏବ ଖାନ୍, ଗୋବିନ୍ଦ ସିଂହ ଏବଂ ଶ୍ରୀକାନ୍ତ ରାଉତଙ୍କ ପରିବାର ସଦସ୍ୟ ତଥା ସେମାନଙ୍କ ଘନିଷ୍ଠ ସହଯୋଗୀମାନଙ୍କୁ ଅଟକ ରଖି ପୁଲିସ ଘନ ଘନ ଜେରା ଚଳାଇଛି। ଏସ୍‌ପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ପୁଲିସର ୪ଟି ସ୍ୱତନ୍ତ୍ର ଟିମ୍ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଡେରା ପକାଇ ଫେରାର ଅଭିଯୁକ୍ତ ପ୍ରକାଶ ପାଶ୍ୱାନଙ୍କୁ ଗିରଫ ପାଇଁ ତନାଘନା କରୁଛନ୍ତି। ପ୍ରକାଶ ପାଶ୍ୱାନଙ୍କ ନେତୃତ୍ୱରେ ରାଉରକେଲା ସର୍କିଟହାଉସ୍ ଯେଉଁ ଭଳି ଭାବେ ଅପରାଧିମାନଙ୍କ ଆ‡ାସ୍ଥଳୀ ପାଲଟି ଯାଇଥିଲା, ତାକୁ ଗୁରୁତର ଭାବେ ଗ୍ରହଣ କରିଛି ରାଉରକେଲା ପୁଲିସ। ଏସପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପାନପୋଷ ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଉରକେଲା ସର୍କିଟ୍‌ହାଉସର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଗତ ମାସ ୨୧ ତାରିଖରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ସର୍କିଟ୍ ହାଉସର ରୁମ ନମ୍ବର ୧୦୭କୁ କିଏ କିଏ ଯାଉଥିଲେ, ସର୍କିଟ୍ ହାଉସରେ ରାତ୍ରି ଭୋଜନରେ କିଏ କିଏ ଯୋଗ ଦେଉଥିଲେ, କି ପ୍ରକାର ଅପରାଧିକ ରଣନୀତି ପ୍ରସ୍ତୁତ କରାଯାଉଥିଲା ତାର ତଦନ୍ତ କରୁଛନ୍ତି ପାନପୋଷ ଏସ୍‌ଡିପିଓ ଶ୍ରୀ ସୁଶାନ୍ତ ଦାଶ। ବିଶେଷକରି ଅପରାଧିକ ପୃଷ୍ଠଭୂମି ଥିବା ଦୁର୍ଦ୍ଦାନ୍ତ ଅପରାଧିଙ୍କ ପାଇଁ ସର୍କିଟ୍‌ହାଉସ୍‌କୁ ଏକ ପ୍ରକାର ନିରାପଦ ଆଶ୍ରୟସ୍ଥଳୀରେ ପରିଣତ କରାଯିବା ଏବଂ ସେଥିରେ ଖୋଦ୍ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଆରଏମସି ପ୍ରତିନିଧି ସହରର ଜଣାଶୁଣା ଯୁବନେତା ପ୍ରକାଶ ପାଶ୍ୱାନଙ୍କ ସମ୍ପୃକ୍ତି ରହିବା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ସୋସିଆଲ ମିଡିଆ ଫେସ୍‌ବୁକ ଆକାଉଣ୍ଟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ ପାଶ୍ୱାନ ତାଙ୍କ ଆରଏମସି ପ୍ରତିନିଧି ଅଛନ୍ତି, ଯଦି ସର୍କିଟ୍‌ହାଉସରୁ ବନ୍ଧୁକ ଓ ଅପରାଧୀ ଗିରଫ ମାମଲାରେ ପ୍ରକାଶଙ୍କ ସମ୍ପୃକ୍ତି ନେଇ ପ୍ରମାଣିତ ହୁଏ ତେବେ ଆଇନ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସେ ଲେଖିଥିଲେ। ସେପଟେ ପ୍ରକାଶ ପାଶ୍ୱାନ ବ୍ୟବହାର କରୁଥିବା ଏସୟୁଭି ଗାଡ଼ିର ମାଲିକ ମହମ୍ମଦ ମୋହିମଙ୍କ ସମେତ ଗୋପବନ୍ଧୁପାଲି ଅଞ୍ଚଳରୁ ଜଣଙ୍କୁ ଏବଂ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଦଣ୍ଡିଆପାଲି ଅଞ୍ଚଳର ଗୋବିନ୍ଦ ସିଂ ନାମକ ଜଣେ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ଏହାସହ ପ୍ରକାଶ ପାଶ୍ୱାନଙ୍କ ପରିବାର ବର୍ଗ ତାଥା ସମ୍ପର୍କୀୟଙ୍କୁ ବିଭିନ୍ନ ଥାନାରେ ପଚରାଉଚରା କରି ଛାଡୁଛି। ସେହିପରି ସେମାନଙ୍କ ଫୋନକୁ ମଧ୍ୟ ଟ୍ରାକିଂ କରୁଛି। ଗାଡ଼ି ମାଲିକ ମହମ୍ମଦ ମୋହିମ କାହିଁକି ପ୍ରକାଶଙ୍କୁ ତାଙ୍କ ଗାଡି ବ୍ୟବହାର ପାଇଁ ଦେଉଥିଲେ ଏବଂ କେଉଁ ସର୍ତ୍ତରେ ଦେଉଥିଲେ, ତାଙ୍କ ଗାଡି ଅପରାଧିକ କାର୍ଯ୍ୟକଳାପରେ ବ୍ୟବହୃତ ହେଉଥିଲା ବୋଲି ସେ ଜାଣିଥିଲେ କି ନାହିଁ ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ଗିରଫ ଅପରାଧୀମାନେ ବେଆଇନ ବନ୍ଧୁକ କାରବାର ସହ ସହରରେ କୋଟି କୋଟି ଟଙ୍କାର ହେଉଥିବା ବାଲି ଚୋରାଚାଲାଣର ବାଲି ମାଫିଆଙ୍କଠାରୁ ଟଙ୍କା ଆଦାୟ କରିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଏହାସହ ବିଭିନ୍ନ ସ୍ଥାନରେ ଦାଦାବଟି ଆଦାୟରେ ମଧ୍ୟ ସେମାନଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ତଦନ୍ତ ବେଳେ ସାମ୍ନାକୁ ଆସିଛି। ଏଥିସହ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହେଉଥିବା ଗୋରୁ ଚୋରାଚାଲାଣରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ରହିଥିବା ନେଇ ପୁଲିସ ତଦନ୍ତରେ ସାମ୍ନାକୁ ଆସିଥିବା ଚର୍ଚ୍ଚା ହେଉଛି। ଫେରାର ପ୍ରକାଶ ପାଶ୍ୱାନ ଏବେ ବିହାର, ଝାଡ଼ଖଣ୍ଡ କିମ୍ବା ନୂଆଦିଲ୍ଲୀରେ ଆତ୍ମଗୋପନ କରିଥିବା କୁହାଯାଉଛି। ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ନେତାଙ୍କ ବାହୁଛାୟା ତଳେ ପ୍ରକାଶ ଆତ୍ମଗୋପନ କରିଥିବା ପୁଲିସ ପାଖରେ ସୂଚନା ରହିଛି। ତାଙ୍କୁ ଧରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ରାଜ୍ୟବାହାରେ ମଧ୍ୟ ପୁଲିସ ଟିମ୍ ମୁତୟନ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଥିବା ସୂଚନା ଅନୁଯାୟୀ, ଅଗଷ୍ଟ ୧୪ ତାରିଖ ରାତିରେ ସର୍କିଟ୍ ହାଉସ୍‌ରେ ପୁଲିସର ଚଢ଼ଉ ସମୟରେ ପ୍ରକାଶ ପାଶୱାନ ସେଠାରେ ଉପସ୍ଥିତ ଥିଲେ। ତେବେ ସର୍କିଟ୍‌ହାଉସ୍‌କୁ କିଭଳି ଓ କେଉଁ ପରିସ୍ଥିତିରେ ଅଭିଯୁକ୍ତମାନଙ୍କ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯାଉଥିଲା ତାର ତଦନ୍ତ କରୁଛି ପୁଲିସ। ଏହି ଗୋଷ୍ଠୀର ରାଜ୍ୟବାହାରର କୌଣସି ଏକ ବଡ଼ ଅପରାଧିକ ନେଟୱର୍କ ସହ ସମ୍ପର୍କ ରହିଥିବା ନେଇ ପୁଲିସ ଖୋଳତାଡ଼ ଜାରି ରଖିଛି।





**ସର୍କିଟ୍ ହାଉସ୍‌ରୁ ଅସ୍ତ୍ର ଜବତ ମାମଲା: ଆଉ ୨ ଗିରଫ**

**ଗିରଫ ସଂଖ୍ୟା ୯କୁ ବୃଦ୍ଧି**

**ଡିଆଇଜିଙ୍କ ନେତୃତ୍ୱରେ ରୁଦ୍ଧଦ୍ୱାର ବୈଠକ**

## ମହିଳାଙ୍କୁ ଦଳିଦେଲା ଦନ୍ତା



**କୋଇଡା, ୨୩।୮ (ସମିସ):** କୋଇଡ଼ା ବନାଞ୍ଚଳ ଅଧୀନ ଖଜୁରଡିହି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ତଥା ଖଜୁରଡିହି ବିଟ୍ ହାଉସ୍ ଅଞ୍ଚଳରେ ଏକ ଦନ୍ତା ହାତୀ ସନ୍ଧ୍ୟାରେ ବୃଦ୍ଧ ମହିଳାଙ୍କୁ ଗୋଡେଇ ଗୋଡେଇ ଦଳିଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ବର୍ଷା କାରଣରୁ ତାଙ୍କ ପରିବାର ବର୍ଗ କେହି ଆସି ନ ଥିଲେ, ଯାହା ଫଳରେ ମହିଳାଙ୍କ ପରିଚୟ ମିଳିନାହିଁ।

## ହାଇୱାରୁ ୧୪୦ ଲିଟର ଡିଜେଲ ଚୋରି

**ବଣାଇଁଗଡ଼, ୨୩।୮ (ସମିସ):** ବଣାଇଁଗଡ଼ ଅଞ୍ଚଳରେ ପୁଣି ଡିଜେଲ ଚୋରଙ୍କ ଉତ୍ପାତ ଦେଖିବାକୁ ମିଳିଛି। ବାବୁନୂଆଗାଁ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ସଞ୍ଜୟ ଦାଶଙ୍କ ଅଫିସ ନିକଟରେ ପାର୍କିଂ ହୋଇଥିବା ଏକ ହାଇୱାରୁ ଦୁର୍ବୃତ୍ତମାନେ ପ୍ରାୟ ୧୪୦ ଲିଟର ଡିଜେଲ ଚୋରି କରିଛନ୍ତି। ସୂଚନା ଅନୁଯାୟୀ ହାଇୱାଟି ପ୍ରତିଦିନ ଅଫିସ ନିକଟରେ ରହିଥାଏ। ଗତକାଲି ରାତିରେ କିଛି ଦୁର୍ବୃତ୍ତ ମୁଖା ପିନ୍ଧି ଆସି ହାଇୱାର ଡିଜେଲ ଟାଙ୍କି ଭାଙ୍ଗି ତେଲ ଚୋରି କରିଥିବା ଜଣାପଡ଼ିଛି। ସମ୍ପୂର୍ଣ୍ଣ ଘଟଣାଟି ନିକଟସ୍ଥ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି। ସକାଳେ ହାଇୱା ଚାଳକ ଗାଡ଼ିଯାଞ୍ଚ କରିବା ସମୟରେ ଡିଜେଲ ଚୋରି ହୋଇଥିବା ଜାଣି ଗାଡ଼ି ମାଲିକ ସଞ୍ଜୟ ଦାଶଙ୍କୁ ଅବଗତ କରିଥିଲେ। ପରେ ଘଟଣାସମ୍ପର୍କରେ ବଣାଇଁ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୁଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ ଓ ଧରିବା ପାଇଁ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

**ଶିହିଡିହା ଗ୍ରାମରେ କବାଟ ଭାଙ୍ଗି ଚୋରି**

## ସୁନା ଓ ରୁପା ସାମଗ୍ରୀ ନେଇଗଲେ ଦୁର୍ବୃତ୍ତ

**ବଣାଇଁଗଡ଼, ୨୩।୮ (ସମିସ):** ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅଧୀନ ଶିହିଡିହା ଗ୍ରାମରେ ଗତକାଲି ରାତିରେ ଏକ ଘରର ତାଲା ଭାଙ୍ଗି ସୁନା ଓ ରୁପା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶିହିଡିହା ଗ୍ରାମର କିଶୋର ସାହୁ ଗତକାଲି ରାତିରେ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରକୁ ପଶିଥିଲେ। ପରେ ଘରେ ଥିବା ଗଡ଼ରେଜ ଭାଙ୍ଗି ସେଥିରେ ରଖାଯାଇଥିବା ସୁନା ଓ ରୁପା ସାମଗ୍ରୀ ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆଜି ଭୋର ସମୟରେ କିଶୋର ଘରକୁ ଫେରି ତାଲା ଭଙ୍ଗା ଓ ସାମଗ୍ରୀ ଚୋରି ହୋଇଥିବା ଦେଖି ଘଟଣା ସମ୍ପର୍କରେ ଜାଣିଥିଲେ। ଏନେଇ ମହୁଲପଦା ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରି ଚୋରଙ୍କୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପ୍ରୟାସ ଚଳାଇଛି।

## ଗଞ୍ଜେଇ ଜବତ; ଯୁବକ ଗିରଫ

**ରାଉରକେଲା, ୨୩।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ରାଉରକେଲା ଅବକାରୀ ବିଭାଗ ଅବକାରୀ ଅଧିକ୍ଷକ ଧନେଶ୍ୱର ବରାଡ଼ଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ଅବକାରୀ ବିଭାଗ ରଘୁନାଥପାଲୀ ଥାନା ଅଧୀନ ଏସ୍ପିଆଇ ଛକ ଅଞ୍ଚଳରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୨ କିଲଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



## ଆର୍‌ଏସ୍‌ପି ଦ୍ୱାରା ସିଧାସଳଖ ଅର୍ଡର ପୂରଣକୁ ପ୍ରାଥମିକତା



**ରାଉରକେଲା, ୨୩।୮ (ସମିସ):** ରାଉରକେଲା ଇସ୍ପାତ କାରଖାନା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକ୍ରି ଲବ୍ଧ ଅର୍ଥପ୍ରାପ୍ତ କରିବା, କାର୍ଯ୍ୟକାରୀ ପୁଞ୍ଜି ଦକ୍ଷତାରେ ସୁଧାର ଆଣିବା ଏବଂ କ୍ୟାସ୍ ଫ୍ଲୋ (ନଗଦ ପ୍ରବାହ) କୁ ସୁଦୃଢ଼ କରିବା ପାଇଁ ସିଧାସଳଖ ଅର୍ଡର ପୂରଣ ଉପରେ ଦୃଢ଼ ଧ୍ୟାନ ବଜାୟ ରଖିଛି। ଗତ ଜୁଲାଇ ମାସ ମଧ୍ୟରେ ଆରଏସପି ୩, ୬୪, ୬୪୯ ଟନ୍ ବିକ୍ରୟ ଯୋଗ୍ୟ ଷ୍ଟିଲ୍ ଚାଲାଣ କରିଥିଲା। ଏଥିମଧ୍ୟରୁ, ୩, ୦୦, ୯୧୧ ଟନ୍ ଗ୍ରାହକଙ୍କ ଅର୍ଡର ଆଧାରରେ ସିଧାସଳଖ ଚାଲାଣ କରାଯାଇଥିବା ବେଳେ, ୬୩, ୭୩୮ ଟନ୍ ଷ୍ଟକୟାର୍ଡ ମାଧ୍ୟମରେ ପଠାଯାଇଥିଲା। ଏହିପରି ଭାବରେ ଉକ୍ତ ମାସର ମୋଟ୍ ଚାଲାଣ ମଧ୍ୟରୁ ସିଧାସଳଖ ଅର୍ଡର ପୂରଣର ପରିମାଣ ପ୍ରାୟ ୮୨.୫% ଥିଲା। ନିଶ୍ଚିତ ଗ୍ରାହକ ଅର୍ଡର ଅନୁଯାୟୀ ପ୍ରସ୍ତୁତ ଦ୍ରବ୍ୟ ଚାଲାଣ କରାଯିବା ନିଶ୍ଚିତ କରିବା ପାଇଁ କାରଖାନାର ସିଧାସଳଖ ଅର୍ଡର ପୂରଣ ଉପରେ ଗୁରୁତ୍ୱ ରହିଛି, ଯାହାଦ୍ୱାରା ଦ୍ରୁତ ବିକ୍ରି ଲବ୍ଧ ଅର୍ଥପ୍ରାପ୍ତି ସୁଗମ ହୋଇପାରିବ ଏବଂ ଷ୍ଟକୟାର୍ଡ ଚଳାଚଳ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଏହି ଆଭିମୁଖ୍ୟ ଦ୍ୱାରା ଉନ୍ନତ ଇନଭେଣ୍ଟରୀ ପରିଚାଳନା, ସୁଦୃଢ଼ କ୍ୟାସ୍ ଫ୍ଲୋ ଏବଂ ସଂସ୍ଥା ପାଇଁ ଅଧିକ ଆର୍ଥିକ ନମନୀୟତା ସୃଷ୍ଟି ହୋଇ ପାରିବ> ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ଆର୍‌ଏସ୍‌ପି ମୋଟ୍ ୧୩, ୨୮, ୯୯୯ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଚାଲାଣ କରିଛି। ଏଥିରୁ ସିଧାସଳଖ ଅର୍ଡର ପୂରଣ ପରିମାଣ ୧୧, ୨୮, ୬୯୧ ଟନ୍ ଥିଲା, ଯାହା ଏହି ଅବଧି ମଧ୍ୟରେ ମୋଟ ଚାଲାଣର ପ୍ରାୟ ୮୪.୯% ଅଟେ। ଅବଶିଷ୍ଟ ୨, ୦୦, ୩୦୮ ଟନ୍ ଷ୍ଟକୟାର୍ଡ ମାଧ୍ୟମରେ ଚାଲାଣ କରାଯାଇଥିଲା। ପିଇଟି ଉତ୍ପାଦ ଯଥା ସିଆରଏନଓ ଏବଂ ପାଇପ୍ ସମେତ ପ୍ଲାଣ୍ଟର ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକ ୯୦.୪% ସହିତ ଉଚ୍ଚ ସ୍ତରର ସିଧାସଳଖ ଅର୍ଡର ପୂରଣ ବଜାୟ ରଖିଥିବା ବେଳେ ଅଣ-ପିଇଟି ଉତ୍ପାଦଗୁଡ଼ିକ ପାଇଁ ଏହି ସଂଖ୍ୟା ୮୧.୪% ଥିଲା। ଏହି ପ୍ରଦର୍ଶନ, ଗ୍ରାହକଙ୍କ ଆବଶ୍ୟକତା ଏବଂ ବଜାର ଚାହିଦା ସହିତ ଉତ୍ପାଦନ ଓ ଚାଲାଣ ମଧ୍ୟରେ ଭାରସାମ୍ୟ ରଖିବା ପାଇଁ ଆରଏସପିର ଗୁରୁତ୍ୱକୁ ଦର୍ଶାଉଛି।

**■ ନିଶା ବେପାରୀଙ୍କୁ ମାଡିବସିଲା ଆରପିଏଫ୍ ଟିମ୍**

## ରେଳଷ୍ଟେସନରୁ ୧୪ କେଜି ଗଞ୍ଜେଇ ଜବତ; ଦୁଇ ଗିରଫ

**ରାଉରକେଲା, ୨୩।୮ (ସମିସ):** ରାଉରକେଲା ଆରପିଏଫ୍ ଟିମ୍ ଏବଂ ଡଗ୍ ସ୍କାର୍ଡର କୁକୁର ମଣ୍ଟି ରାଉରକେଲା ରେଳଷ୍ଟେସନରେ ନିଶା ଦ୍ରବ୍ୟ ବିରୋଧରେ ସକାଳେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ କରୁଥିଲେ। ଏହି ସମୟରେ ଆରପିଏଫ୍ ଟିମ୍ ଦୁଇଜଣଙ୍କୁ ଜରିବସ୍ତା ଧରି ରାଉରକେଲା ରେଳ ଷ୍ଟେସନରେ ପୋର୍ଟିକୋ ଅଞ୍ଚଳରେ ସନ୍ଦେହଜନକ ଭାବରେ ଗତି କରୁଥିବା ଲକ୍ଷ୍ୟ କରିଥିଲେ। ଟିମ୍ ସେମାନଙ୍କୁ ଅଟକାଇଥିଲା। ଯାଞ୍ଚ କାଳରେ ଦୁଇ ଅଭିଯୁକ୍ତ ମଧ୍ୟରେ ସୋନପୁର ଜିଲ୍ଲାର ଯୁବରାଜପୁରର ଗୋବର୍ଦ୍ଧନ ଧଳ(୩୧) ଓ ବୌଦ୍ଧ ଖଟଖଟିଆର ଆଶୁତୋଷ ମାହାନ୍ତି (୩୦)ଙ୍କୁ ଅଟକ ରଖି ଯାଞ୍ଚ କରିବାପରେ ଗଞ୍ଜେଇ ମିଳିଥିଲା। ତା'ପରେ ଅଟକ ଥିବା ବ୍ୟକ୍ତିଙ୍କୁ ପଚରାଉଚରା ବେଳେ ସେ ପ୍ରକାଶ କରିଥିଲେ ଯେ ସେ ବୌଦ୍ଧରୁ ଗଞ୍ଜେଇ ଭୁସାୱାଲକୁ ପରିବହନ କରିବା ପାଇଁ ନେଉଥିଲେ। ତା'ପରେ ଆରପିଏଫ ଟିମ୍ ଦୁଇ ଅଭିଯୁକ୍ତ ସମେତ ୨ଟି ମୋବାଇଲ ଓ ୧୪କେଜି ଗଞ୍ଜେଇ ରାଉରକେଲା ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ। ରାଉରକେଲା ଅବକାରୀ ମାମଲା ରୁଜୁକରି କୋର୍ଟଚାଲାଣ କରିଛି।

## ନକଲି ବ୍ରାଣ୍ଡେଡ୍ ଘଡ଼ି ବିକ୍ରି ରାକେଟ୍ ଠାବ; ୪ ବ୍ୟବସାୟୀ ଗିରଫ

**ରାଉରକେଲା, ୨୩।୮ (ସମିସ) :** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୁଲିସ ନକଲି ବ୍ରାଣ୍ଡେଡ୍ ଘଡ଼ି ବିକ୍ରି ରାକେଟ୍‌ର ପର୍ଦ୍ଦାଫାସ କରିଛି। ଟାଇଟନ୍, ଫାଷ୍ଟ ଟ୍ରାକ୍ ଓ ସୋନାଟା ଭଳି ପ୍ରସିଦ୍ଧ ବ୍ରାଣ୍ଡର ନକଲି ଓ ଜାଲ୍ ଘଡ଼ି ସାଧାରଣ ଲୋକଙ୍କୁ ବିକ୍ରି କରି ବ୍ୟକ୍ତିଗତ ଲାଭ ହାସଲ କରୁଥିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ନକଲି ଘଡ଼ି, ଟ୍ୟାଗ୍, ଡାଏଲ୍, ଚେନ୍ ଓ ଖାଲି ବକ୍ସ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏନେଇ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ରା ଜିନତ କଲୋନୀର ଏମ୍‌ଡି ସୋହେଲ୍ (୨୯), ଆଜାଦ ମହଲ୍ଲାର ଇମ୍ରାନ ଅହମଦ (୪୩), ଦରଗାହି ମହଲ୍ଲାର ମହମ୍ମଦ ଉମୈର ଆଲମ୍ (୩୫) ଏବଂ ଜାମା ମସଜିଦ ଗଳିର ମହମ୍ମଦ ଆସିମ୍ (୪୦)। ଏମାନେ ସମସ୍ତେ ପ୍ଲାଣ୍ଟସାଇଟ୍ ଅଞ୍ଚଳର ବିଭିନ୍ନ ଘଡ଼ି ଦୋକାନର ମାଲିକ ବୋଲି ପୁଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଏମ୍‌ଡି ସୋହେଲ୍ ଭାଟି ରୋଡ୍‌ରେ ଥିବା ନ୍ୟୁ କଲେକ୍ସନ୍ ଶପ୍, ଇମ୍ରାନ ଅହମଦ ନାଳା ରୋଡ୍ ସ୍କୋୟାରର ଉତ୍କଳ ଟାଇମ୍ ହାଉସ୍, ମହମ୍ମଦ ଉମୈର ଆଲମ୍ ମେନ୍ ରୋଡ୍‌ରେ ଥିବା ମେଟ୍ରୋ ଟାଇମ୍ସ ଏବଂ ମହମ୍ମଦ ଆସିମ୍ ଭାଟି ରୋଡ୍‌ର ଜେଡ୍.କେ ସେଲ୍ସର ମାଲିକ ବୋଲି ସୂଚନା ମିଳିଛି। ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ ପୁଲିସ ସେମାନଙ୍କ ନିକଟରୁ ଫାଷ୍ଟ ଟ୍ରାକ୍, ଟାଇଟନ୍ ଓ ସୋନାଟା ବ୍ରାଣ୍ଡ ନାମରେ ବିକ୍ରି ପାଇଁ ରଖାଯାଇଥିବା ବହୁ ପରିମାଣର ନକଲି ସାମଗ୍ରୀ ଜବତ କରିଛି। ଏଥିମଧ୍ୟରେ ୧୬୦ଟି ନକଲି ଫାଷ୍ଟ ଟ୍ରାକ୍ ଟ୍ୟାଗ୍, ୧୮୬ଟି ଲେଦର ବେଲ୍ଟ ଘଡ଼ି, ୪୫ଟି କଳା ଚେନ୍ ଘଡ଼ି, ୧୧୧ଟି ସିଲଭର ଚେନ୍ ଘଡ଼ି, ଟାଇଟନ୍ ଓ ଫାସ୍ଟ୍ରାକ୍‌ର ଖାଲି ବକ୍ସ, ସୋନାଟାର ଖାଲି ବକ୍ସ, ବିଭିନ୍ନ ପ୍ରକାରର ସିଲଭର ଓ ଗୋଲ୍ଡେନ୍ ଚେନ୍ ଘଡ଼ି, ଲେଦର ବେଲ୍ଟ ଘଡ଼ି, ରାଗା ଲେଡିଜ୍ ଘଡ଼ି, ଫାସ୍ଟ୍ରାକ୍ ଡାଏଲ୍, ଟ୍ୟାଗ୍ ଓ ଅନ୍ୟାନ୍ୟ ନକଲି ଘଡ଼ି ସାମଗ୍ରୀ ରହିଛି। ଜବତ ସାମଗ୍ରୀ ମଧ୍ୟରେ ବିଶେଷ ଭାବେ ୨୨୫ଟି ନକଲି ଫାଷ୍ଟ ଟ୍ରାକ୍ ସିଲଭର ଘଡ଼ି, ୨୮ ଟି ଟାଇଟନ୍ ରାଗା ଲେଡିଜ୍ ଘଡ଼ି, ୧୯୭ଟି ଫାଷ୍ଟ ଟ୍ରାକ୍ ଡାଏଲ୍, ୨୯୨ଟି ଫାଷ୍ଟ ଟ୍ରାକ୍ ଟ୍ୟାଗ୍ ଓ ୧୧୫ଟି ସୋନାଟା ଟ୍ୟାଗ୍ ଥିବା ସୂଚନା ମିଳିଛି।



## ଆଇନ ସଚେତନତା ଶିବିର

**ବଣାଇଁଗଡ଼, ୨୩।୮ (ସମିସ):** ତାଲୁକ ଆଇନ ସେବା ସମିତି, ବଣାଇଁ ପକ୍ଷରୁ ଝିର୍ଡାପାଲି ସ୍ଥିତ ଲୋକନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।"ଶିବିରରେ ବିଶେଷ କରି 'ବଞ୍ଚିତ ଯାଯାବର ଜନଜାତିଙ୍କ ପାଇଁ ନ୍ୟାୟ ପ୍ରାପ୍ତିର ସୁଯୋଗକୁ ସୁଦୃଢ଼ କରିବା ଯୋଜନା୨୦୨୫' ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ବଞ୍ଚିତ ଓ ଅସହାୟ ବର୍ଗର ଲୋକମାନେ କିପରି ନିଶୁଳ୍କ ଆଇନ ସହାୟତା ପାଇପାରିବେ, ନିଜ ଅଧିକାର ସମ୍ପର୍କରେ ଜାଣିପାରିବେ ଏବଂ ସରକାରୀ କଲ୍ୟାଣ ଯୋଜନାର ସୁଯୋଗ ହାସଲ କରିପାରିବେ, ସେନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା।"କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସେବା ସମିତି, ବଣାଇଁର ଅଧ୍ୟକ୍ଷ ଆଶୁତୋଷ ଦାଶ ଯୋଗଦେଇଥିଲେ। ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ବଣାଇଁ ତହସିଲଦାର ଶିବାଙ୍ଗୀ ଆନନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରିଆ ଲାକ୍ରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ, ମଣ୍ଡଳ ପରିଦର୍ଶିକା ଅନୁସୟା ନାୟକ, ଟିକାୟତପାଲି ଥାନା ଅଧିକାରୀ ପ୍ରଦୀପ କୁମାର ନାଏକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପାଣିଗ୍ରାହୀ, ଝିର୍ଡାପାଲି ସରପଞ୍ଚ ତ୍ରିଲୋଚନ ଚାରଦିଆ ଏବଂ ରିଟେନର ମହେଶ୍ୱର ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ।"ଏହାସହ ତାଲୁକ ଆଇନ ସେବା ସମିତିର ସମସ୍ତ ସଦସ୍ୟ, ପୋଲିସ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସମେତ ଝିର୍ଡାପାଲି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଶିବିରରେ ଆଇନଗତ ଅଧିକାର ଓ ସରକାରୀ ସାମାଜିକ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା।




## ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ସାଇବର ସଚେତନତା

**ରାଉରକେଲା, ୨୩।୮ (ସମିସ)**

ସୁନ୍ଦରଗଡ଼ ପୁଲିସ ପକ୍ଷରୁ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧ ସମ୍ପର୍କରେ ମେଡିକାଲ ଛାତ୍ରଛାତ୍ରୀ, ଡାକ୍ତର, ଅଧ୍ୟାପକ ଓ ହସ୍ପିଟାଲ କର୍ମଚାରୀଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ୧୦୦ରୁ ଅଧିକ ଡାକ୍ତରୀ ଛାତ୍ରଛାତ୍ରୀ ଓ ହସ୍ପିଟାଲ କର୍ମଚାରୀ ଯୋଗଦେଇ ସାଇବର ଠକେଇରୁ ସୁରକ୍ଷିତ ରହିବା ସମ୍ପର୍କରେ ସଚେତନ ହୋଇଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଇବରଥାନା ଇନ୍ସପେକ୍ଟର ମୁକେଶ ସାହାଣୀ ଏବଂ ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ରାଉତରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ, ଠକେଇର ନୂଆ ପଦ୍ଧତି ଏବଂ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସାଇବର ଠକେଇ, ଫିସିଂ, ଓଟିପି ଓ ୟୁପିଆଇ ଠକେଇ, ଅନ୍‌ଲାଇନ୍ ନିବେଶ ଠକେଇ ଏବଂ ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ପୁଲିସ ପକ୍ଷରୁ ବିସ୍ତୃତ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷକରି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା, କାହା ସହିତ ଓଟିପି, ୟୁପିଆଇ ପିନ୍ ଓ ବ୍ୟାଙ୍କିଂ ସମ୍ପର୍କିତ ଗୋପନୀୟ ତଥ୍ୟ ସେୟାର ନକରିବାକୁ ପରାମର୍ଶ ଦିଆଯାଇଥିଲା। ସାଇବର ଅପରାଧର ବଢୁଥିବା ମାମଲା ପରିପ୍ରେକ୍ଷୀରେ ଅନ୍‌ଲାଇନ୍ କାରବାର ସମୟରେ ସତର୍କ ରହିବା ସହ ସନ୍ଦେହଜନକ ଠକେଇର ଶିକାର ହେଲେ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ପୁଲିସ ଆହ୍ୱାନ ଦେଇଥିଲା। କାର୍ଯ୍ୟକ୍ରମରେ ଡିଜିଟାଲ୍ ଆରେଷ୍ଟ ଠକେଇ ବିଷୟରେ ସଚେତନ କରାଯାଇଥିଲା। ସାଇବର ଅପରାଧୀମାନେ ନିଜକୁ ପୋଲିସ, ସିବିଆଇ, ଇଡି, ଟ୍ରାଇ, କଷ୍ଟମସ କିମ୍ବା ଅନ୍ୟ ସରକାରୀ ଅଧିକାରୀ ଭାବେ ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ମିଥ୍ୟା ମାମଲାରେ ଫସିଥିବା କିମ୍ବା ଗିରଫ ହେବାର ଭୟ ଦେଖାଇ ଭିଡିଓ କଲରେ ରହିବା, ବ୍ୟାଙ୍କ ତଥ୍ୟ ଦେବା କିମ୍ବା ଟଙ୍କା ପଠାଇବାକୁ ବାଧ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରାଯାଇଥିଲା ଯେ କୌଣସି ପୋଲିସ କିମ୍ବା ସରକାରୀ ଏଜେନ୍ସି ଭିଡିଓ କଲ୍ ମାଧ୍ୟମରେ 'ଡିଜିଟାଲ୍ ଆରେଷ୍ଟ' କରନ୍ତି ନାହିଁ। ଏଥିରୁ ନିବୃତ୍ତ ରହି ତୁରନ୍ତ ସାଇବର ପୁଲିସର ସହାୟତା ନେବାକୁ ଅନୁରୋଧ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ ନକରିବା, ବ୍ୟକ୍ତିଗତ ଫଟୋ, ଡକ୍ୟୁମେଣ୍ଟ ଓ ଗୋପନୀୟ ତଥ୍ୟ ଅନଲାଇନରେ ସେୟାର ନକରିବା, ଶକ୍ତିଶାଳୀ ପାସୱାର୍ଡ ରଖିବା ଏବଂ ୨ ଏଫଏ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଅନଲାଇନ୍ ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନକରି ୧୯୩୦ ନମ୍ବରରେ ଫୋନ୍ କରି ଅଭିଯୋଗ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ କୁହାଯାଇଥିଲା।



## ସାଇବର ଠକେଇର ଶିକାର

# ୪ ଜଣଙ୍କୁ ୪୫ ଲକ୍ଷ ଫେରାଇଲା ପୁଲିସ

**ସମ୍ବଲପୁର, ୨୩।୮ (ସମିସ)**

ସମ୍ବଲପୁର ସାଇବର ପୁଲିସକୁ ବଡ଼ ସଫଳତା ମିଳିଛି। ଅନଲାଇନ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ପୁଲିସ ଟଙ୍କା ଫେରାଇଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୋଟ ୪ ଜଣଙ୍କୁ ପୁଲିସ ୪୫ ଲକ୍ଷ ଟଙ୍କା ଫେରସ୍ତ କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସପି ମୁକେଶ ଭାମୁ କହିଛନ୍ତି, ଓଡ଼ିଶା ପୁଲିସ ବର୍ତ୍ତମାନ ସାଇବର ସଚେତନତା ଏବଂ ସାଇବର ଅପରାଧର ତଦନ୍ତକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଉଛି। ଆଧୁନିକ ତଦନ୍ତ ମଡ୍ୟୁଲରେ ତାଲିମ ଫଳରେ ସାଇବର ଠକେଇର ଶିକାର ହୋଇଥିବା ବହୁ ଅଭିଯୋଗକାରୀଙ୍କ ଟଙ୍କା ରଖିଥିବା ଅଭିଯୁକ୍ତଙ୍କ ଆକାଉଣ୍ଟ ଗୁଡ଼ିକୁ ପୁଲିସ ବ୍ଲକ କରି କୋର୍ଟ ପ୍ରକ୍ରିୟା ମାଧ୍ୟମରେ ଫେରାଇବାରେ ସଫଳ ହୋଇଛି। ଏହି କ୍ରମରେ ଆଜି ରମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ୧୬ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ରମେଶ ମୋଟ ୮୫ ଲକ୍ଷ ଟଙ୍କା ଅନଲାଇନ ଠକେଇର ଶିକାର ହୋଇଥିଲେ। ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଠକେଇ ହୋଇଥିବା ବ୍ୟାଙ୍କ ଖାତାରୁ ଅନ୍ୟ ଖାତାକୁ ଯାଇଥିବା ଟଙ୍କାକୁ ବ୍ଲକ କରିପାରିଥିଲା। ଏବେ ୧୬ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଅନଲାଇନରେ ୨୬ ଲକ୍ଷ ଟଙ୍କା ହରେଇଥିବା ମାନଶ କୁମାର ମୁଖୋପାଧ୍ୟାୟଙ୍କୁ ୧୨.୫୦ ଲକ୍ଷ ଟଙ୍କା ଫେରାଇଛି। ୧୨ ଲକ୍ଷ ଟଙ୍କା ହରାଇଥିବା ଶ୍ୟାମ ଦୋରାଙ୍କୁ ସମସ୍ତ ଟଙ୍କା ଉଦ୍ଧାର କରି ଫେରାଇ ଦେଇଛି। ସେହିପରି ୨୬ ଲକ୍ଷ ଟଙ୍କା ଅନଲାଇନ ଠକେଇର ଶିକାର ହୋଇଥିବା ଅଜୟ ମିଞ୍ଜଙ୍କୁ ପୁଲିସ ୪.୫୦ ଲକ୍ଷ ଟଙ୍କା ଫେରାଇ ଦେଇଛି। ଅଜୟଙ୍କ ୧୨ ଲକ୍ଷ ବ୍ୟାଙ୍କରେ ହୋଲ୍ଡ ହୋଇ ରହିଛି। କୋର୍ଟ ରାୟ ପରେ ଟଙ୍କା ଫେରିପାଇବେ ବୋଲି ପୁଲିସ କହିଛି। ସାଇବର ଠକେଇରୁ ଜନ ସାଧାରଣଙ୍କୁ ଦୂରେଇ ରହିବା ପାଇଁ ସମ୍ବଲପୁର ଏସପି ପରାମର୍ଶ ଦେଇଛନ୍ତି। କୌଣସି ଅଜଣା ଲିଙ୍କରେ କ୍ଲିକ୍ ନ କରିବା, ନିଜର ପାସୱାର୍ଡ କିମ୍ବା ଓଟିପି କାହାକୁ ନ ଦେବା ଏବଂ କମ୍ ସମୟରେ ଅଧିକ ଅର୍ଥ ଲାଭ ଲୋଭରେ ଦେଖାଉଥିବା ନକଲି ବିନିଯୋଗ ଯୋଜନାରୁ ଦୂରେଇ ରହିବା ପାଇଁ କହିଛନ୍ତି। ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ନିକଟସ୍ଥ ଥାନାରେ ଯୋଗାଯୋଗ କରନ୍ତୁ ବୋଲି ଏସପି ପରାମର୍ଶ ଦେଇଛନ୍ତି। ସେପଟେ ସାଇବର ଡିଏସପି ଇଶ୍ୱର ତାଣ୍ଡି କହିଛନ୍ତି, ଲୋକମାନେ ଲୋଭରେ ପଡ଼ି ଅଧିକ ଟଙ୍କା ରୋଜଗାର କରିବା ଆଳରେ ମୁଖ୍ୟତଃ ସାଇବର ଠକେଇର ଶିକାର ହେଉଛନ୍ତି। ସାଇବର ଥାନା ପକ୍ଷରୁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ଇନଭେଷ୍ଟ ଆଳରେ ଲୋକମାନେ କୌଣସି ତଥ୍ୟକୁ ଯାଞ୍ଚ କରୁନାହାନ୍ତି। କୌଣସି ସଂସ୍ଥା ଅଧିକ ଲାଭ ଦେଉଥିଲେ ସେଥିରେ ଲୋକେ ଲକ୍ଷାଧିକ ଟଙ୍କା ବିନିଯୋଗ କରୁଛନ୍ତି। ପରେ ଠକେଇର ଶିକାର ହେଉଛନ୍ତି। କେହେବି ଅନଲାଇନ ଠକେଇର ଶିକାର ହେଲେ ତୁରନ୍ତ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।




# ଦେବଝରଣ ଜଳପ୍ରପାତରେ ବୁଡ଼ି ଜଣେ ମୃତ

**ସମ୍ବଲପୁର, ୨୩।୮ (ସମିସ):** ଯୁଯୁମୁରା ଥାନା ଅଧୀନ ଦେବଝରଣ ଜଳପ୍ରପାତ ପାଣିରେ ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଉତ୍ତରପ୍ରଦେଶର ଅଂଶୁଲ(୨୩)। ପରିବାର ସହ ଦେବଝରଣ ବୁଲିବାକୁ ଯାଇଥିଲେ। ଗାଧୋଇବା ବେଳେ ବୁଡି ନିଖୋଜ ହୋଇଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଖୋଜାଖୋଜି କରି ସନ୍ଧ୍ୟାରେ ମୃତ ଶରୀର ପାଇଥିଲା। ସେପଟେ ଦେବଝରଣ ବିକାଶ ମଞ୍ଚ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ମଞ୍ଚର କଥା ରଖିନଥିଲା। ଜଳପ୍ରପାତରେ ଦୁର୍ଘଟଣା ଘଟି ଅନେକ ଥର ଲୋକଙ୍କ ପ୍ରାଣହାନୀ ହୋଇସାରିଲାଣି। ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ବିକାଶ ମଞ୍ଚ ଦାବି କରିଆସୁଥିଲା। କିଛି ଦିନ ପୂର୍ବରୁ ମଞ୍ଚର ଆବାହକ ଅରୁଣ କୁମାର ଦେହୁରୀ ଓ ସଦସ୍ୟ ବ୍ୟାରିକେଡ ବ୍ୟବସ୍ଥା ପାଇଁ ପୁଲିସ ପ୍ରଶାସନକୁ ଦାବି କରିଥିଲା। ସୂଚନା ଅନୁସାରେ ଦେବଝରଣ ସମ୍ବଲପୁର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାକୁ ଜିଲ୍ଲା ସମେତ ବାହାର ରାଜ୍ୟରୁ ପର୍ଯ୍ୟଟକ ଆସୁଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଗାଧୋଇବା ସମୟରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ତେଣୁ ମଞ୍ଚ ପକ୍ଷରୁ ଜଳ ପ୍ରପାତ ଅଞ୍ଚଳରେ ସ୍ଥାୟୀ ସୁରକ୍ଷା କର୍ମଚାରୀ ମୁତୟନ, ବିପଦପୂର୍ଣ୍ଣ ସ୍ଥାନରେ ସତର୍କ ସୂଚନା ଫଳକ ସ୍ଥାପନ, ଗଭୀର ପାଣିକୁ ପ୍ରବେଶ କଟକଣା ସହ ସନ୍ଧ୍ୟାରେ ପର୍ଯ୍ୟଟକଙ୍କୁ ବାରଣ କରିବା ପାଇଁ ଦାବି କରାଯାଇଥିଲା। ଏହା ସହ ପୁଲିସ ପକ୍ଷରୁ ବିଶେଷ ଭାବେ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କିନ୍ତୁ ଏ ସବୁ ଦାବିକୁ ପ୍ରଶାସନ ଅଣଦେଖା କରିଥିବାରୁ ଆଜି ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ସାମାଜିକ ଡା. ରାଜାରାମ ଷଡ଼ଙ୍ଗୀ କହିଛନ୍ତି, ପର୍ଯ୍ୟଟନସ୍ଥଳରେ କେବଳ 'ଅତିଥି ଦେବୋ ଭବ' ଲେଖିଦେଲେ ଦାୟିତ୍ୱ ସରିଯାଏ ନାହିଁ; ପର୍ଯ୍ୟଟକଙ୍କ ନିରାପତ୍ତା ହିଁ ପ୍ରକୃତ ଆତିଥ୍ୟ। ତେଣୁ ବିପଦପୂର୍ଣ୍ଣ ସ୍ଥାନରେ ତୁରନ୍ତ ବ୍ୟାରିକେଡ୍, ସ୍ପଷ୍ଟ ସତର୍କତା ଫଳକ, ଆବଶ୍ୟକ ପୁଲିସ ବ୍ୟବସ୍ଥା ଓ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି।

**ପୂର୍ବରୁ ପଦକ୍ଷେପ ପାଇଁ ଦେବଝରଣ ବିକାଶ ମଞ୍ଚ ଦାବି କରିଥିଲା**

**ବାରମ୍ବାର ଦାବି ପରେ ମଧ୍ୟ ଚେତୁନି ବିଭାଗ**

# ରାସ୍ତାରେ ଅନଧିକୃତ ପାର୍କିଂ ପାଇଁ ଭି୨ ମଲକୁ ଜରିମାନା

**ସମ୍ବଲପୁର, ୨୩।୮ (ସମିସ):** ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ଟ୍ରାଫିକ୍ ପୋଲିସ ମିଳିତ ଭାବେ ଆଜି ସନ୍ଧ୍ୟାରେ ଅନଧିକୃତ ପାର୍କିଂ ଓ ମୁଦିପଡ଼ା–କ୍ଷେତରାଜପୁର ମୁଖ୍ୟରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଅଭିଯୋଗରେ ଭି୨ ମଲକୁ ଦଣ୍ଡିତ କରିଛି। ମଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିବା ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହାସହ ମଲ୍ ସମ୍ମୁଖରେ ରାସ୍ତା ଉପରେ ଅନିୟମିତ ଭାବେ ଦୁଇଚକିଆ ଯାନ ପାର୍କିଂ କରାଯାଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ଟ୍ରାଫିକ୍ ପୋଲିସ୍ ପକ୍ଷରୁ ମଧ୍ୟ ଅନେକ ଦୁଇଚକିଆ ଯାନକୁ ଚାଲାଣ ଇସ୍ୟୁ କରାଯାଇଛି।




ସାଧାରଣ ଲୋକଙ୍କ ନିରବଚ୍ଛିନ୍ନ ଯାତାୟାତ ସୁନିଶ୍ଚିତ କରିବା, ସର୍ବସାଧାରଣ ରାସ୍ତାକୁ ଅବରୋଧମୁକ୍ତ ରଖିବା ଏବଂ ସହରରେ ଟ୍ରାଫିକ୍ ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ମିଳିତ ଚଢ଼ାଉ କରାଯାଇଥିଲା। ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ଆଗାମୀ ଦିନରେ ନିୟମିତ ଭାବେ ଏହି ଚଢ଼ାଉ କରାଯିବ ଏବଂ ଅଭ୍ୟାସରୁ ବିରତ ନହେଲେ ଆବଶ୍ୟକସ୍ଥଳେ ବ୍ୟବସାୟୀକ ପ୍ରତିଷ୍ଠାନକୁ ସିଲ ମଧ୍ୟ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ମହାନଗର ନିଗମ ପକ୍ଷରୁ ସର୍ବସାଧାରଣ ରାସ୍ତା ଓ ଫୁଟପାଥ ଉପରେ ଅନଧିକୃତ ପାର୍କିଂ କିମ୍ବା କୌଣସି ପ୍ରକାରର ଅବରୋଧ ସୃଷ୍ଟି ନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ 'ଶାର୍କ ଟ୍ୟାଙ୍କ'

**ସମ୍ବଲପୁର, ୨୩।୮ (ସମିସ):** ଶାସନ ପାଡପାଲି ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର 'ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଶାର୍କ ଟ୍ୟାଙ୍କ' କାର୍ଯ୍ୟକ୍ରମ ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି। ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଅଭିନବ ବ୍ୟବସାୟିକ ପ୍ରକଳ୍ପକୁ 'ଶାର୍କ'ମାନେ ବିଶେଷ ଭାବେ ଅନୁଧ୍ୟାନ କରିବା ସହ କେତେକ ପ୍ରକଳ୍ପରେ ଲକ୍ଷାଧିକ ଟଙ୍କା ପୁଞ୍ଜିନିବେଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏବଂ ସେଗୁଡ଼ିକୁ ଆଗାମୀ ଦିନରେ ସଫଳ ଉଦ୍ୟମରେ ପରିଣତ କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ।

**୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ**

**ନୂତନ ବ୍ୟବସାୟିକ ଚିନ୍ତାଧାରାକୁ ମିଳିଲା ପୁଞ୍ଜିନିବେଶର ପ୍ରତିଶ୍ରୁତି**




ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟମିତା, ନବସୃଜନ ଓ ବ୍ୟବସାୟିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଛାତ୍ରଛାତ୍ରୀମାନେ ନିଜର ଅଭିନବ ବ୍ୟବସାୟିକ ପ୍ରକଳ୍ପ ଓ ଧାରଣାକୁ ଶିଳ୍ପପତି ତଥା ପୁଞ୍ଜିନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ସେଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ପୁଞ୍ଜିନିବେଶ ଆକର୍ଷଣ କରିବାର ସୁଯୋଗ ପାଇଥିଲେ। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ସମେତ ଛତିଶଗଡ଼ର ରାୟଗଡ଼ ଜିଲ୍ଲାରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ

କାର୍ଯ୍ୟକ୍ରମରେ 'ଶାର୍କ' ଭାବେ ବିଶିଷ୍ଟ ଉଦ୍ୟୋଗପତି ହରଜିତ ସିଂ ହୁରା, ଦୀନେଶ ସିଙ୍ଘାଣିଆ, ଡ଼. ପୁରୁଷୋତ୍ତମ ଅଗ୍ରୱାଲ, ପୁଷ୍କର ଲାଲ ଅଗ୍ରୱାଲ ଏବଂ ସି.ଏ. ଅଶୋକ ଅଗ୍ରୱାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କ ନୂତନ ଚିନ୍ତାଧାରା, ସୃଜନଶୀଳତା ଓ ବ୍ୟବସାୟିକ ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଛାତ୍ରଛାତ୍ରୀଙ୍କ ଏହି ବ୍ୟବସାୟିକ ପ୍ରକଳ୍ପଗୁଡ଼ିକୁ କିପରି ବିଶ୍ୱସ୍ତରରେ ପରିଚିତ କରାଯାଇପାରିବ

ସେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଅଭିନବ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ସହ ଅଧ୍ୟକ୍ଷା ଗୀତା ଧର୍ମରାଜନ ଓ ସହ-ଅଧ୍ୟକ୍ଷ ମୋନେନ ଈଶ୍ୱରୀ ଉପସ୍ଥିତ ରହି ପ୍ରଶଂସା କରିଥିଲେ। ଏହାସହ ଆସନ୍ତା ଅକ୍ଟୋବର ୯ ତାରିଖରୁ ବୈଦିକ ଇଣ୍ଟରନେସନାଲ ସ୍କୁଲ ପରିସରରେ 'ଭିସମୁନ ୭.୦' ଆୟୋଜିତ ହେବ। ଏଥିରେ ସମଗ୍ର ଓଡ଼ିଶା ସହ ଛତିଶଗଡ଼ ଓ ଝାରଖଣ୍ଡରୁ ୩୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସମ୍ବଲପୁର ପୁଲିସର 'ମୋବାଇଲ ମେଳା ୨.୦'

# ଶୂନ୍ୟ ଗିରଫଦାରୀରେ ଚୋରି ମୋବାଇଲ ଫେରାଇଲା ପୁଲିସ



**ସମ୍ବଲପୁର, ୨୩।୮ (ସମିସ):** ସମ୍ବଲପୁର ପୁଲିସ ଆଜି ଚୋରି ଓ ହଜିଯାଇଥିବା ୧୧୫ ମୋବାଇଲ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ହେଲେ ଏହି ଘଟଣାରେ ଜଣକୁ ହେଲେ ଗିରଫ କରିନାହିଁ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକୃତ ହିତାଧିକାରୀଙ୍କୁ ମୋବାଇଲ ଫେରସ୍ତ କରାଯାଇଛି। ପ୍ରଯୁକ୍ତିବିଦ୍ୟା ଆଧାରିତ ତଦନ୍ତ ମାଧ୍ୟମରେ ଏକ ବଡ଼ ସଫଳତା ମିଳିଛି। ପୁଲିସର 'ମୋବାଇଲ ମେଳା ୨.୦' ଅଭିଯାନ ଜରିଆରେ ବିଭିନ୍ନ ସମୟରେ ହଜିଯାଇଥିବା ବା ଚୋରି ହୋଇଥିବା ୧୧୫ଟି ମୋବାଇଲ୍ ଫୋନ୍ ଟ୍ରେସ୍ କରି ଉଦ୍ଧାର କରାଯାଇଛି। ଭାରତ ସରକାରଙ୍କ ଟେଲିକମ୍ ବିଭାଗ ଅଧୀନରେ ଥିବା 'ସଞ୍ଚାର ସାଥୀ'ଯୋଜନାର ସିଇଆଇଆର ପୋର୍ଟାଲରେ ହଜିଥିବା ମୋବାଇଲ୍‌ଗୁଡ଼ିକର ଆଇଏମଇଆଇ ନମ୍ବର ପଞ୍ଜୀକରଣ କରାଯାଇଥିଲା। ପୁଲିସର ବୈଷୟିକ ଟିମ୍ ନିରନ୍ତର ତଦାରଖ ଓ ଉପକରଣ ଗତିବିଧିକୁ ଟ୍ରାକ୍ କରି ସଫଳତାର ସହ ୧୧୫ଟି ମୋବାଇଲ୍ ଫୋନ୍ ଉଦ୍ଧାର କରିଥିଲା। ସେପଟେ ଏହି ଘଟଣାରେ କାହାକୁ ଏବେ ପର୍ଯ୍ୟନ୍ତ ଗିରଫ କରାଯାଇନଥିବା ପୁଲିସ କହିଛି।

# ହାତୀ ଭାଙ୍ଗିଦେଲା ଘର; ବାସହରା ପରିବାର



**ରେଢ଼ାଖୋଲ, ୨୩।୮ (ସମିସ):** ରାତିର ଅନ୍ଧାରରେ ହଠାତ୍ ଶୁଭିଲା ହାତୀର ଗର୍ଜନ। ନିଦରୁ ଉଠି ଦେଖିଲା ବେଳକୁ ଘର ଭିତରେ ପଶି ସାରିଥିଲା ହାତୀ। ଜୀବନ ବଞ୍ଚାଇବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ଉପାୟ ନଥିଲା। ଏଭଳି ଏକ ଦୁଃଖଦ ଘଟଣାଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଭାଲିଆକଟା ଗ୍ରାମ ପଞ୍ଚାୟତ ଅଧୀନ ଗୋପାଳପୁର ଗ୍ରାମରେ। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତ୍ରିରେ ହାତୀ ଗ୍ରାମରେ ପଶି ରଙ୍କ ମାଝୀ, ଟଙ୍କ ମାଝୀ ଓ ଅଲେଖ ମାଝୀଙ୍କ ଘର ଭାଙ୍ଗି ଦେଇଛି। ଟିଭି, କୁଲର, ଫ୍ୟାନ୍, ଆଜବେଷ୍ଟର, କବାଟ ସହ ଘରେ ରଖାଯାଇଥିବା ପ୍ରାୟ ୮ ବସ୍ତା ଚାଉଳ ମଧ୍ୟ ନଷ୍ଟ ହୋଇଛି। ପ୍ରାୟ ରାତି ୩ ଟାରେ ହାତୀଟି ଚାଲିଯିବା ପରେ ପରିବାର ଲୋକେ ଘରୁ ବାହାରି ଯାହା ଦେଖିଲେ, ତାହା ସେମାନଙ୍କ ପାଇଁ ଥିଲା ଅତ୍ୟନ୍ତ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯେଉଁ ଘରେ ଗତକାଲି ପର୍ଯ୍ୟନ୍ତ ପରିବାରର ହସଖୁସି ଥିଲା, ଆଜି ସେହି ଘର ଭାଙ୍ଗି ମାଟିରେ ମିଶିଯାଇଛି। ଘର ହରାଇଥିବା ପରିବାର ଏବେ ଅସହାୟ। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛି। ବଡ଼ମାଳ ରେଞ୍ଜର ଚିନ୍ମୟୀ କୁମାର ଗଡ଼ତିୟା କହିଛନ୍ତି ଯେ ନିୟମ ଅନୁଯାୟୀ କ୍ଷୟକ୍ଷତିର ଆକଳନ କରାଯାଇ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ।

# ଡିପିଏସ୍ ପକ୍ଷରୁ ଆନ୍ତଃବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା

**ସମ୍ବଲପୁର, ୨୩।୮ (ସମିସ):** ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ସମ୍ବଲପୁର ପକ୍ଷରୁ ଏମ୍-ପାୱାର ଆନ୍ତଃବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା୨୦୨୬ ସଫଳତାର ସହ ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ଡିପିଏସ୍ ସମ୍ବଲପୁର, ଅଲୋନ୍ସ ପବ୍ଲିକ୍ ସ୍କୁଲ୍ ବେମେତରା, ଆର୍‌ଡବ୍ଲ୍ୟୁଏସ୍ ମହାସମୁନ୍ଦ, ଆର୍‌ଡବ୍ଲ୍ୟୁଏସ୍ ଗୋନ୍ଦିଆ, କଳମ୍ବିଆ ଗ୍ଲୋବାଲ୍ ସ୍କୁଲ୍ ରାୟପୁର, ଜେପିଆଇଏସ୍ କାଙ୍କେର ଏବଂ ଡିପିଏସ୍ ଛିନ୍ଦୱାଡାର ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ସମାପନୀ ସମାରୋହରେ ଆଡଜୁଟାଣ୍ଟ କମାଣ୍ଡାଣ୍ଟ, ଷ୍ଟେସନ୍ ମୁଖ୍ୟାଳୟ ସମ୍ବଲପୁର କର୍ଣ୍ଣେଲ ବିକାଶ ଗୁପ୍ତା ମୁଖ୍ୟଅତିଥି ଏବଂ ପିଟିଏ ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ବିଭୁ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜୁନିୟର ବାଳକବର୍ଗରେ ଅଲୋନ୍ସ ପବ୍ଲିକ୍ ସ୍କୁଲ୍, ବେମେତରା, ଜୁନିଅର ବାଳିକା ବର୍ଗରେ ଡିପିଏସ୍ ସମ୍ବଲପୁର ଏବଂ ସିନିୟର ବାଳକ ଓ ବାଳିକା ବର୍ଗରେ ଜେପିଆଇଏସ୍, କାଙ୍କେର ବିଜେତା ହୋଇଥିଲେ। ସମସ୍ତ ବିଜେତା, ଖେଳାଳି, ପ୍ରଶିକ୍ଷକ, ମ୍ୟାନେଜର, ଅଧିକାରୀ, ସ୍ୱେଚ୍ଛାସେବୀ ଓ ଅଂଶଗ୍ରହଣକାରୀ ବିଦ୍ୟାଳୟଗୁଡ଼ିକୁ ଆୟୋଜକଙ୍କ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଯାଇଥିଲା।




# ହୀରାକୁଦ ଜଳସ୍ତର ୬୨୨ ଫୁଟ, ୫ ଗେଟ ଖୋଲା

**ସମ୍ବଲପୁର, ୨୩।୮ (ସମିସ):** ହୀରାକୁଦ ଉପରମୁଣ୍ଡରେ ବର୍ଷାର ପରିମାଣ କମିଛି। ଫଳରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ମଧ୍ୟ କମିଛି। ମୋଟ ୫ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୬ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୨୨.୭୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ଏହିପରି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୩୬, ୧୫୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୧୪, ୦୫୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୭୯, ୪୧୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୧, ୪୦୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩, ୦୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ବେଲଗାଁଠାରେ ୧୩, ୨୦୦ କ୍ୟୁସେକ, ପଥର୍ଲାଠାରେ ୨୩, ୫୫୮ କ୍ୟୁସେକ୍, ଖଇରମାଲଠାରେ ୧, ୬୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୭୫, ୨୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨, ୮୩, ୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି।

# ପ୍ରଥମ ଅଲ୍ ଓଡ଼ିଶା ଇକ୍ୱିପ୍ଡ ପାୱାରଲିଫ୍ଟିଂ ଚାମ୍ପିଅନସିପ୍




**ସମ୍ବଲପୁର, ୨୩।୮ (ସମିସ):** ଓଡ଼ିଶାରେ ପାୱାରଲିଫ୍ଟିଂ କ୍ରୀଡ଼ାକୁ ଆହୁରି ଲୋକପ୍ରିୟ ଓ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆୟୋଜିତ ପ୍ରଥମ ଅଲ୍ ଓଡ଼ିଶା ଇକ୍ୱିପ୍ଡ ପାୱାରଲିଫ୍ଟିଂ ଚାମ୍ପିଅନସିପ୍୨୦୨୬ ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମୋଟ ୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ବଲାଙ୍ଗିର, ଝାରସୁଗୁଡ଼ା ଓ ପୁରୀର ପାୱାରଲିଫ୍ଟରମାନେ ଏଥିରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଚାମ୍ପିଅନସିପ୍‌ରେ ସମ୍ବଲପୁରର ସୋମନାଥ ପଟ୍ଟନାୟକ ନିଜର ଶକ୍ତି ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ 'ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍ /ଷ୍ଟ୍ରଙ୍ଗମ୍ୟାନ୍ ଅଫ୍ ଓଡ଼ିଶା' ଭାବେ ବିଜୟୀ ହୋଇଥିବାବେଳେ ସୁନ୍ଦରଗଡ଼ର କଲ୍ୟାଣୀ ସିଂହ 'ଷ୍ଟ୍ରଙ୍ଗ୍ ୱୁମ୍ୟାନ୍ ଅଫ୍ ଓଡ଼ିଶା' ଭାବେ ବିଜୟୀ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୁଧୀର ରଞ୍ଜନ ବହିଦାର ମୁଖ୍ୟଅତିଥି ଓ ପାୱାରଲିଫ୍ଟିଂ ଆସୋସିଏସନ୍ ଓଡ଼ିଶାର ଜେନେରାଲ୍ ସେକ୍ରେଟାରୀ ସଙ୍ଗୀତା ସିଂହ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ରେଫରୀ ଭାବେ ଗୌତମ ଅଡୁଆଡ଼, ତରଣଦୀପ ସିଂହ, ସନ୍ତୋଷ ବାରିକ ଓ ସୁଦୀପ ମହାରଣା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସୁଧୀର ପଟ୍ଟନାୟକ, ଶିଶିର ବହିଦାର, ଦିବ୍ୟ ବେହେରା, ଶ୍ରିମୟୀ ସାହୁ, ସଂଘମିତ୍ରା ସୋନୁ, ନବୀନ ବାଗଙ୍କ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ସାମ୍ବାଦିକଙ୍କୁ ପେନ୍‌ସନ୍ ଦାବିରେ ସମ୍ବଲପୁରରେ ବରିଷ୍ଠ ସାମ୍ବାଦିକଙ୍କ ବୈଠକ

## ୧୯ଟି ରାଜ୍ୟରେ ପେନ୍‌ସନ୍ ଲାଗୁ ହୋଇଥିବାବେଳେ ଓଡ଼ିଶାରେ କେବେ?

**ସମ୍ବଲପୁର, ୨୩।୮ (ସମିସ)**

ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘର ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସହଯୋଗରେ ସାମ୍ବାଦିକ ଭବନରେ ଆଜି ବରିଷ୍ଠ ସାମ୍ବାଦିକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବାର୍ଷିଆନ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ, ଦେବଗଡ଼ ଜିଲ୍ଲାର ବହୁ ସଂଖ୍ୟାରେ ସାମ୍ବାଦିକ ଯୋଗ ଦେଇଥିଲେ। ବୈଠକରେ ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘର ସଭାପତି କାହ୍ନୁଚରଣ ନନ୍ଦ, ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ସିଂହ, ସାଙ୍ଗଠନିକ ସମ୍ପାଦକ ବିପ୍ଳବ ମହାନ୍ତି, ରାଜ୍ୟକାରିଣୀ ସଦସ୍ୟ ଦିପ୍ତିମୟୀ କର, ଅମରେଶ୍ୱର ଦାସ, କୁନ୍ତଳା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ହେବା କେତେ ଜରୁରୀ, ସେ ବିଷୟରେ ଅତିଥି ମାନେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରିପେକ୍ଷୀରେ ଗୋରେଖ ନାଥ ସାହୁ, ହେମନ୍ତ କୁମାର ମହାପାତ୍ର, ରମାକାନ୍ତ ବିଶ୍ୱାଳ, ରାଜାରାମ ପାଢ଼ୀ, ଶିବଶଙ୍କର ନନ୍ଦ, ସୁକାନ୍ତ କର, ସବିତା ମିଶ୍ର, ଅମରେଶ୍ୱର ଦାସ ବ୍ରଜମୋହନ ଦାନି, ଦିପ୍ତିମୟୀ କର,







ମେଘନାଦ ସାହୁ, କୁନ୍ତଳା ବେହେରା, ମନୋରଞ୍ଜନ ପଟ୍ଟନାୟକ, ଶମ୍ଭୁନାଥ ଖଣ୍ଡଗିରି, ହରିହର ନାଥ, ଜୀବନ ମହାନ୍ତି, ଲକ୍ଷ୍ମୀକାନ୍ତ ପଣ୍ଡା, ଦୀପକ କୁମାର ପଣ୍ଡା, ଦେବାନନ୍ଦ ପ୍ରଧାନ, ପ୍ରତ୍ୟୁଷ କାନ୍ତ ପ୍ରଧାନ, ଦୀପକ ପଣ୍ଡା, ସମେତ ଅନେକ ବରିଷ୍ଠ ସାମ୍ବାଦିକ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ନ କରାଯିବା ନେଇ ତୀବ୍ର କ୍ଷୋଭପ୍ରକାଶ ପାଇଥିଲା। ଭାରତର ୧୯ଟି ରାଜ୍ୟରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ ଦିଆଯାଉଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହା ଲାଗୁ ନହେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିରୋଧୀ ଦଳରେ ଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ସାମ୍ବାଦିକଙ୍କ ପେନ୍‌ସନ୍ ଦାବି କରିଥିଲେ। କିନ୍ତୁ ଏବେ ନିଜେ ମୁଖ୍ୟମନ୍ତ୍ରୀ ହେବା ପରେ ୨ ବର୍ଷ ବିତିଗଲା ପରେ ବି କିଛି ପଦକ୍ଷେପ ନିଆଯାଇ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ମତ ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଶାସନରେ ଆସିଲା ପରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି ଏହି ଦାବୀ ଉପସ୍ଥାପନ କରାଯାଇଥିଲା। ସେହି ସମୟରେ ୩ ବର୍ଷ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସଭାପତି ଶ୍ରୀ ନନ୍ଦ କହିଥିଲେ ଯେ, ଯେହେତୁ ପୂର୍ବରୁ ଓଡ଼ିଶା ହାଇକୋର୍ଟ ଏହା ଉପରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସେହି ଦୃଷ୍ଟିରୁ ରାଜ୍ୟ ସରକାର ଏହାକୁ ଅନୁପାଳନ କରି ଓଡ଼ିଶା ପ୍ରଦେଶରେ ବରିଷ୍ଠ ସାମ୍ବାଦିକଙ୍କ ପାଇଁ ପେନସନ ଲାଗୁ କରାଯାଉ। ଯଦ୍ୱାରା, ଦୁର୍ଦ୍ଦିନ ଅବସ୍ଥାରେ ଗତି କରିଥିବା ବାର୍ଦ୍ଧକ୍ୟ ଜୀବନରେ ସାମ୍ବାଦିକ ମାନେ ଉପକୃତ ହେବେ। ଏଥିସହ ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘ ଆଶା କରୁଛି ଯେ, ନିଶ୍ଚିତ ଭାବରେ ଖୁବ ଶୀଘ୍ର ଅନ୍ୟ ରାଜ୍ୟପରି ଓଡ଼ିଶାରେ ମଧ୍ୟ ବରିଷ୍ଠ ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ କରାଯିବ। ସମସ୍ତ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ମୃତିଚିହ୍ନ ସହ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

ସକାଳ
THE SAKALA

## ଗୋପନୀୟତା ଉଲ୍ଲଙ୍ଘନ

ଗତ ମାସରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିଜେପି ଆୟୋଜିତ ଜେନ୍ ଜେଡ୍ ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରୀ ଓ ଯୁବତୀମାନଙ୍କ ଫଟୋ, ଭିଡିଓ ସମେତ ସେମାନଙ୍କ ପରିଚୟ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ପ୍ରଘଟ ହେବା ପରେ ଗୋପନୀୟତା ଉଲ୍ଲଙ୍ଘନ ଭଳି ବିବାଦ ଉଠିଛି। ଏପରିକି ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସାମାଜିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏହି ଆନ୍ଦୋଳନକୁ ଅବଶିଷ୍ଟ ଭାରତବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାମାଜିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ଏବେ ସେହି ମଞ୍ଚ ହିଁ କିଛି ଆନ୍ଦୋଳନକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମରେ ବିନାନୁମତିରେ ଫଟୋ ସହିତ ପରିଚୟ ଓ ଠିକଣା ପ୍ରଘଟ କରିବା ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ପାଡ଼ିତମାନେ ଚାହିଁଲେ ସମ୍ପୃକ୍ତ ପ୍ରଘଟକାରୀ ଏପରିକି ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। 'ଡକ୍ସିଂ' ଭାବରେ ନାମିତ ଏହିଭଳି ସାଇବର ଅପରାଧ ମହିଳା ଗୋପନୀୟତା ଉପରେ ଆକ୍ରମଣ ଭାବେ ଅଭିହିତ କରାଯାଉଥିବାରୁ ଏଥିପାଇଁ 'ଭାରତୀୟ ନ୍ୟାୟ ସଂହିତା'ରେ ଏକାଧିକ ଧାରା ଯଥା ୭୮, ୭୯, ୩୫୬ ରହିଛି। ସେହିଭଳି ଏ କ୍ଷେତ୍ରରେ 'ପୋକ୍ସୋ' ଆଇନର ଧାରା ୧୩ ମଧ୍ୟ ପ୍ରଯୁଜ୍ୟ। ଏହାଛଡ଼ା 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା' ଆଇନ ଧାରା ୬୬ଇ, ୭୨ଏ ଏଭଳି ଆଚରଣକୁ ଅପରାଧିକ ସଂଜ୍ଞା ଦେଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ପ୍ରାବଧାନ କରିଛି। କିନ୍ତୁ ଅଦ୍ଭୁତ କଥା ହେଉଛି ଆନ୍ଦୋଳନ ବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଅନେକ ଛାତ୍ରୀ ଓ ଯୁବତୀଙ୍କ ନାମରେ ପୁଲିସ୍ ମାମଲା ରୁଜୁ ପ୍ରକ୍ରିୟା ଆରମ୍ଭ କରିସାରିଥିବାରୁ ଡକ୍ସି ପାଡ଼ିତମାନେ ପୁଲିସ୍ ସହାୟତା ମାଗିବା ଆଶା କ୍ଷୀଣ।

ଏଆଇର ଉପଯୋଗ ଡକ୍ସିଂ ପାଡ଼ାକୁ ଅଧିକ ଯନ୍ତ୍ରଣାଦାୟକ କରିଛି। କେତେବେଳେ କାହାର ଫଟୋ ବିକୃତ କିମ୍ବା କଦର୍ଯ୍ୟ ହୋଇ କେଉଁଠି ପ୍ରଘଟ ହେବ ତାହା କେହି ନିଶ୍ଚିତ କହିପାରିବେ ନାହିଁ। ଏଥିଯୋଗୁଁ ସାମାଜିକ ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ସହିତ ପାରିବାରିକ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ପାଡ଼ିତମାନେ ସାମାଜିକ ଗଣମାଧ୍ୟମ ମଞ୍ଚ ବିରୋଧରେ ଅଭିଯୋଗ କରିପାରିବେ ଏବଂ ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଦାବି କରିପାରିବେ। ସୂଚନା ପ୍ରଯୁକ୍ତି(ଅନ୍ତର୍ଗାମୀ ମାର୍ଗଦର୍ଶିକା ଏବଂ ଡିଜିଟାଲ ଗଣମାଧ୍ୟମ ନୈତିକ ସଂହିତା) ଅଧିନିୟମ ୨୦୨୧ ଅନୁଯାୟୀ ସମ୍ପୃକ୍ତ ମଞ୍ଚମାନେ 'ଡକ୍ସିଂ' ପାଇଁ ଉତ୍ତରଦାୟୀ ଏବଂ ଆଇନତଃ ଅଭିଯୁକ୍ତ ହୋଇପାରିବେ। ଉକ୍ତ ଅଧିନିୟମ ଅନୁଯାୟୀ ପାଡ଼ିତମାନେ ଫଟୋ/ଭିଡିଓ ପୋଷ୍ଟ ହେବାର ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ନିକଟରେ ଅଭିଯୋଗ ଦାଖଲ କରିପାରିବେ ଏବଂ ଅଭିଯୋଗ ଦାଖଲର ୭ ଦିନ ମଧ୍ୟରେ, କେତେକ ସମ୍ବେଦନଶୀଳ ଘଟଣାରେ ୩ ଦିନ ମଧ୍ୟରେ, ଉକ୍ତ ସଂସ୍ଥା ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ହଟାଇବାକୁ ବାଧ୍ୟ। କିନ୍ତୁ ସମ୍ପୃକ୍ତ ସଂସ୍ଥାମାନଙ୍କର ବେଖାତିର ଆଚରଣ ଯୋଗୁଁ ଆଇନ ଦନ୍ତହୀନ ବାଘରେ ରୂପାନ୍ତରିତ ହେଉଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟ ଏବେ ପ୍ରଭାବଶାଳୀ ଯେ କୌଣସି ଦେଶର ଆଇନକାନୁନ୍‌କୁ ସେମାନେ ଖାତିରି ନାହାନ୍ତି କି ସେମାନଙ୍କ ବାସନ୍ଦ କରାଯାଇପାରୁନାହିଁ। ତେଣୁ ଗଣମାଧ୍ୟମ ସଂସ୍ଥାଙ୍କ ସମ୍ପୂର୍ଣ୍ଣ ବାସନ୍ଦ ବ୍ୟତୀତ 'ଡକ୍ସିଂ'ରୁ ମୁକ୍ତିକାର ରାସ୍ତା ଖୁବ୍ ସଂକୁଚିତ।

## କୋଟିଆ କାହାର?

ଗୁଗୁଲ୍ ମ୍ୟାପ୍‌ରେ କୋଟିଆ ଗ୍ରାମପଞ୍ଚାୟତକୁ ଆନ୍ଧ୍ରପ୍ରଦେଶର ବୋଲି ଦର୍ଶାଯିବା ପରେ ପୁଣି ବିବାଦ ଉଠିଛି। ଗୁଗୁଲ୍ ଏଥିପାଇଁ କ୍ଷମା ମାଗୁ ବୋଲି ଦାବି ହୋଇଛି। କିନ୍ତୁ ଏଥିରେ ଗୁଗୁଲ୍‌ର ତ୍ରୁଟି ତୁଳନାରେ ଆନ୍ଧ୍ରପ୍ରଦେଶର ଭୂମିକା ଅଧିକ ଥିବା ମନେ ହେଉଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପଞ୍ଚାୟତ ବିବାଦରେ ଆନ୍ଧ୍ରପ୍ରଦେଶ ସରକାର ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛନ୍ତି। ଦୀର୍ଘ ୫୦ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ଆନ୍ଧ୍ରପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ଭାବେ ଜନ୍ମ ନେବା (୧୯୫୬ ନଭେମ୍ବର ୧)ର ବହୁପୂର୍ବରୁ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ବ୍ରିଟିଶ ଇଣ୍ଡିଆର ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ହେବା କାଳରୁ ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ଯେଉଁ ଦକ୍ଷିଣ ସୀମାନ୍ତ ସୀମା ଧାର୍ଯ୍ୟ ହୋଇଥିଲା ସେଥିରେ ଏହି ଗ୍ରାମପୁଞ୍ଜ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା। ତେବେ ପରବର୍ତ୍ତୀ କାଳରେ ନୂତନ ଆନ୍ଧ୍ର ଜନ୍ମ ନେବା ପରେ ପ୍ରାୟ ୨୦ ବର୍ଷର ଓଡ଼ିଶାର ଦାବିକୁ ବଦଳାଇ ଏସବୁ ଗ୍ରାମପୁଞ୍ଜ ଉପରେ ନିଜର ଅଧିକାର ଜାହିର କରିଆସୁଛି। ମାମଲାଟି ଏବେ ସୁପ୍ରିମକୋର୍ଟର ବିଚାରାଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି।

ନିଜ ସୀମାର ସୁରକ୍ଷା ପାଇଁ ପରିସ୍ଥିତି ଓ ସମୟ ଦୃଷ୍ଟିରୁ କାର୍ଯ୍ୟାନୁଷ୍ଠାନ ଲୋଡ଼ୁଛି। ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିରା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଉଁ ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ନଜରକୁ ଆଣୁଛି, ସଂସଦୀୟ ମଞ୍ଚରେ ଉପସ୍ଥାପନ କରୁଛି, କିନ୍ତୁ କିଛି ଫଳ ହେଉ ନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି। ତେଣୁ ଏବେ ସମୟ ଆସିଛି ଗୁଗୁଲ୍‌କୁ ଦୋଷାରୋପ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସମ୍ପୃକ୍ତ ବିଭାଗକୁ ଉତ୍ତରଦାୟୀ କରିବାକୁ ପଡ଼ିବ।

## ନବପିଢ଼ିର ଶାଶ୍ୱତ ଅଗ୍ନିଶିଖା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଆଜି ଜେନ୍-ଜେଡ୍ ଏବଂ ଜେନ୍-ଆଲ୍‌ଫାଙ୍କ କାରଣରୁ ଅନେକଙ୍କୁ ଯେତିକି ବିସ୍ମିତ କରିଛି, ତା'ଠାରୁ ବହୁଗୁଣ ଉଲ୍ଲସିତ ବି କରିଛି। ବିସ୍ମିତ କରିଛି, କାରଣ ଅନେକେ ବେଶ୍ କିଛି ବର୍ଷ ହେଲାଣି ଭାବିବାରେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ନୀତି, ନୈତିକତା, ଶୃଙ୍ଖଳା ଏବଂ ପ୍ରଶ୍ନହୀନ ଆନୁଗତ୍ୟ ବା ବଶମ୍ବଦତା ପରି ମୂଲ୍ୟବୋଧ ଓ ସଂସ୍କାର ସବୁରୁ ଆଜିର ପିଲାମାନେ କେବେ ବିଚ୍ୟୁତ ହେବେ ନାହିଁ କିମ୍ବା ଯଦି ବା କେବେ କୈଶୋର ବା ତାରୁଣ୍ୟର ଆଦ୍ୟ ଉଦ୍ଦାପନା ଯୋଗୁଁ ସେଥିରୁ ବିଚ୍ୟୁତ ହେବେ, ଖୁବ୍ ଶୀଘ୍ର ପୁଣି ଠିକଣା ମାର୍ଗକୁ ଫେରିଆସିବେ। ଉଲ୍ଲସିତ ହୋଇଛନ୍ତି, କାରଣ ସେମାନେ ଯେଉଁ କଥା କହିବାକୁ ଚାହୁଁଥିଲେ କିନ୍ତୁ କହିପାରୁନଥିଲେ, ଯେଉଁ ସାମାଜିକ ବା ଶାସନଗତ ପରିବର୍ତ୍ତନ ନିହାତି ଜରୁରୀ ବୋଲି ଜାଣୁଥିଲେ ବି କରାଇ ପାରୁନଥିଲେ, ସେଇ ଦାୟିତ୍ୱଟି ଏବେ ପିଲାଏ ତାଙ୍କ କାନ୍ଧକୁ ନେଇ ଯାଇଛନ୍ତି। ତେବେ ଏକଥା ସତ୍ୟ ଯେ ଆଜିର ବୟସ୍କ ସମାଜ ପ୍ରାୟତଃ ଏଇ ନବପିଢ଼ିକୁ ଉଦ୍ଦେଶ୍ୟହୀନ, ମୋବାଇଲ୍ ସ୍କ୍ରିନ୍ ଓ ଡିଜିଟାଲ ଜଗତର ମନୋରଞ୍ଜକ ଆବହାୱାରେ ଉଡ଼ିବୁଲୁଥିବା ହାଲ୍‌କା ଫୁଲ୍‌କା ଏବଂ ଘେଣ୍ଟ ଦିଗଭ୍ରଷ୍ଟ, ବିପଥଗାମୀ ପିଢ଼ି ବୋଲି ଆକ୍ଷେପ କରିଥାଏ। ଅତି ସହଜରେ ଭୁଲିଯାଇଥାଏ ଯେ ଯେବେ ଯେବେ ସାମାଜିକ ଅନ୍ୟାୟ, ଶାସକୀୟ ସ୍ୱୈରତନ୍ତ୍ର, ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର ପ୍ରସଙ୍ଗକୁ ନେଇ କେଉଁଠି ସ୍ୱର ଉତ୍ତୋଳିତ ହୋଇଥାଏ, ସେଥିରେ ସବୁଠାରୁ ତୀବ୍ରତର ଥାଏ ଏଇ ନବପିଢ଼ିର ସ୍ୱର।

ଏବେ ଏଇ ନବପିଢ଼ିର ଆନ୍ଦୋଳନ ଓ ପ୍ରତିବାଦକୁ ଅନେକ ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ଲୋକମତ-ନିର୍ମାତାମାନେ ଅଲଗା ଅଲଗା ବିଚାର ଓ ମତାଦର୍ଶର ଚଷମାରୁ ନେଇ ଉଭଳି ଚାଲିଥିବା ଏବଂ ଏ ଅଭୂତପୂର୍ବ ଓଥା ଅଭିନବ ଆନ୍ଦୋଳନର ଔଚିତ୍ୟ ଯଥା ଗୁଣଗ୍ରାମ ବର୍ଣ୍ଣନା କରିବାପାଇଁ ଆମେ ଦେଖୁଛେ, ବିଶେଷକରି ଆମ ଛାପା ଗଣମାଧ୍ୟମମାନଙ୍କରେ। ଅନେକ ଅବଶ୍ୟ ପିଲାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା, ସହାନୁଭୂତି ଓ ପୃଷ୍ଠପୋଷକତା-ଭାବରଞ୍ଜିତ ମନୋଭାବ ପ୍ରକାଶ କରିଥିବା କଥା ଆମେ ଜାଣିଛେ। କିନ୍ତୁ ଏମାନଙ୍କ ମଧ୍ୟରେ ଏମିତି କେତେକଙ୍କ ମଧ୍ୟ ଅଛନ୍ତି, ଯେଉଁମାନେ ପିଲାମାନଙ୍କ ବ୍ୟଙ୍ଗ ଓ ବ୍ୟଙ୍ଗମୂଳକ ଅଭିନବ ମାଧ୍ୟମରେ ପ୍ରତିବାଦ ଓ ଚାତୁର୍ଯ୍ୟପୂର୍ଣ୍ଣ ସ୍ଲୋଗାନଗୁଡ଼ିକରେ ଅପସଂସ୍କୃତିର ଆଭାସ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆଜିର ନବପିଢ଼ିର ଚେତନାରେ ସ୍ପଷ୍ଟ ପରିସ୍ଫୁଟିତ ହୋଇଛି ଅନେକ ସଚେତନ ଜନସାଧାରଣଙ୍କ ଅବଦମିତ ଇଚ୍ଛା ଓ ଭାବନା।

ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆମେ ନବପିଢ଼ିର ଯେଉଁ ସ୍ୱର ଶୁଣୁଛେ ସେଥିରେ ପ୍ରତିଧ୍ୱନିତ ହୋଇଥାଏ ଭାରତୀୟ ମୁକ୍ତି ସଂଗ୍ରାମର ଦୀର୍ଘ ଅବଧି ମଧ୍ୟରେ କୁହାଯାଇଥିବା ସେତେବେଳେର ନବପିଢ଼ିର ସ୍ୱର। ତେଣୁ କୁହାଯାଇପାରେ ଯେ ବର୍ତ୍ତମାନର ଜେନ୍-ଜେଡ୍ ଓ ଜେନ୍-ଆଲ୍‌ଫା ହେଉଛନ୍ତି ଭାରତୀୟ ମୁକ୍ତିସଂଗ୍ରାମ କାଳର ସେହି ନିର୍ଭୀକ, ଦୁଃସାହସୀ, ଦେଶାତ୍ମବୋଧରେ ସ୍ପନ୍ଦିତ ହୋଇଥିବା ପିଢ଼ିର ସାର୍ଥକ ଦାୟାଦ। ଆମେ ଜାଣିଛେ ଆମ ଦେଶର ଯୁବସମାଜର ଏହି ଗୌରବମୟ ଐତିହ୍ୟର ଗାଥା ଓ ବିଶେଷକରି ଆମେ ବି ଜାଣିଛେ ଆମ ରାଜ୍ୟ ଓଡ଼ିଶାର ସେଦିନ ଶାଖାଙ୍କ ବୀରତ୍ୱବେଳାଙ୍କ ଭାବମୂର୍ତ୍ତି କଣ୍ଠ ନିଃସୃତ 'ମାର କେତେ ଦେବ ମାରିବ / ଜୀବନକୁ ଆମେ ପାଣି ଛଡ଼ାଇଛୁ ତୁମେ କି ଆମକୁ ପାରିବ' ର ସେ ରୋମାଞ୍ଚକର ଗାଥା। ସେଇ ରୋମାଞ୍ଚର ଝଲକ ବି ଆମେ ଏବେ ଦେଖିବାକୁ ପାଇଛେ ଜେନ-ଜେଡ୍ ଓ ଜେନ୍-ଆଲ୍‌ଫାଙ୍କ ବିଦ୍ରୋହୀ ସ୍ୱରରେ ଏବଂ ସେମାନଙ୍କ ଅହିଂସ, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ।

ଯୁବପିଢ଼ିର ଏ ବିଦ୍ରୋହ, ଏ ପ୍ରତିବାଦ ଆଦୌ ଏକ ଆକସ୍ମିକ ଘଟଣା ନୁହେଁ। ଏହାର ଜଳନ୍ତ ପ୍ରମାଣ ମିଳିଥାଏ ପ୍ରାୟ ଏକ ଶତାବ୍ଦୀ ତଳର ସରକାରୀ ଗୁପ୍ତ ଦସ୍ତାବିଜରୁ। ୧୯୩୦ ମସିହାରେ ବ୍ରିଟିଶ ସରକାରର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପ୍ରତୀକାତ୍ମକ ସ୍ୱର ଉତ୍ତୋଳନ କରିଥିଲେ ଦିଲ୍ଲୀର କିଛି ଛାତ୍ର। ସେହି ୧୯୩୦ ମସିହା ନଭେମ୍ବର ୫ ତାରିଖରେ ଲେଖାଯାଇଥିବା ଏକ ଅତି ଗୋପନୀୟ ଚିଠିରୁ ଆମ ଇତିହାସର ଏହି ପ୍ରେରଣାଦାୟୀ ଗାଥାର ସନ୍ଧାନ ମିଳିଛି, ଯାହା ସଂପର୍କରେ ଜାଣିଲେ ଯେକେହି ଭାରତୀୟ ଏବେ ବି ଦେଶପ୍ରେମ ଓ ଦେଶପାଇଁ ବିପଦ ବରଣ କରିବାର ପବିତ୍ର ଭାବୋଚ୍ଛ୍ୱାସରେ ବିହ୍ୱଳିତ ହୋଇଯିବେ। ଦିଲ୍ଲୀର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସି.ଆଇ.ଡି)ର 'ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ୍' ଏହି ବିଶେଷ ରିପୋର୍ଟ ପ୍ରସ୍ତୁତ କରି ସେତେବେଳର ଦିଲ୍ଲୀର ଡେପୁଟି କମିଶନର ଜେ.ଏନ୍.ଜି ଜନ୍‌ସନ୍‌ଙ୍କ ପାଖକୁ ପଠାଉଥିଲେ। ପରେ ପରେ ବ୍ରିଟିସ୍ ଗୁପ୍ତଚର ବିଭାଗ ନୂଆଦିଲ୍ଲୀର ଏମ୍.ବି. ହାଇସ୍କୁଲର ନବମ ଶ୍ରେଣୀର କିଛି କୋମଳମତି ଛାତ୍ରଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆରମ୍ଭ କରିଦେଲା। ସେହି ଚିଠିରେ ଉଲ୍ଲେଖ ଥିବା ସୂଚନା ଅନୁଯାୟୀ ନବମ ଶ୍ରେଣୀର ପିଲାମାନେ ନିଜ ସ୍କୁଲ ପୋଷାକରେ ଏପରି କିଛି ମେଡାଲ୍ ବ୍ୟାଜ୍ ବା ବ୍ୟାଜ୍ ପିନ୍ଧି ଆସୁଥିଲେ, ଯେଉଁଥିରେ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସଂସଦଗୃହରେ ବୋମା ବିସ୍ଫୋରଣ କରିଥିବା ମହାନ୍ ବିପ୍ଳବୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କ ଚିତ୍ର ରହିଥିଲା। ଆଜିର ଯୁଗର ପରିଭାଷାରେ କହିବାକୁ ଗଲେ ଉଭୟ କ୍ରାନ୍ତିକାରୀ ଥିଲେ ସେତେବେଳର ନବପିଢ଼ିର ଯୁବକ। ସେ ଚିଠିରେ ପୁଣି ଥିଲା ଛାତ୍ରମାନେ ନିଜ ଶ୍ରେଣୀଗୃହର କାନ୍ଥରେ ଜାତୀୟତାବାଦୀ ନେତା ଏବଂ ବିପ୍ଳବୀମାନଙ୍କର ଆଲୋକଚିତ୍ରମାନ ଟାଙ୍ଗି ଦେଉଥିବା ଭଳି ଗୁରୁତର ଅଭିଯୋଗ। ଗୁପ୍ତଚର ବିଭାଗ ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଦ୍ୱିତୀୟ ଶିକ୍ଷକ 'ତୋଲାରାମ'ଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଥିଲା ଯେ ଏହି ଶିକ୍ଷକଦ୍ୱୟ ପିଲାମାନଙ୍କ ବିଦ୍ରୋହୀ ଆଚରଣ ପ୍ରତି କୋମଳ ମନୋଭାବ ପ୍ରଦର୍ଶନ କରି ଆସୁଥିଲେ। ପୁଲିସ ଓ ପ୍ରଶାସନର ଚାପ ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷ ଶ୍ରେଣୀଗୃହରୁ ସେହି ଫଟୋଗୁଡ଼ିକ କାଢ଼ିଦେବାକୁ ବାଧ୍ୟ ହୋଇଥିଲେ। ମାତ୍ର ସେତେବେଳକୁ ସାରା ଭାରତବର୍ଷ ୧୪-୧୫ ବର୍ଷର ଏହି କିଶୋରମାନଙ୍କ ସାହସ ଦେଖି ସ୍ତମ୍ଭିତ ହୋଇଯାଇଥିଲା ଏବଂ ବ୍ରିଟିସ୍ ବିରୋଧୀ ଆନ୍ଦୋଳନର ଶିଖା ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ହୋଇଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ଭାରତୀୟ କିଶୋର/କିଶୋରୀମାନଙ୍କ ସକ୍ରିୟ ଯୋଗଦାନ ଏହିପରି ଥିଲା ଏକ ପ୍ରେରଣାଦାୟୀ ଐତିହାସିକ ଅଧ୍ୟାୟ।

କୈଶୋର ଓ ଯୌବନର ଚେତନା କେବେ କୌଣସି ଶାସକୀୟ ଦମନମୂଳକ ପଦକ୍ଷେପ କିମ୍ବା ଭୟ ଆଗରେ ସହଜରେ ମୁଣ୍ଡ ନୁଆଁଇ ନଥାଏ। ଯୁବମାନସ ହେଉଛି ଏକ ପବିତ୍ର ଓ ଅକଳୁଷିତ ଝରଣା, ଯାହା କେବଳ ସତ୍ୟ ଓ ସାଧୁତାର ଅନ୍ୱେଷଣରେ ପ୍ରବାହିତ ହୋଇଥାଏ। ବୟସ୍କମାନଙ୍କ ଦୁନିଆ ପ୍ରାୟତଃ ସ୍ୱାର୍ଥପରତା, କୂଟନୀତି, ନିର୍ଦ୍ଦିଷ୍ଟ ଚିନ୍ତାଧାରଣା-ପ୍ରେରିତ ସାଲିସ୍ ବା ଆନୁଗତ୍ୟ ଏବଂ ଭୟର ତାମସିକ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଇଥାଏ। ହୁଏତ ଏହିଠି ହିଁ ଏ ଯେ ଜୀବନର ଦୌଡ଼ରେ ବୟସ୍କମାନେ ନିଜ ଭିତରର ସ୍ୱପ୍ନ ଓ ନ୍ୟାୟବୋଧକୁ କେଉଁଠି ନା କେଉଁଠି କଳାଞ୍ଜଳି ଦେଉଥା'ନ୍ତି। ସାମାଜିକ ଅନ୍ୟାୟ, ମାନବିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସହିତ ଜଞ୍ଜିବା ଶିକ୍ଷି ଯାଉଥା'ନ୍ତି ସେମାନେ। ନିଜ ନିଜ ଆତ୍ମାର ଡାକ ନ ଶୁଣିବାରେ ଅଭ୍ୟସ୍ତ ହୋଇଯାଉଥା'ନ୍ତି - କେତେବେଳେ ନିରୁପାୟ ହୋଇ ତ ଆଉ କେତେବେଳେ ତୁଚ୍ଛା ଆତ୍ମକେନ୍ଦ୍ରିକ ମନୋଭାବକୁ ପୋଷଣ କରି। କିନ୍ତୁ ସବୁକାଳେ କୈଶୋର, ତାରୁଣ୍ୟ ଓ ଯୌବନ ହେଉଛି ନିଚ୍ଛକ ସରଳତାର ସମୟ, ପବିତ୍ର ଉଦ୍ଭାବନା ଓ ଉଦ୍‌ଯାପନାର ସମୟ। ଅସମାନତା ବା କୁରତାର କଳାବାଦଲ ଯେତେବେଳେ ଘୋଟିଆସେ, ସେତେବେଳେ ଯୁବକ / ଯୁବତୀମାନଙ୍କ ବିବେକ ବିଦ୍ରୋହ କରିଉଠେ। ସେ ବିଦ୍ରୋହର ସ୍ୱରରେ ନଥାଏ କୌଣସି ନିଜ ଉଦ୍ଦେଶ୍ୟ, ବରଂ ଥାଏ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟାକୁଳତା ଓ ଆପଣା ଦେଶମାତୃକାର ସର୍ବବିଧ ଉନ୍ନତି ପାଇଁ ଏକ ଉଚ୍ଛ୍ୱସିତ କାମନା।

ଯୁବପିଢ଼ି ଇତିହାସର ସେହି କବିତା, ଯାହା ରଚିତ ହୋଇଥାଏ ନିବିଡ଼ ପ୍ରେମ, ଶ୍ରଦ୍ଧା, ଆନ୍ତରିକତାର ନାହାନିକ ରସରେ ଏବଂ ଯାହା ଛନ୍ଦାୟିତ ହୋଇଥାଏ ଦୀପକ ରାଗିଣୀ କି ମେଘମଲ୍ଲାର ରାଗିଣୀରେ। ଯୁବପିଢ଼ି ସବୁକାଳେ ନବଦୀପ୍ତିର ସୂର୍ଯ୍ୟୋଦୟ ଆବାହନ କରିଥାଏ। ଏହାର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ମାନବ ସଭ୍ୟତା ଇତିହାସର ଏକ ନିରନ୍ତର ସ୍ୱର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାଗଙ୍ଗ, ମୋ: ୯୮୫୩୩୫୫୦୭

## ୟୁପିଆଇ: ସୁବିଧା ଓ ସତର୍କତା

ଶଙ୍ଖସିନ୍ଧୁ ପୁରୋହିତ

ପ୍ରଯୁକ୍ତି ଯେତେବେଳେ ଜୀବନକୁ ସହଜ କରେ, ସେତେବେଳେ ସେ ଆଶୀର୍ବାଦ; କିନ୍ତୁ ସେହି ପ୍ରଯୁକ୍ତି ଯେତେବେଳେ ମଣିଷର ଆର୍ଥିକ ଆଚରଣକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରେ, ସେତେବେଳେ ସତର୍କତା ଅପରିହାର୍ଯ୍ୟ। ଭାରତର ଡିଜିଟାଲ ଅର୍ଥନୀତିର ସବୁଠାରୁ ବଡ଼ ସଫଳତା ଭାବେ ଆଜି ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ପରିଚିତ। କିଛି ବର୍ଷ ପୂର୍ବରୁ ଯେଉଁଠାରେ ଛୋଟ ଛୋଟ କାରବାର ପାଇଁ ନଗଦ ଟଙ୍କା ଅପରିହାର୍ଯ୍ୟ ଥିଲା, ଆଜି ସେହି ସ୍ଥାନ ନେଇଛି ମୋବାଇଲ୍ ଫୋନ୍ ଓ କ୍ୟୁଆର୍ କୋଡ୍। ଏକ ଚା' ଦୋକାନ, ପନିପରିବା ବ୍ୟବସାୟୀ, ରିକ୍ସା ଚାଳକ, ମନ୍ଦିରର ଦାନବାକ୍ସ, ହସ୍ପିଟାଲ କିମ୍ବା ବଡ଼ ସପିଂ ମଲ୍ ସବୁଠି ୟୁପିଆଇର ଉପସ୍ଥିତି ଭାରତକୁ ଏକ ପ୍ରକୃତ ନଗଦବିହୀନ ସମାଜ ଆଡ଼କୁ ନେଉଛି। କିନ୍ତୁ ନିକଟରେ ୟୁପିଆଇ ସହ କ୍ଷୁଦ୍ର ଋଣ (ସ୍ମଲ୍-ଟିକେଟ୍ କ୍ରେଡିଟ୍) ସୁବିଧା ଯୋଡ଼ିବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହା ସ୍ୱାଭାବିକ ଭାବରେ ଏକ ପ୍ରଶ୍ନ ଉଠାଏ ଯେ ୟୁପିଆଇ କେବଳ ଦେୟ ପ୍ରଦାନର ମାଧ୍ୟମ ହୋଇ ରହିବ, ନା ଏହା ଭାରତୀୟଙ୍କ ଆର୍ଥିକ ଆଚରଣକୁ ମଧ୍ୟ ନୂଆ ଦିଗ ଦେବ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆଜିର ସମୟର ଆବଶ୍ୟକତା।

ପ୍ରଥମେ ୟୁପିଆଇର ସକାରାତ୍ମକ ପକ୍ଷକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଡିଜିଟାଲ ଦେୟ ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିଛି। କ୍ଷୁଦ୍ର ବ୍ୟବସାୟୀମାନେ ନଗଦ ରଖିବାର ବିପଦରୁ ମୁକ୍ତ ହୋଇଛନ୍ତି। ସରକାରୀ ସହାୟତା ସିଧାସଳଖ ଲାଭାର୍ଥୀଙ୍କ ପାଖକୁ ପହଞ୍ଚୁଛି। ଦେଣନେଣର ସ୍ୱଚ୍ଛତା ବଢ଼ିଛି। କର ଆଦାୟରେ ସୁଧାର ଆସିଛି ଏବଂ ଅର୍ଥନୀତିରେ ଡିଜିଟାଲ ରେକର୍ଡର ଗୁରୁତ୍ୱ ବଢ଼ିଛି। ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଭାରତର ଡିଜିଟାଲ ପେମେଣ୍ଟ ମଡେଲକୁ ପ୍ରଶଂସା କରିଛନ୍ତି। ଏହା ସତ୍ୟ ଯେ, ପ୍ରଯୁକ୍ତି କେବଳ କାରବାରକୁ ବଦଳାଏ ନାହିଁ, ଏହା ମଣିଷର ଆଚରଣକୁ ମଧ୍ୟ ବଦଳାଏ। ଆଜିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସେଇଠି।

ଅର୍ଥନୀତି ଓ ବ୍ୟବହାରିକ ଅର୍ଥନୀତିର ଗବେଷଣା କହେ ଯେ, ନଗଦ ଟଙ୍କା ଦେଇ କୌଣସି ବସ୍ତୁ କିଣିବା ଓ ଡିଜିଟାଲ ମାଧ୍ୟମରେ ଦେୟ ପ୍ରଦାନ କରିବା ମଧ୍ୟରେ ମଣିଷର ମାନସିକ ପ୍ରତିକ୍ରିୟା ସମାନ ନୁହେଁ। ପ୍ରସିଦ୍ଧ ଅର୍ଥନୀତିବିତ୍ ରିଚାର୍ଡ ଥାଲର ଏବଂ ପରବର୍ତ୍ତୀ ଅନେକ ଗବେଷକଙ୍କ ଅଧ୍ୟୟନ ଦର୍ଶାଏ ଯେ, ନଗଦ ଦେବା ସମୟରେ ମଣିଷ ଖର୍ଚ୍ଚ କରିବାର ମାନସିକ ଚାପ(ପେନ୍ ଅଫ୍ ପେୟିଙ୍ଗ)କୁ ଅଧିକ ଅନୁଭବ କରେ। କିନ୍ତୁ ଡିଜିଟାଲ ପେମେଣ୍ଟରେ ସେହି ଚାପ କମିଯାଏ। ଫଳରେ ଲୋକ ଅଜାଣତରେ ଅଧିକ ଖର୍ଚ୍ଚ କରିଥା'ନ୍ତି। ଏହି ମନୋବିଜ୍ଞାନ ଆଜିର ୟୁପିଆଇ ସଂସ୍କୃତିରେ ସ୍ପଷ୍ଟ ଦେଖାଯାଉଛି। ପୂର୍ବରୁ ଦୋକାନରେ ୫୦୦ ଟଙ୍କାର ନୋଟ୍ ଦେବା ପୂର୍ବରୁ ମଣିଷ ଭାବୁଥିଲା। ଆଜି କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ 'ପେମେଣ୍ଟ ସକ୍ସେସ୍‌ଫୁଲ୍' ବୋଲି ଶବ୍ଦ ଶୁଣିବାକୁ ମାତ୍ର କିଛିସେକେଣ୍ଡ ଲାଗୁଛି। ଖର୍ଚ୍ଚର ବାସ୍ତବ ଅନୁଭବ କମିଯାଉଥିବାରୁ ଛୋଟ ଛୋଟ ଅନାବଶ୍ୟକ ବ୍ୟୟ ବଢ଼ିବା ସ୍ୱାଭାବିକ। ଅନଲାଇନ୍ ଫୁଡ୍ ଅର୍ଡର, କଫି, ଛୋଟ ଅଫର, ଅନାବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ସବୁକିଛି 'କେବଳ ଶହେ କି ଦୁଇଶହ ଟଙ୍କା' ଭାବି ହୋଇଯାଏ। ମାସ ଶେଷରେ ସେହି ଛୋଟ ଛୋଟ ଦେୟ ବଡ଼ ଅଙ୍କରେ ପରିଣତ ହୁଏ।

ବିଶ୍ୱର ବିଭିନ୍ନ ଗବେଷଣା ଦର୍ଶାଇଛି ଯେ, କ୍ୟାଶଲେସ୍ ପେମେଣ୍ଟ ବ୍ୟବସ୍ଥା ଆବେଗପ୍ରବଣ କ୍ରୟକୁ ବୃଦ୍ଧି କରିଥାଏ। ମାର୍କେଟିଂ କମ୍ପାନୀମାନେ ମଧ୍ୟ ଏହି ମନୋବିଜ୍ଞାନକୁ ବ୍ୟବହାର କରନ୍ତି। 'ଏବେ କିଣନ୍ତୁ', 'ସୀମିତ ସମୟର ଅଫର', 'କ୍ୟାଶବ୍ୟାକ୍', 'ଡିସକାଉଣ୍ଟ' ଭଳି ପ୍ରଲୋଭନ ଡିଜିଟାଲ ଦେୟର ସହଜତା ସହ ମିଶି ଗ୍ରାହକଙ୍କ ଖର୍ଚ୍ଚ ବଢ଼ାଇଥାଏ। ଏବେ ଯଦି ଏହି ବ୍ୟବସ୍ଥା ସହ ୟୁପିଆଇ ଋଣ ଯୋଡ଼ାଯାଏ, ତେବେ ସୁବିଧା ସହ ବିପଦର ପରିମାଣ ମଧ୍ୟ ବଢ଼ିପାରେ। ନିଶ୍ଚିତ ଭାବେ ଏହି ସୁବିଧା ଜରୁରୀ ଚିକିତ୍ସା, କ୍ଷୁଦ୍ର ବ୍ୟବସାୟ କିମ୍ବା ଅସ୍ଥାୟୀ ଆର୍ଥିକ ସଙ୍କଟରେ ଥିବା ପରିବାରଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇପାରେ। କିନ୍ତୁ ଯଦି ଏହା ଦୈନନ୍ଦିନ ଭୋଗବିଳାସର ଅଂଶ ହୋଇଯାଏ, ତେବେ ଋଣ ନେବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେବ। ଆଜିର ସୁବିଧା କାଲିର ଋଣଭାର ହୋଇପାରେ।

ଏଠାରେ ନିୟାମକ ସଂସ୍ଥା, ବ୍ୟାଙ୍କ ଓ ଫିନଟେକ୍ କମ୍ପାନୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ନୂଆ ସେବା ଆଣିବା ଯଥେଷ୍ଟ ନୁହେଁ, ଗ୍ରାହକଙ୍କ ଆର୍ଥିକ ସାକ୍ଷରତା ସମ୍ପର୍କରେ ସଚେତନ କରିବା ମଧ୍ୟ ସମାନ ଦାୟିତ୍ୱ। ସୁଧହାର, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱପୂର୍ଣ୍ଣ ଋଣ ବ୍ୟବହାର ଏବଂ ଡିଜିଟାଲ ସୁରକ୍ଷା ସମ୍ପର୍କରେ ବ୍ୟାପକ ଅଭିଯାନର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସାଇବର ଠକେଇ ଏକ ଗମ୍ଭୀର ଆହ୍ୱାନ। ୟୁପିଆଇର ବ୍ୟାପକ ବ୍ୟବହାର ସହ ନକଲି କ୍ୟୁଆର୍ କୋଡ୍, ଫିସିଂ ଲିଙ୍କ୍, ମିଛ କଷ୍ଟମର୍ କେୟାର୍ କଲ୍ ଓ ଓଟିପି ଜାଲିଆତି ବଢ଼ୁଛି। ଗ୍ରାହକଙ୍କ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ବିନା ଡିଜିଟାଲ ଅର୍ଥନୀତିର ସଫଳତା ଅଧୁରା ହୋଇ ରହିବ।

ଓଡ଼ିଶା ପରି ରାଜ୍ୟରେ ୟୁପିଆଇ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମୀଣ ଯୁବକଙ୍କୁ ନୂଆ ସୁଯୋଗ ଦେଇଛି। କିନ୍ତୁ ସେହି ସୁଯୋଗ ସେତେବେଳେ ହିଁ ସ୍ଥାୟୀ ହେବ, ଯେତେବେଳେ ଡିଜିଟାଲ ଦେୟ ସହ ଡିଜିଟାଲ ଶୃଙ୍ଖଳା ମଧ୍ୟ ଗଢ଼ିଉଠିବ। ପ୍ରଯୁକ୍ତିର ଉଦ୍ଦେଶ୍ୟ ମଣିଷର ବିବେକକୁ ବଦଳାଇବା ନୁହେଁ, ବରଂ ତାହାକୁ ଅଧିକ ସକ୍ଷମ କରିବା। ୟୁପିଆଇ ଭାରତର ଡିଜିଟାଲ ଯାତ୍ରାର ଏକ ଐତିହାସିକ ସଫଳତା। ଏହାକୁ ନେଇ ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ସମାନ ଭାବେ ମନେ ରଖିବା ଆବଶ୍ୟକ ଯେ, ପ୍ରଯୁକ୍ତି ନିରପେକ୍ଷ; ତାହାର ପରିଣାମ ନିର୍ଭର କରେ ଆମ ବ୍ୟବହାର ଉପରେ। ଯଦି ୟୁପିଆଇ ଆମକୁ ସୁବିଧା ସହିତ ସଞ୍ଚୟ, ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱବୋଧ ଶିଖାଏ, ତେବେ ଏହା ଡିଜିଟାଲ ଭାରତର ସବୁଠାରୁ ବଡ଼ ସଫଳତା ହେବ। କିନ୍ତୁ ଯଦି ଏହା ଆମକୁ ଅନିୟନ୍ତ୍ରିତ ବ୍ୟୟ ଓ ସହଜ ଋଣର ଅଭ୍ୟାସ ଆଡ଼କୁ ଠେଲିଦିଏ, ତେବେ ଏହି ସୁବିଧା ହିଁ ଭବିଷ୍ୟତର ଆର୍ଥିକ ଆହ୍ୱାନର କାରଣ ପାଲଟିପାରେ। ତେଣୁ ଭାରତର ଡିଜିଟାଲ ଅର୍ଥନୀତିର ମୂଳମନ୍ତ୍ର କେବଳ 'ଡିଜିଟାଲ ଇଣ୍ଡିଆ' ନୁହେଁ, ବରଂ 'ସଚେତନ ଡିଜିଟାଲ ଭାରତ' ହେବା ଉଚିତ।

କୋଟସମାଲ(ସୁବର୍ଣ୍ଣପୁର),
ମୋ: ୭୯୭୮୭୩୮୭୦୬

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ଅଣସୋରିଷ

(Stinkweed -Cleome gynandra)

ପ୍ରକୃତି-ପରିବେଶ

ଅଣସୋରିଷ ଆଫ୍ରିକାର ମୂଳ ଜାତ ଉଦ୍ଭିଦ। କିନ୍ତୁ ଆଫ୍ରିକା ସମେତ ଏସିଆ ଓ ଆମେରିକାର ଉଷ୍ଣମଣ୍ଡଳୀୟ ତଥା ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ଭାବରେ ପରିବ୍ୟାପ୍ତ। ଏହା ସମୁଦ୍ର ପତନଠାରୁ ୨,୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ବଢ଼ିଥାଏ। ଭାରତରେ ଏହା ବ୍ୟାପକ ଭାବରେ ବିତରିତ। ସାଧାରଣତଃ ଜଙ୍ଗଲରେ ଏକ କ୍ଷୁଦ୍ର ଅନାବନା ଉଦ୍ଭିଦ ଭାବରେ ବଢ଼ୁଥିବା ଅଣସୋରିଷ ଏକ ବାର୍ଷିକ ଶାଖାଯୁକ୍ତ ସିଧାକାଣ୍ଡ ବିଶିଷ୍ଟ ଗୁଳ୍ମ, ଯାହା ସାଧାରଣତଃ ୨୫ ସେମିରୁ ୬୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ପ୍ରଧାନ ମୂଳ ଲୋମଶ ଓ ଗଭୀର। ଏହାର ପତ୍ର ଯୌଗିକ ପାମେଟ ବା ପ୍ରଚ୍ଛିତ। ପ୍ରତ୍ୟେକ ୩-୭ ଅଣ୍ଡାକାର ଖାଲରେ ପତ୍ରକୁ ନେଇ ଗଠିତ। ପତ୍ରଗୁଡ଼ିକ ଲଙ୍କା ଓ ସୋରିଷର ମିଶ୍ରଣ ପରି ଏକ ତୀବ୍ର ତିକ୍ତ ସ୍ୱାଦର। ଫୁଲଗୁଡ଼ିକ ଧଳା, ସମୟକ୍ରମେ ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୁଏ। ଏହା ସ୍ୱ-ପରାଗକ। ଫଳଟି ଏକ ଲୋମଶ ସାର୍ଦ୍ଧାସୀ। ଏକ ପତଳା ଓ ଲମ୍ବା କ୍ୟାପସୁଲ୍ ବା ସ୍ଲୋଟକ। ପାଚିବା ପ୍ରକ୍ରିୟା ସମୟରେ ଏହାର ରଙ୍ଗ ସବୁଜରୁ ହଳଦିଆ ବାଦାମୀ ହୋଇଯାଏ। ଶୁଖିଲା ଫଳ ଫାଟିଯାଏ ଏବଂ ବିହନ ବା ମଞ୍ଜିଗୁଡ଼ିକ ବିକ୍ଷିପ୍ତ ଭାବରେ ମୁକ୍ତ ହୁଏ। ପ୍ରତ୍ୟେକ ଫଳରେ ୧୦୦-୧୫୦ଟି ବିହନ ରହିଥାଏ। ବିହନଗୁଡ଼ିକ ଗୋଲାକାର, କଳା ଓ ଏହାର ପୃଷ୍ଠ ଖଦଡ଼ା।

ଅଣସୋରିଷରେ ବିଟା-କାରୋଟିନ, ଫୋଲିକ୍ ଏସିଡ୍, ଆସ୍କର୍ବିକ୍ ଏସିଡ୍, ଲୌହ, ଜିଙ୍କ୍ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ, ଅକ୍ସାଲିକ୍ ଏସିଡ୍, ଅଶୋଧିତ ପ୍ରୋଟିନ୍, ଅଶୋଧିତ ଫାଇବର ମଧ୍ୟ ଥାଏ। ବିହନରେ ୧୭-୧୯% ତେଲ, ପାମିଟିକ୍ ଏସିଡ୍, ଷ୍ଟେରିକ୍ ଏସିଡ୍, ଓଲିକ୍ ଏସିଡ୍ ଓ ଲିନୋଲିକ୍ ଏସିଡ୍ ଭଳି ଫ୍ୟାଟି ଏସିଡ୍ ଏବଂ ଗ୍ଲୁଟାମିକ୍ ଏସିଡ୍, ଆର୍ଜିନାଇନ୍, ଲ୍ୟୁସିନ୍, ଭାଲାଇନ୍, ଗ୍ଲାଇସିନ୍ ଓ ପ୍ରୋଲାଇନ୍ ସମେତ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ। ପତ୍ରଗୁଡ଼ିକରେ ଆଣ୍ଟିଅକ୍ସିଡେଣ୍ଟ ବା ବିଶୋଧକ ଗୁଣ ରହିଛି, ଯାହା ପ୍ରଦାହ ରୋଗ ପ୍ରଶମନ କରିବାରେ ସହାୟକ ହୁଏ। ଖାଦ୍ୟ ବିଷାକ୍ତତା, ବାତ, ପ୍ରଦାହ, ଜୀବାଣୁ ସଂକ୍ରମଣ ଏବଂ ବିଶେଷକରି ଯନ୍ତ୍ରଣା ସମ୍ବନ୍ଧୀୟ ଅବସ୍ଥା ଯେପରିକି ମୁଣ୍ଡବିନ୍ଧା, ନ୍ୟୁରାଲଜିଆ, ବାତବ୍ୟାଧି, ପେଟ ଯନ୍ତ୍ରଣା, କାନ-ବିନ୍ଧା, ରିଉମାଟଏଡ୍ ଆର୍ଥ୍ରାଇଟିସ୍, ବା ଅଣ୍ଠୁ ଗଣ୍ଠି ବାତ, ହାଡ଼ ଭଙ୍ଗା, ପେଟ ଯନ୍ତ୍ରଣା ଏବଂ ଛାତି ଯନ୍ତ୍ରଣା ଭଳି ଅବସ୍ଥାର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ଏହାର ପତ୍ର ଏବଂ ଫୁଲ ବ୍ୟବହାର କରାଯାଏ। ସାପଦି ଆରବରେ ବିଛା ଦଂଶନ ଦ୍ୱାରା ହେଉଥିବା ତୀବ୍ର ଯନ୍ତ୍ରଣା ଏବଂ ପ୍ରଦାହ-ବିରୋଧୀ ପ୍ରତିକ୍ରିୟାର ଚିକିତ୍ସା ପାଇଁ ଏହାର ନିଷ୍କାସିତ ରସ ବ୍ୟବହାର କରାଯାଏ।

ପତ୍ର ଓ ଫୁଲ ଉଭୟ ଖାଦ୍ୟଯୋଗ୍ୟ। ସାଧାରଣତଃ, ପତ୍ର ଓ ଡାଳଗୁଡ଼ିକୁ ସିଝା କିମ୍ବା ଝୁଙ୍ଗରେ ଖିଆଯାଏ। ଏହି ପତ୍ରଗୁଡ଼ିକ ପ୍ରାୟତଃ ଉପ-ସାହାରା ଆଫ୍ରିକାରେ ଖିଆଯାଏ, ଯେଉଁଠାରେ ଏହାକୁ ସଂରକ୍ଷଣ ପାଇଁ ଶୁଖାଯାଏ, ତା'ପରେ ଏହାର ତିକ୍ତ ସ୍ୱାଦ କମ କରିବା ପାଇଁ କ୍ଷୀର କିମ୍ବା ବଟର ସହିତ ରନ୍ଧାଯାଏ। କେନିଆ, ଉଗାଣ୍ଡା ଓ ତାଞ୍ଜାନିଆରେ, ପତ୍ରଗୁଡ଼ିକୁ ଚିନାବାଦାମ ପେଷ୍ଟ ସହିତ ରନ୍ଧାଯାଏ। ଥାଇଲ୍ୟାଣ୍ଡ ଓ ମାଲେସିଆରେ, ପତ୍ରଗୁଡ଼ିକୁ ଭାତ ପାଣି ସହିତ ଫାକ୍ ସିଆନ୍ ଡଙ୍ଗ ନାମକ ଏକ ଆଚାର ଭାବରେ କିଣ୍ୱନ କରାଯାଇଥିବା ଏକ ଲୋକପ୍ରିୟ ଖାଦ୍ୟ ପଦାର୍ଥ। ମାଲେସିଆରେ ମଧ୍ୟ ଏହାକୁ ଆଚାର କରି ଖିଆଯାଏ। ପତ୍ରଗୁଡ଼ିକୁ ମସଲାଯୁକ୍ତ ନଡ଼ିଆ କ୍ଷୀରରେ ଦୀର୍ଘ ସମୟ ପାଇଁ ଭିଜାଇ ଖିଆଯାଏ।

ଏହି ଉଦ୍ଭିଦଟି ଏହାର କୀଟପତଙ୍ଗ ପ୍ରତିରୋଧକ ଏବଂ ଟିକ୍ ପ୍ରତିରୋଧକ ଗୁଣ ଯୋଗୁଁ ଅନ୍ତଃଫସଲ ପାଇଁ ଉପଯୋଗୀ। ବୁଝାକାର ପକ୍ଷୀମାନେ ଏହାର କଞ୍ଚା ବିହନ ଖାଇଦିଅନ୍ତି। ଆଫ୍ରିକାରେ ଅଣସୋରିଷ ସ୍ଥାନୀୟ କିସମଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଉପଯୁକ୍ତତା ଏବଂ ଅନୁକୂଳନଶୀଳତା ହେତୁ ଆଞ୍ଚଳିକ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅନେକ ଅଞ୍ଚଳରେ ଏହାକୁ ଏକ ଆକ୍ରମଣାତ୍ମକ ଅନାବନା ଗଛ ଭାବରେ ବିବେଚନା କରାଯାଏ।

ମୋ: ୯୭୭୭୮୦୦୪୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଉଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଏଥିରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇପାରିବେ।
୫. ସାମ୍ପ୍ରତିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଗ୍ରାହ୍ୟାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଢାବାରୁ ଯୁବକଙ୍କ ମୃତଦେହ ଉଦ୍ଧାର; ତାତିଲେ ଗ୍ରାମବାସୀ

### ଘଟଣାସ୍ଥଳରେ ତହସିଲଦାର, ପୁଲିସ ଟିମ୍



ହୁମ୍ମା,୨୩।୮ (ସମିସ): ରମ୍ଭା ଥାନା ଅଞ୍ଚଳ ଜାତୀୟ ୧୬ ନମ୍ବର ରାଜପଥ କଡ଼ରେ ଥିବା ରାଜୁ ଢାବାର ବାହାର ପାଶ୍ୱର୍ ଶୌଚାଳୟ ଗୃହରୁ କାର୍ଯ୍ୟରତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରମ୍ଭା ପୁଲିସ। ମୃତ ଯୁବକ ହେଲେ ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ବି.ଶିବରାମ ପାତ୍ର (୨୭)। ମୃତକ ଶିବରାମ ପାତ୍ର ରାଜୁ ଢାବାରେ ଅସ୍ଥାୟୀ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ମୃତକଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ନ ପାଇବାରୁ ରାଜୁ ଢାବା ପରିଚାଳକଙ୍କୁ ପଚାରାଉଚାରା କରିଥିଲେ। ଢାବା ପରିଚାଳକ କହିଥିଲେ ଯେ ସେ ଏଠି କାମ କରୁଥିଲେ, କିନ୍ତୁ ଦୁଇ ଦିନ ହେବ ଆସିନାହାନ୍ତି। ମାତ୍ର ଶନିବାର ସନ୍ଧ୍ୟା ସମୟରେ ବାହାର ପାଶ୍ୱର୍ରେ ଥିବା ଶୌଚାଳୟରୁ ଦୁର୍ଗନ୍ଧ ବାହାରିବା ପରେ ସୁଇପର ଢାବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ରମ୍ଭା ଥାନା ପୁଲିସ ଓ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଆଇଆଇସି କୁମର ମୁଦୁଲି, ଏଏସ୍‌ଆଇ ଛବିରାଣୀ ନାୟକ, ପୁଲିସ ଟିମ୍ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ତଥା ରାଜୁ ଢାବାରେ କାର୍ଯ୍ୟରତ ଶ୍ରମିକ ଶିବରାମଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତ ଶିବରାମଙ୍କ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣି ଘଟଣାର ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି। ଯାହାଫଳରେ ଢାବା ନିକଟରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଢାବା କର୍ତ୍ତୃପକ୍ଷ କହିଛନ୍ତି ଉକ୍ତ ଶୌଚାଳୟଟି ବ୍ୟବହାର ହୋଇ ନଥିବାରୁ ସେଥିପ୍ରତି ଦୃଷ୍ଟି ଦିଆଯାଇନଥିଲା। ସୂଚନା ଥାଉକି ଶିବରାମ ତାଙ୍କ ଘରର ରୋଜଗାରିଆ ପୁଅ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସୁକାନ୍ତି ପାତ୍ର, ଦୁଇ ପିଲାଙ୍କ ସମେତ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଢାବା ନିକଟରେ ଗ୍ରାମବାସୀଙ୍କ ଉତ୍ତେଜନା ଦେଖା ଦେଇଥିଲା।

## ପୁଅର ମୃତ୍ୟୁ ପରେ ହୃଦ୍‌ଘାତରେ ଚାଲିଗଲା ମାଆଙ୍କ ଜୀବନ

### ଗାଁ ଶ୍ମଶାନରେ ଏକାଠି ହେଲା ଶେଷକୃତ୍ୟ




ତୁରୁମୁଙ୍ଗା, ୨୩।୮ (ସମିସ): ପୁଅର ମୃତ୍ୟୁ ମାଆ ଶୁଣିପାରିଲେନି କି ଦେଖିପାରିଲେନି। ଦୁଃଖ ଆସିବା କ୍ଷଣିକ ମଧ୍ୟରେ ନିଜେ ଆଖି ବୁଜିଦେଲେ। ଆଗପଛ ହୋଇ ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଚାଲିଗଲେ ମାଆ ଓ ପୁଅ। ଗୋଟିଏ ଦିନରେ ପରିବାରର ଦୁଇ ଜଣଙ୍କୁ ହରାଇ ଭାଙ୍ଗି ପଡ଼ିଛି ପରିବାର। ଏକମାତ୍ର ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଥିବା ମାଆର ବି କିଛି ଘଣ୍ଟା ପରେ ମୃତ୍ୟୁ ହୋଇଥିଲା। ଏଭଳି ହୃଦୟବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗାଁରେ। ମୃତକ ହେଲେ ଗ୍ରାମର ହରେକୃଷ୍ଣ ମହାକୁଡ଼ଙ୍କ ୭୦ ବର୍ଷୀୟା ପତ୍ନୀ ମରୁଆ ମହାକୁଡ଼ ଏବଂ ତାଙ୍କ ୪୨ ବର୍ଷୀୟ ପୁଅ ଦାମୋଦର ମହାକୁଡ଼। ଦାମୋଦର ଅସୁସ୍ଥ ଥିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଦାମୋଦରଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ହେଲେ ପୁଅର ଶବ ସତ୍କାର ସରିବା ପୂର୍ବରୁ ପରିବାରକୁ ମିଳିଲା ଆଉ ଏକ ଦାରୁଣ ଖବର। ପୁଅର ଅନ୍ତିମ ସଂସ୍କାର ସାରି ପରିବାର ଲୋକେ ଘରକୁ ଫେରୁଥିବା ସମୟରେ ହଠାତ୍ ମାଆ ମରୁଆ ମହାକୁଡ଼ଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ମାଆଙ୍କ ମୃତ୍ୟୁ ପରେ ପୁଣି ଥରେ ଶୋକାକୁଳ ପରିବାରକୁ ଗାଁ ଶ୍ମଶାନକୁ ଯିବାକୁ ପଡ଼ିଥିଲା। ଯେଉଁ ଶ୍ମଶାନରେ କିଛି ସମୟ ପୂର୍ବରୁ ପୁଅର ସତ୍କାର କରାଯାଇଥିଲା, ସେହିଠାରେ ପୁଣି ମାଆଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣାଟି କଣ୍ଟିଆପଡା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ମାଆ ପୁଅଙ୍କ ଏଭଳି ଆଗପଛ ମୃତ୍ୟୁର ଖବର ଶୁଣି ଗ୍ରାମବାସୀ ସ୍ତବ୍ଧ ହୋଇ ପଡିଥିବା ବେଳେ ଏହି ଦୁଃଖଦ ଘଟଣା ସାରା ଗାଁକୁ ନିରବ କରିଦେଇଛି।

## ମହିଳାଙ୍କ ଗଳାକାଟି ହତ୍ୟା; ସ୍ୱାମୀ ଅଟକ

ଆସିକା,୨୩।୮ (ସମିସ): ଆସିକା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ନାହାଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ'ର ତଣ୍ଟି କାଟି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ନମିତା ପ୍ରଧାନ। ହତ୍ୟା କରିଥିବା ସ୍ୱାମୀଙ୍କ ନାମ ସୁଜିତ ପ୍ରଧାନ। ସୁଜିତ କୌଣସି ଧାରୁଆ ଅସ୍ତ୍ରରେ ନମିତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ସୂଚନା ଅନୁସାରେ ଗ୍ରାମର ସୁଜିତ, ନମିତାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିଥିଲେ। ଇତି ମଧ୍ୟରେ ସୁଜିତ ସୁରଟରେ ରହୁଥିବା ସମୟରେ ସେଠାରେ ଏକ ହତ୍ୟା ମାମଲାରେ ୮ ବର୍ଷ ଜେଲ ଦଣ୍ଡ ଭୋଗୀ ଥିଲେ। ନମିତା ନିଜ ବାପ ଘରେ ରହୁଥିଲେ। ଗତ ୪ ଦିନ ତଳେ ସୁଜିତ ସୁରଟରୁ ଆସି ନମିତାଙ୍କୁ ମାଡ଼ ମାରିଥିଲେ। ଆଜି ନମିତା ଘରେ ଏକା ଥିବାର ସୁଯୋଗ ନେଇ ତାଙ୍କ ସହ ଝଗଡ଼ା କରି ଛୁରିରେ ତଣ୍ଟି କାଟି ହତ୍ୟା କରିଥିଲା। ପୁଲିସ ହତ୍ୟାକାରୀ ସୁଜିତକୁ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ନମିତାଙ୍କ ମୃତଦେହ ପଡ଼ିରହିଛି। ପୁଲିସ ଏ ନେଇ ଅଧିକ ତଦନ୍ତ କରୁଛି।

## ଦୁବାଇ ଦାଦନ ଖଟିବାକୁ ଯାଇ ଯୁବକ ମୃତ



ଆସିକା,୨୩।୮ (ସମିସ): ଗଞ୍ଜାମରେ ସରୁନି ଦାଦନ ଦୁଃଖ। ଦାଦନ ଖଟିବାକୁ ବିଦେଶ ଯାଇ ପୁଣି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଆସିକା ବ୍ଲକ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର ୨୫ ବର୍ଷୀୟ କିରଣ ନାହାକ ଆବୁଧାବିରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୁଅର ମୃତଦେହ ଆଣିବାକୁ ପରିବାର ଆକୁଳ ନିବେଦନ କରିଛନ୍ତି। ଆସିକା ବ୍ଲକ୍ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର କୈଳାସ ନାହାକଙ୍କ ସାନପୁଅ କିରଣ ନାହାକ ଯାଇଥିଲେ ଦୁବାଇର ଆବୁଧାବି। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ କାରଖାନାରେ ଦୁର୍ଘଟଣା ଘଟି କିରଣଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି। ମାତ୍ର ୨୫ ବର୍ଷ ବୟସରେ ପରିବାରର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ।"ରୋଜଗାରିଆ ପୁଅକୁ ହରାଇ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼।ଭଉଣୀ ହାତରେ ରହିଯାଇଛି ରାଖୀ। ଆଉ ଦୁଇ ଦିନ ପରେ ଭଉଣୀ ପଠାଇଥିବା ରାକ୍ଷୀ ବାନ୍ଧି ଥାନ୍ତା କିରଣ। ସେ ନେଇ ଭଉଣୀ ସହ ଗତ କାଲି କଥା ହୋଇଥିଲା କିରଣ। ଏବେ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ସରକାରଙ୍କୁ ନେହୁରା ହୋଇଛନ୍ତି ପରିବାର ଓ ଗ୍ରାମବାସୀ। କିରଣ ଗତ ୧୯ ମାସ ପୂର୍ବେ ବିଶାଖାପାଟଣାର ଜଣେ ଦଲାଲ ମାଧ୍ୟମରେ ଆବୁଧାବି ଯାଇଥିଲେ। ସେ ଦୁଇ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲେ। ଆଉ ମାତ୍ର ୩ ମାସ ପରେ ସେ ଗା କୁ ଆସିଥାନ୍ତେ। ହେଲେ ଗତକାଲି ତାଙ୍କର ମୃତ ହୋଇଛି। ଏବେ ମୃତ ଦେହ ସେଠାରେ ଥିବା ବେଳେ ତାଙ୍କ ନେଇଥିବା ଲୋକ ବି ଫୋନ ଉଠାଉ ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ଖୁବଶିଘ୍ର ନୂତନ ଫାର୍ମାସି ଅଧିକାରୀ ପଦବୀ ପାଇଁ ନିଯୁକ୍ତି

### ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ




ଭୁବନେଶ୍ୱର,୨୩।୮ (ସମିସ): ଦୀର୍ଘ ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସି କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ତଥା ଏକ ଦିବସୀୟ ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ, ଫାର୍ମାସି କ୍ୟାଡରର ପୁନର୍ଗଠନ ଦୀର୍ଘ ୩୯ ବର୍ଷର ଦାବି ଥିଲା। ଏହି ଦାବିକୁ ସମ୍ମାନ ଜଣାଇ ଫାର୍ମାସି କ୍ୟାଡରର ପୁନର୍ଗଠନ କରାଯିବା ସହ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ସ୍ପଷ୍ଟ କରିବା ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ଫାର୍ମାସି କ୍ୟାଡରର ପୁନର୍ଗଠନ ଏହି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଔଷଧ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ୧୧୦୮ ନୂତନ ଫାର୍ମାସି ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ହୋଇସାରିଛି। ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ୨୦ଟି ରାଜ୍ୟରେ ଲାଗୁ ହୋଇଥିବା ଫାର୍ମାସିଷ୍ଟ କାଉନସିଲ୍ ଅଫ୍ ଇଣ୍ଡିଆ–ନିଯୁକ୍ତି ଓ ପଦୋନ୍ନତି ସେବା–୨୦୨୫କୁ ଲାଗୁ ନିମନ୍ତେ ଆସୋସିଏସନ କରିଥିବା ଦାବିକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି। ଫାର୍ମାସି ଅଧିକାରୀମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ଅଧିକ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସେମାନଙ୍କ କାର୍ଯ୍ୟ ଦାୟିତ୍ୱ (ଜବ୍ ରେସପନସିବିଲିଟି) ସମ୍ପର୍କରେ ବିଭାଗ ତରଫରୁ ଜଣାଇ ଦିଆଯାଇଛି ବୋଲି ମନ୍ତ୍ରୀ କହିବା ସହ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ପ୍ରଦାନ, ଔଷଧର ସୁରକ୍ଷିତ ବ୍ୟବହାର, ଔଷଧ ସମ୍ପର୍କିତ ପରାମର୍ଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ତେଣୁ ଫାର୍ମାସି ସେବାକୁ ମଜବୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ ବୋଲି ସେ କହିଥିଲେ। ଫାର୍ମାସି କ୍ୟାଡରର ପୁନର୍ଗଠନ ଓ ଜବ୍ ଚାର୍ଟ ପ୍ରସ୍ତୁତି ଦ୍ୱାରା ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱରେ ସ୍ୱଚ୍ଛତା ଆସିବା ସହ ସେମାନଙ୍କ ପେଶାଗତ ଉନ୍ନତି ଓ କ୍ୟାରିୟରର ପ୍ରଗତିର ନୂଆ ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Cuttack. I A. Chandrakala w/o Yogeswar Rao resident of Sutahat, Ps. Daragha Bazar, Cuttack declare that my actual name is A. Chandrakala, but in my Aadhaar & PAN card my name is recorded as N. Laxmi. I declare that A. Chandrakala and N. Laxmi is the same person. Henceforth I will be known as **A. Chandrakala** for all purpose.

**AFFIDAVIT**

By virtue of an affidavit sworn before Notary Public Bhubaneswar dated 21.09.2026. I Padmanava Swain, At-Padiapada,Po-Dolabadi,Dist-Bhadrak, Odisha-756114 declare that I have changed my name from Pawan Kumar Swain to Padmanava Swain. Henceforth, I shall be known as **PADMANAVA SWAIN** for all purposes.

**AFFIDAVIT**

By virtue of an affidavit sworn before The Notary Public, Rayagada, No.10072, dated. 22.08.2026, by Sri Sashi Bhusan Hans, aged about 46 years, S/o-Kshirasindhu Hans, Presently residing At- Kasturi Nagar, 9th Lane, House Hold No.027, Ward No-18, Rayagada, PO/PS/ Block/ Dist- Rayagada, Pin- 765001, Odisha, permanent resident of At-Sagunbhadi, PO-Chatiaguda, PS-Sinapali, Dist-Nuapada, Odisha, 766108, declare that I have changed the name of my daughter from Samiksha Sashi Bhusan Hans to Samiksha Subhansi Hans. Henceforth, she shall be known as **Samiksha Subhansi** Hans for all purposes.

**AFFIDAVIT**

By Virtue of an affidavit (SL NO-335 ,dtd-20.08.2026 )sworn before in The court of the Sub-Collector, Baripada, Mayurbhanj. I, Dhruba Charan Satpathy, of village- Rairangpur, ward no-7 ,PO/PS- Rairangpur, Dist. -Mayurbhanj, declare that my family including myself ,my wife namely sabita Satpathy and my elder son namely Hemanta Kumar satpathy use the SURNAME 'SATPATHY' . Henceforth, That All the Surname i.e. Dhruba charan Sathapathy and Dhruba charan Satpathy ,Sabita Sathapathy and Sabita Satpathy, Hemanta Kumar Sathapathy and Hemanta kumar Satpathy,Sumanta Kumar Sathapathy and Sumanta Kumar Satpathy are all belongs to one and same person for needful purpose.

S/D - DHRUBA CHARAN SATPATHY


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶରେ ହିନ୍ଦୁ...

ରାତିରେ ପରିବାର ଲୋକେ ସେମାନଙ୍କ ଘରେ ପହଞ୍ଚି ମୁଖ୍ୟ ଫାଟକ ବନ୍ଦ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରୁ ଚାରି ଜଣଙ୍କର ମୃତଦେହ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡିଛି ଯେ ମା' ଏବଂ ଝିଅଙ୍କ ମୃତଦେହ ସିଡ଼ି ଉପରୁ, ଗଣପତିଙ୍କ ମୃତଦେହ ଛାତ ଉପରୁ ଏବଂ ସାନ ପୁଅର ମୃତଦେହ ଖଟ ତଳୁ ମିଳିଛି। ଗଣପତି ଗତ ବର୍ଷ ଶିକ୍ଷକତା ପଦରୁ ଅବସର ନେଇଥିଲେ ଏବଂ ତାଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଏବଂ ସିଆଇଡି ମିଳିତ ଭାବେ ଏହି ଘଟଣାର ଗୁରୁତର ତଦନ୍ତ ଜାରି ରଖିଛନ୍ତି।

### ଭ୍ରମାତ୍ମକ ବିଜ୍ଞାପନ...

ବ୍ରାଣ୍ଡଗୁଡ଼ିକୁ ମଧ୍ୟ ନୋଟିସ୍ ଏହି ମିଳିଛି।

ଏହିପ୍ରସଙ୍ଗରେ ଏଫ୍‌ଏସ୍‌ଏସ୍‌ଏଆଇ-କମର୍ସକମ୍ପାନୀ ଆମାଜନ ଏବଂ ଫ୍ଲିପ୍‌କାର୍ଟକୁ ୧୨ ନୋଟିସ୍ ପଠାଇଛି। ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ ଏକ ଆମାଜନ ଗୋଦାମର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଏଜେନ୍ସି କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ବ୍ରାଣ୍ଡଗୁଡ଼ିକୁ ୩୦ ରୁ ଅଧିକ ନୋଟିସ୍ ଜାରି କରିଛି। ଡୋମିନୋଜ୍ର ୫ଟି ଲାଇସେନ୍ସକୁ ସ୍ଥଗିତ କରାଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଅନୁଯାୟୀ, ନୋଟିସ୍ ପାଇବା ପରେ ମଧ୍ୟ ଅନେକ କମ୍ପାନୀ ସେମାନଙ୍କର ଭୁଲ ସଂଶୋଧନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଖାଦ୍ୟ ସୁରକ୍ଷା, ବିଜ୍ଞାପନ ଏବଂ ଲେବଲିଂ ନିୟମ ଅନୁପାଳନ କରାଯାଉଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ଭବିଷ୍ୟତରେ ଏହି ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଭ୍ରମାତ୍ମକ ବିଜ୍ଞାପନ କହିଲେ ଏକ ଉତ୍ପାଦର ଗୁଣବତ୍ତା, ଉପାଦାନ କିମ୍ବା ସ୍ୱାସ୍ଥ୍ୟ ଲାଭ ବିଷୟରେ ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ବିଜ୍ଞାପନକୁ ଭ୍ରମାତ୍ମକ ବୋଲି ବିବେଚନା କରାଯାଏ। ଗ୍ରାହକଙ୍କୁ ଭୁଲ ଭାବରେ ବିଭ୍ରାନ୍ତ କରୁଥିବା, ଅନ୍ୟ ଏକ ଉତ୍ପାଦକୁ ନିମ୍ନମାନର ଭାବରେ ଚିତ୍ରଣ କରୁଥିବା କିମ୍ବା ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଉଥିବା ଦାବି ମଧ୍ୟ ଭ୍ରମାତ୍ମକ ହୋଇପାରେ।

### ଦର ବୃଦ୍ଧିରେ...

ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ମାତ୍ର ୧.୮୮ ପ୍ରତିଶତ ଥିଲା ଏବଂ ମେ' ମାସରେ ଏହା ୪ ପ୍ରତିଶତ ଉପରେ ବୃଦ୍ଧି ପାଇ ଜୁନ୍ ମାସରେ ୫.୧୫ ପ୍ରତିଶତରେ ପହଞ୍ଚିଥିଲା। ଶେଷରେ ଜୁଲାଇରେ ଏହା ୪.୮୩ ପ୍ରତିଶତକୁ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟସ୍ତରୀୟ ମୂଲ୍ୟ ଚାପ ବୃଦ୍ଧି ପାଇବା ଫଳରେ ଜୁଲାଇରେ ଲଗାତାର ଭାବେ ୪ର୍ଥ ମାସ ପାଇଁ ଭାରତର ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚୀ ଗତ ବର୍ଷ ତୁଳନାରେ ୪.୪୫ ପ୍ରତିଶତ ବୃଦ୍ଧି ପାଇଛି, ଯାହାକି ଜୁନ୍ ମାସରେ ୪.୩୮ ପ୍ରତିଶତ ରହିଥିଲା। ଗ୍ରାମାଞ୍ଚଳ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ୪.୮୪ ପ୍ରତିଶତ ରହିଛି, ଯାହା କି ସହରାଞ୍ଚଳର ୩.୯୬ ପ୍ରତିଶତ ହାରଠାରୁ ଯଥେଷ୍ଟ ଅଧିକ ଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ମୁଦ୍ରାସ୍ଫୀତିରେ ବୃଦ୍ଧି ମୁଖ୍ୟ ବାହକ ରହିଛି। ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁନ୍ ମାସରେ ୫.୩୨% ତୁଳନାରେ ଜୁଲାଇରେ ୫.୫୨%କୁ ବୃଦ୍ଧି ପାଇଛି।

### ଡକାଯିବ ଜରୁରୀ...

କରିପାରେ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ଆଶଙ୍କା ବ୍ୟକ୍ତ କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ମୌସୁମୀ ଅଧିବେଶନ ପ୍ରୋରୋଗ୍ ନହେବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିବା ସହ ଡିଲିମିଟେସନ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ସ୍ୱତନ୍ତ୍ର ଅଧିବେଶନରେ ପାରିତ କରାଇବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ଯୋଗାଡ଼ କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜନସଂଖ୍ୟା ଆଧାରରେ ସୀମା ପୁନର୍ଗଠନ ହେଲେ ଅନେକ ରାଜ୍ୟଗୁଡ଼ିକର ଲୋକସଭା ପ୍ରତିନିଧିତ୍ୱ କମିପାରେ ବୋଲି ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ପରି ରାଜ୍ୟଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟ ୨୧ରେ ମହାବଳୀପୁରମ୍‌ରେ ଅନୁଷ୍ଠିତ ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଡିଲିମିଟେସନ ପ୍ରସଙ୍ଗ ଉଠିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ରାଜ୍ୟଗୁଡ଼ିକର ସଂସଦୀୟ ପ୍ରତିନିଧିତ୍ୱ କୌଣସି ପରିସ୍ଥିତିରେ କମିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ ଆଇନଗତ ଆଶ୍ୱାସନା ଦାବି କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ଆଗାମୀ ୨୫ ବର୍ଷ ପାଇଁ ବର୍ତ୍ତମାନର ୫୪୩ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଦାବି କରିଛନ୍ତି। ଫଳରେ ସଂସଦର ମୌସୁମୀ ଅଧିବେଶନ ପ୍ରୋରୋଗେସନ୍‌ରେ ବିଳମ୍ବ ଏବଂ ଡିଲିମିଟେସନକୁ ନେଇ କେନ୍ଦ୍ରର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଏ ସମ୍ପର୍କରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାନସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସଂସଦ ମୁଲତବୀ ହେବା ପରେ ପ୍ରୋରୋଗେସନ ଏକ ବିଧିବଦ୍ଧ ପ୍ରକ୍ରିୟା। ସାଧାରଣତଃ ସଂସଦ ମୁଲତବୀ ହେବାର ପ୍ରାୟ ସପ୍ତାହକ ମଧ୍ୟରେ ଏହି କାର୍ଯ୍ୟ ସମାପନ ହୁଏ। ୧୦ ଦିନ ପରେ ପ୍ରୋରୋଗେସନ ନ ହେବା ଏକ ବିରଳ ଘଟଣା। ତେଣୁ ଏ ସଂକ୍ରାନ୍ତରେ ଦେଶବାସୀ ବା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମନରେ ସୃଷ୍ଟି ହେଉଥିବା ଆଶଙ୍କାକୁ ଅମୂଳକ ବୋଲି କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

### ୩ ଦିନ...

ତେବେ ରବିବାର ସୃଷ୍ଟ ଲଘୁଚାପ ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାପ୍ରଭାବରେ ଅଗଷ୍ଟ ୨୪ ରୁ ୨୬ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ବର୍ଷା ହେବ। ଅଗଷ୍ଟ ୨୮-୨୯ରେ ବର୍ଷା ସାମାନ୍ୟ କମିବା ପରେ ୨୯-୩୦ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ମଧ୍ୟରେ ଏହା ପ୍ରଭାବରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ମଧ୍ୟ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଅଗଷ୍ଟ ୩୦ ରୁ ସେପ୍ଟେମ୍ବର ୨ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଲଘୁଚାପ ପ୍ରଭାବରେ ଆଗାମୀ ୨୪ ତାରିଖ ଯାଏଁ ସମୁଦ୍ର ଅଶାନ୍ତ ରହିବ। ଏବେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ୪୦-୫୦ ବେଗରେ ପବନ ବହୁଛି। ଏହାର ଝଟକା ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହୁଛି। ତେଣୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ପାର୍ଶ୍ୱବର୍ତ୍ତୀ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

### ଥୁଆମୂଳ ରାମପୁର-ରାୟଗଡ଼ା...

୦ପ୍। ଅନ୍ୟପଟେ ଅସମ୍ପୂର୍ଣ୍ଣ ପୋଲ ନିର୍ମାଣ ଏବେ ବର୍ଷା ସମୟରେ ଅଞ୍ଚଳବାସୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କାଟେଲେଖା-କେରପାଇ ଯାତାୟତ ୦ପ୍ ହୋଇଯାଇଛି। ସେହିପରି କାଣିଗୁମାଠାରୁ ନେହେଲା ଓ ତାରା ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରବଳ ବର୍ଷାରେ ରାସ୍ତା ଅଧିକ ବିପଜ୍ଜନକ ହୋଇଥିବାରୁ ଯାତାୟାତ କରିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। କର୍ଲାପାଟ ପଞ୍ଚାୟତର ଅମଠାଗୁଡ଼ାରୁ କୁଆଙ୍ଗ ଗାଁକୁ ଏଯାଏଁ ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷା ଦିନରେ ସ୍ଥିତି ଆହୁରି ଦୟନୀୟ ହୋଇପଡ଼ିଛି। ରାସ୍ତା ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ମଧ୍ୟ ଅପହଞ୍ଚ ହୋଇଯାଉଥିବା ଅଭିଯୋଗ ରହିଛି। ପୋଡ଼ାପଦରର ୧୬ ଗାଁକୁ ଡଙ୍ଗା ହିଁ ଭରସା, ବର୍ଷାରେ ଡଙ୍ଗା ଚଳାଚଳ ବନ୍ଦ। ଇନ୍ଦ୍ରାବତୀ ଜଳଭଣ୍ଡାର ଯୋଗୁଁ ଜଳବନ୍ଦୀ ହୋଇ ରହିଥିବା ପୋଡ଼ାପଦର ପଞ୍ଚାୟତର ଏହି ଗାଁ ଗୁଡିକ ପାଇଁ ଡଙ୍ଗା ହିଁ ଏକମାତ୍ର ଯାତାୟାତର ମାଧ୍ୟମ। ହେଲେ ଲଗାଣ ବର୍ଷା ଯୋଗୁଁ ଡଙ୍ଗା ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ଏହି ଅଞ୍ଚଳର ଲୋକେ ଏକପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ଅସୁସ୍ଥ ବ୍ୟକ୍ତିଙ୍କୁ ଚିକିତ୍ସାଳୟ ନେବା ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିରେ ପୋଡ଼ାପଦର ଅଞ୍ଚଳବାସୀ ଭଗବାନଙ୍କ ଭରସାରେ ଜୀବନ କାଟୁଥିବା ଅଭିଯୋଗ କରିଛନ୍ତି। ପ୍ରବଳ ବର୍ଷାରେ ବ୍ଲକର ଅନେକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଛି। ବିଭିନ୍ନ ବିଦ୍ୟାଳୟର ଛାତରୁ ପାଣି ଝରୁଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ବର୍ଷା ଓ ପବନରେ ବିଭିନ୍ନ ସ୍ଥାନରେ କୁଡ଼ିଆ ଘର ଭାଙ୍ଗିପଡ଼ିଥିବା ବେଳେ ଅନେକ ପରିବାରଙ୍କ ଘରେ ପାଣି ପଶିଛି। ଫଳରେ ଲୋକେ ନିଜ ଜୀବନ ଓ ଜୀବିକା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଏହା ସହିତ ପ୍ରବଳ ବର୍ଷାରେ ବିଭିନ୍ନ ଅଞ୍ଚଳରେ ଚାଷଜମିରେ ପାଣି ଭରିଯିବାରୁ ବିଭିନ୍ନ ଫସଲ ନଷ୍ଟ ହୋଇଛି। ୩୪୫ ମିଲିମିଟର ବର୍ଷାରେ ଥୁଆମୂଳ ରାମପୁରର ବାସ୍ତବ ଚିତ୍ର ଏବେ ସାମ୍ନାକୁ ଆସିଛି। ବର୍ଷା କମିବା ପର୍ଯ୍ୟନ୍ତ ନଦୀ ଓ ନାଳ ପାର ନ କରିବା, ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ ନ କରିବା ଏବଂ ପ୍ରଶାସନର ନିର୍ଦ୍ଦେଶ ମାନିବାକୁ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଛି।

### ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି...

ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। ଏହି ବିଚାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକ ମାନଙ୍କ ଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ କହିଥିଲେ। ସେହି ଅନୁସାରେ, ଓଡିଶା କେବଳ ବକେୟା ଆକାରରେ ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବ ବୋଲି ଆକଳନ ହୋଇଥିଲା। ଏହାଛଡ଼ା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା। କିନ୍ତୁ ଏମ୍‌ଏମ୍‌ଡିଆର ଆଇନ୍‌କୁ ବଦଳାଇ କେନ୍ଦ୍ର ସରକାର ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ହଡ଼ପ କରିଦେଲେ। ଦୁଃଖ ଓ ପରିତାପର ବିଷୟ ଯେ, ଓଡ଼ଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ, ଓଡିଶା ବିରୋଧୀ ଆଇନକୁ ହାତ ଟେକି ସମର୍ଥନ କରିଥିଲେ। ବିଜେପି ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଭଳି କଥା ନକହି ଯଦି ସତ୍ସାହସ ଅଛି ତେବେ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ଶ୍ରୀ ଘଡ଼େଇ ବିଜେଡି ପକ୍ଷରୁ ଆହ୍ୱାନ କରିଛନ୍ତି।

ସେହିପରି ଶ୍ରୀ ରାୟ କହିଛନ୍ତି ଯେ, ଏହି ବିଲ୍ ପାରିତ ହେବା ପରେ ରାଜ୍ୟସାରା ସମସ୍ତ ବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରତ୍ନଗର୍ଭା ଓଡ଼ିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡ଼ଯନ୍ତ୍ର କରାଯାଇଛି। ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ବିଜେପି ସାଂସଦ ଓ ନେତୃତ୍ୱଗଣ ଦାୟୀ। କେନ୍ଦୁଝର ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାରୁ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। କେବଳ ଓଡ଼ିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି। ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡ଼ିଶା ୧ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାହିଁକି ଆଦାୟ କରି ପାରୁନାହିଁ ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟର ଉନ୍ନତି ପାଇଁ ବିନିଯୋଗ ହୋଇପାରିଥାନ୍ତା କିନ୍ତୁ ତାହା ନହୋଇ ରାଜ୍ୟବାସୀଙ୍କ କ୍ଷତି ହୋଇଛି। ଖଣିରୁ ସେସ୍ ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକି ଏ ସମ୍ପର୍କରେ ଆଲୋଚନା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। କିନ୍ତୁ ବିଜେପି ନିଜର ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ତାହା କରୁନାହିଁ। ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସେମାନେ ଭୁଲି ଯାଇଛନ୍ତି। ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଆଗାମୀ ଦିନରେ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ରାୟ କହିଛନ୍ତି।

### ୧୧ ପଦରେ...

ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପଦୋନ୍ନତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ଓ ବିନା ଡିପିସିରେ ତାଙ୍କୁ ଏକାଧିକ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି।

କେବଳ ଏତିକି ନୁହେଁ; ନିଗମ ବିରୋଧରେ ମଧ୍ୟ ଆହୁରି ଅନେକ ସାଂଘାତିକ ଅଭିଯୋଗ ଆସିଛି। ଅବସର ନେବାର ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଅନେକ କର୍ମଚାରୀଙ୍କୁ ସେମାନଙ୍କର ନାର୍ଯ୍ୟ ପ୍ରାପ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି ଏବଂ ଏହି ପାଉଣା ନ ଦେବାକୁ ରୀତିମତ ଷଡ଼ଯନ୍ତ୍ର କରାଯାଉଛି। ଜଣେ ଜଣେ ଅଧିକାରୀଙ୍କ ଉପରେ ଏତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିବା ପଛରେ କେଉଁ କାରଣ ଅଛି ତାହାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଗମରେ ମାନବସମ୍ବଳ ସଙ୍କଟ ରହିଛି ନା ଜାଣିଶୁଣି ଜଣେ ଜଣେ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ନ୍ୟସ୍ତ କରାଯାଇ ବ୍ୟବସ୍ଥାକୁ ବିଭ୍ରାଟ କରିବାକୁ ଉଦ୍ୟମ କରାଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଅପରପକ୍ଷରେ ବିଭାଗରେ ଏକାଧିକ ଦାୟିତ୍ୱ ତୁଲାଇବା ପାଇଁ କେବଳ ଏହି ଅଧିକାରୀମାନେ ସୁଦକ୍ଷ ଓ ଅନ୍ୟମାନେ ଅପାରଗ ବୋଲି ସରକାର ମନେ କରୁଛନ୍ତି ବୋଲି ମଧ୍ୟ ଏକ ବାର୍ତ୍ତା ଦିଆଯିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ହୋଇଛି।


**C.B.HIGHER SECONDARY SCHOOL**

Garhsanput, Kanas, Puri–752060

**URGENTLY REQUIRED**

Applications are invited for the post of Lecturer in HISTORY and ODIA(Guest faculty basis) having 55% above marks at PG level to the undersigned within 07 days of publication of this advertisement.

*Sd/-Principal-cum-Secretary CBHSS*

*chaudamauza.mahavidyalaya@gmail.com*

### ପୁଟୁକିଡୁଙ୍ଗୁରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଅଭାବ, ଅସୁବିଧା ବୁଝିବାକୁ କାହାରି ଆନ୍ତରିକତା ନାହିଁ

ବରଗଡ଼, ୨୩।୮ (ସମିସ)




ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ପୁଟୁକିଡୁଙ୍ଗୁରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ୫ ଜଣ ଶିକ୍ଷକ ଦରକାର। ବିଦ୍ୟାଳୟର ସବୁଠାରୁ ଗୁରୁତର ସମସ୍ୟା ହେଉଛି ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାରଯୋଗ୍ୟ ଶୌଚାଳୟର ଅଭାବ। ବିଦ୍ୟାଳୟରେ ଥିବା ଶୌଚାଳୟଗୁଡ଼ିକ ମରାମତି ଆବଶ୍ୟକ କରୁଛି। ଏଣୁ ଛାତ୍ରଛାତ୍ରୀ ନିତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟଗୁଡ଼ିକର ମରାମତି ପାଇଁ ପାଣ୍ଠି ଆବଶ୍ୟକ। ଗତବର୍ଷ ମଧ୍ୟ ଶୌଚାଳୟ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲା। ପଞ୍ଚାୟତିରାଜ ବିଭାଗର ଯନ୍ତ୍ରୀ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଏପର୍ଯ୍ୟନ୍ତ ଶୌଚାଳୟ ମରାମତି ପାଇଁ କୌଣସି ଆର୍ଥିକ ଅନୁଦାନ ମିଳିନି। ବିଦ୍ୟାଳୟରେ ଏକ ଭଙ୍ଗା ଘର ମଧ୍ୟ ରହିଛି। ଏହା ସହିତ ରୋଷେଇ ଗୃହର ଛାତରୁ ପାଣି ଝରୁଛି। ଏଣୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ବିଦ୍ୟାଳୟରେ ବ୍ୟବହାରଯୋଗ୍ୟ ମାତ୍ର ୪ଟି ଶ୍ରେଣୀ କୋଠରୀ ରହିଛି। ତେଣୁ ଅତି କମ୍‌ରେ ଆଉ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହର ଆବଶ୍ୟକତା ରହିଛି। ଏହି ସମସ୍ୟାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ପ୍ରଧାନ ଏବଂ ସିଆରସିସି ଦିବସ ସାହୁ ମିଶି ବିଡିଓ ପର୍ଶୁରାମ ପଣ୍ଡାଙ୍କ ମାଧ୍ୟମରେ ଗତବର୍ଷ ବରଗଡ଼ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହାପରେ ବିଦ୍ୟାଳୟ ପାଇଁ ଏକ ଅତିରିକ୍ତ ଶ୍ରେଣୀଗୃହ ମଞ୍ଜୁର ହୋଇଛି। ମଞ୍ଜୁର ହୋଇଥିବା ଶ୍ରେଣୀଗୃହର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ମହେନ୍ଦ୍ର ସାହୁ ଏବଂ ସଦସ୍ୟମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ତେବେ ଏହି ବିଦ୍ୟାଳୟକୁ ନିପୁଣ ବିଦ୍ୟାଳୟ ଭାବେ ଚୟନ କରାଯାଇଛି। ସ୍ଥାନୀୟ ସିଆରସିସି ଦିବସ ସାହୁ ମଧ୍ୟ ଏହାକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଉ ଜଣେ ଶିକ୍ଷକ ଯୋଗାଇଦେବାକୁ ସେ ବିଇଓ ଶୁଭମ୍ ପତିଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଗୋଠୁଗୁଡ଼ା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ। ଶୌଚାଳୟ ମରାମତି, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଭଙ୍ଗା ଘରର ସମାଧାନ, ରୋଷେଇ ଗୃହର ମରାମତି ଏବଂ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ଭଳି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ଲୋକେ ଓ ବିଦ୍ୟାଳୟ ପରିଚାଳନା କମିଟି କହିଛନ୍ତି।

# ୧୬୨ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ



ବରଗଡ଼, ୨୩।୮ (ସମିସ): ଅମ୍ବାଭୋନା ଥାନା ଅଞ୍ଚଳରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର କଫ୍ ସିରପ୍ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚିଚୋଲି ଗ୍ରାମର ଘନଶ୍ୟାମ ନାଏକ (୩୯) ଓ ପୁଗଳ କୁସମ (୫୮)। ପ୍ରକାଶପୁର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଦୁଇ ଅଭିଯୁକ୍ତ ଏକ ହୋଣ୍ଡା ଆକ୍ଟିଭା ସ୍କୁଟରରେ କଫ୍‌ସିରପ୍ ରଖି ବିକ୍ରି କରୁଥିବା ସମ୍ପର୍କରେ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଅମ୍ବାଭୋନା ଥାନା ଆଇଆଇସି ସୌରଭ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ଉଭୟଙ୍କୁ କାବୁ କରିଥିଲା। ତଲାସି ସମୟରେ ୧୫୦ ବୋତଲ ସିଲ୍ ଅବସ୍ଥାରେ ଥିବା କଫ୍‌ସିରପ୍ ସହ ୧୨ ବୋତଲ ଖୋଲା କଫ୍‌ସିରପ୍ ଜବତ କରାଯାଇଛି। ଅର୍ଥାତ୍ ମୋଟ ୧୬୨ ବୋତଲ କଫ୍ ସିରପ୍ ପୁଲିସ ଜବତ କରିଛି। ଏଥିସହ ଏକ ହୋଣ୍ଡା ଆକ୍ଟିଭା ସ୍କୁଟର (ନମ୍ବର ସିଜି-୧୩-ବିକେ-୨୯୨୭), ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୩, ୫୦୦ ଟଙ୍କା ମଧ୍ୟ ଜବତ ହୋଇଛି। ଅମ୍ବାଭୋନା ଥାନାରେ ଏ ନେଇ କେସ୍ ରୁଜୁ ହୋଇଛି।

# ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



ପଦ୍ମପୁର, ୨୩।୮ (ସମିସ): ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଦ୍ମପୁର ଶାଖା ପକ୍ଷରୁ ରବିବାର ପଦ୍ମପୁର ମେହେରପଡ଼ାସ୍ଥିତ ବ୍ରହ୍ମକୁମାରୀ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଡାକ୍ତର ରଜତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୯ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର ପକ୍ଷରୁ ନିତେଶ ପ୍ରଧାନ, ସୁମିତ ସୁମନ ସିହ୍ନା, ଶ୍ୟାମସୁନ୍ଦର ସାହୁ, ଦୀପକ ସାହୁ ଓ ଜିତେନ୍ଦ୍ରିୟ ଗୁର୍ଲା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଭଉଣୀ ସୁଜାତା, ରୋଜୀ, ଝୁନା, ସୂର୍ଯ୍ୟକାନ୍ତି ଏବଂ ଭାଇ ସୁନୀଲ, ପ୍ରଫୁଲ୍ଲ, ବିମଳ, ସଂକୀର୍ତ୍ତନ, ଭରତ, ସୁମିତ, ମାନସୀ, ପ୍ରସନ୍ନ, ଲିଙ୍ଗରାଜ, ଜୟକୃଷ୍ଣ, ସଞ୍ଜୟ, ନିକି, ସୁରୁ, ସୁଧାକର, ନିରୋଜ ଦୋରା, ଈଶ୍ୱର ସାନ ବରସା, ରତ୍ନମଣୀ, ସୁଦାମ, ଅଶ୍ୱିନୀ ପ୍ରମୁଖ ସହଯୋଗ କରିଥିଲେ।

# ଅବହେଳିତ ଲେହେନିପଦରର ରହସ୍ୟମୟ ଶୈବପୀଠ



ବରଗଡ଼, ୨୩।୮ (ସମିସ): ପଶ୍ଚିମ ଓଡ଼ିଶାର ମାଟି କେବଳ ସଂସ୍କୃତି ଓ ପରମ୍ପରାର କ୍ଷେତ୍ର ନୁହେଁ। ଏହା ବୁକୁରେ ଲୁଚାଇ ରଖିଛି ଅନେକ ରହସ୍ୟ ଏବଂ ଅଲୌକିକ ଆଶ୍ଚର୍ଯ୍ୟ। ବରଗଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଅବସ୍ଥିତ ଲେହେନିପଦର ଗ୍ରାମର ପବିତ୍ର ଶୈବପୀଠ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ପୀଠରେ ବାବା ଗୁପ୍ତେଶ୍ୱରଙ୍କ ସମେତ ମା' ଲେଉଣିସରିଏନ୍, ଭୈରବ ବାବା ଏବଂ ନବଗ୍ରହଙ୍କ ଏକତ୍ର ଉପସ୍ଥିତି ଏହି ସ୍ଥାନକୁ ଏକ ଅନନ୍ୟ ଆଧ୍ୟାତ୍ମିକ କ୍ଷେତ୍ରରେ ପରିଣତ କରିଛି। ତେବେ ବରଗଡ଼ ପାଖରେ ଅବସ୍ଥିତ ଥାଇ ମଧ୍ୟ ରାସ୍ତାଘାଟ, ପାନୀୟ ଜଳ ଏବଂ ମୌଳିକ ଭିତ୍ତିଭୂମିର ଅଭାବରୁ ଏହି ପବିତ୍ର ପୀଠଟି ଆଜି ପଛରେ ପଡ଼ିଯାଇଛି। ଏହି ମନ୍ଦିର ସମ୍ପର୍କରେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଏହାର ଅଲୌକିକତା। ସେବକମାନଙ୍କ କହିବା ଅନୁଯାୟୀ, ମଧ୍ୟରାତ୍ରିର ନିସ୍ତବ୍ଧ ପ୍ରହରରେ ପରିସରରେ ଅନେକ ଅଲୌକିକ ଅନୁଭୂତି ହୋଇଥାଏ। ନିଶାଚର ବେଳାରେ କିଛି ଭକ୍ତ ମା' ଲେଉଣିସରିଏନ୍‌ଙ୍କୁ ଦର୍ଶନ କରିଥିବା କଥା କହିଛନ୍ତି। ଏଠାରେ କୌଣସି ଏକ ଅଦୃଶ୍ୟ ଶକ୍ତିର ବାସ ରହିଛି, ଯାହା ଭକ୍ତଙ୍କୁ ସୁରକ୍ଷା ଦେଇଥାଏ ବୋଲି ବିଶ୍ୱାସ କରାଯାଏ। ଲୋକଲୋଚନରୁ ଦୂରରେ ଲୁକ୍କାୟିତ ପ୍ରତିଭା ବାବା ଗୁପ୍ତେଶ୍ୱର ଓ ମା' ଲେଉଣିସରିଏନ୍‌ଙ୍କ ପୀଠର ଉପଯୁକ୍ତ ପ୍ରଚାର ପ୍ରସାରର ଅଭାବ ହୋଇପାରୁନି। ଏହି ଲୁକ୍କାୟିତ ଆଧ୍ୟାତ୍ମିକତା ଏବଂ ରହସ୍ୟଭରା ମାଟିର ସର୍ବାଙ୍ଗୀନ ବିକାଶ ପାଇଁ ଏବେ ସ୍ଥାନୀୟ ବାସିନ୍ଦା ଏବଂ ଭକ୍ତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଦୁର୍ଦ୍ଦଶା ଭୋଗୁଛନ୍ତି ଟୁହୁଙ୍ଗିଦାଦର ମଝି ପଡ଼ାବାସୀ

ଝାରବନ୍ଧ, ୨୩।୮ (ସମିସ): ଝାରବନ୍ଧ ବ୍ଲକ ଟୁହୁଙ୍ଗିଦାଦର ମଝା ପଡ଼ାବାସୀ ଦୀର୍ଘଦିନ ଧରି ରାସ୍ତା ସମସ୍ୟାକୁ ନେଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ପଡ଼ାରେ ପ୍ରାୟ ୨୦ଟି ପରିବାର ବସବାସ କରୁଛନ୍ତି। ପୂର୍ତ୍ତ ବିଭାଗର ରାସ୍ତା ପାର୍ଶ୍ୱରେ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ଫଳରେ ପଡ଼ାକୁ ଯିବା ରାସ୍ତା କାଦୁଅ ପଚପଚ ହୋଇପଡ଼ିଛି। ଏଥିଯୋଗୁଁ ବାଇକ୍ ଓ କାର୍ ଯାତାୟାତରେ ସମସ୍ୟା ହେଉଛି। ପାଦରେ ଚାଲି ଯିବା ମଧ୍ୟ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ, ଏ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅନେକ ଦିନ ଧରି ଅବଗତ କରାଯାଇଛି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଡ଼ାବାସୀଙ୍କ ଦାବି ଯେ ରାସ୍ତାରେ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରାଯିବା ସହ ରାସ୍ତାର ମରାମତି ଓ ଉନ୍ନତିକରଣ କରାଯାଉ। ଏ ଦିଗରେ ପୂର୍ତ୍ତ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ମଝା ପଡ଼ାବାସୀ ଆଶା ପ୍ରକାଶ କରିଛନ୍ତି।



# ନୂଆ କୀଟନାଶକର ବଜାର ପ୍ରବେଶ




ବରଗଡ଼, ୨୩।୮ (ସମିସ): ନାଟକୋ କ୍ରପ୍‌ହେଲ୍ଥ ସାଇନ୍ସେସର ନୂଆ କୀଟନାଶକ ପାମୁକର ବଜାର ପ୍ରବେଶ ହୋଇଛି। ଏହି କାର୍ଯ୍ୟକ୍ରମ ନାଟକୋ କମ୍ପାନୀର ଓଡ଼ିଶା-ଛତିଶଗଡ଼ ମାର୍କେଟିଂ ହେଡ୍ ବ୍ୟାସ ମୁନି ଶୁକ୍ଲା, ଓଡ଼ିଶା ହେଡ୍ ଅନିଲ କୁମାର ମହାରଣା ଏବଂ ବରଗଡ଼ ଟେରିଟୋରୀ ମ୍ୟାନେଜର କୁବେର ମହାକୁରଙ୍କ ନେତୃତ୍ୱରେ ହୋଇଥିଲା। ସୁଜାତା ଟ୍ରେଡର୍ସର ୩୫ରୁ ଅଧିକ ଡିଲରଙ୍କ ଉପସ୍ଥିତିରେ ସତ୍ତ୍ୱାଧିକାରୀ ସି.ଏଚ୍. ଶ୍ରୀନୁ ଦୀପ ପ୍ରଜ୍ୱଳନ କରିଥିଲେ। ସେଲ୍ସ ଅଫିସର ବନ୍ଦେ ଭେଙ୍କଟେଶ୍ୱର ଓ ଆଶିଷ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଅନିଲ ମହାରଣା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମାନନ୍ଦ ପ୍ରଧାନଙ୍କ ପରଲୋକ

ଗାଇସିଲେଟ, ୨୩।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କନ୍ଦାଗାଡ଼ ପଞ୍ଚାୟତ ବରିହାପୁଖାପାଣି ଗ୍ରାମର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମାନନ୍ଦ ପ୍ରଧାନ (୭୬)ଙ୍କ ପରଲୋକ ଘଟିଛି। ଶ୍ୟାମାନନ୍ଦ ପ୍ରଧାନ ୧୯୭୨ରୁ ୨୦୦୮ ଦୀର୍ଘ ୩୬ ବର୍ଷ ଧରି ତାଲପାଲି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ।



# ଏସ୍‌ବିଟିଏଲ୍ ପକ୍ଷରୁ ଜରୁରୀକାଳୀନ ମକ୍ ଡ୍ରିଲ୍

ବରଗଡ଼, ୨୩।୮ (ସମିସ): ମ୍ୟାପଲ୍ ହାଇୱେଜ୍ ସମ୍ବଲପୁର-ବରଗଡ଼ ଟୋଲୱେ ଲିମିଟେଡ୍ (ଏସ୍‌ବିଟିଏଲ୍) ପକ୍ଷରୁ ଜରୁରୀକାଳୀନ ଦୁର୍ଘଟଣା ମକ୍ ଡ୍ରିଲ୍ ସହ ବ୍ୟାପକ ଚାରାରୋପଣ କରାଯାଇଛି। ଏସ୍‌ଡିଆର୍‌ଏଫ୍, ଅଗ୍ନିଶମ ଏଥିରେ ଅଂଶଗ୍ରହଣ କରିଥିଲା। ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ, ଅଗ୍ନି ନିର୍ବାପଣ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଯାତାୟାତ ନିୟନ୍ତ୍ରଣ, ଜରୁରୀକାଳୀନ ଯୋଗାଯୋଗ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଭଳି ବିଷୟରେ ଅଭ୍ୟାସ କରାଯାଇଥିଲା। ଏସ୍‌ବିଟିଏଲ୍‌ର ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗ ମୁଖ୍ୟ ତପନ ସେଠୀ ମକ୍ ଡ୍ରିଲ୍‌ର ନେତୃତ୍ୱ ନେଇଥିଲେ। ପ୍ରକଳ୍ପ ମୁଖ୍ୟ ଜି. କ୍ରାନ୍ତି କୁମାର ଉପସ୍ଥିତ ରହି ଜରୁରୀକାଳୀନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଜିଲ୍ଲା ଅଗ୍ନିଶମ ବିଭାଗ ମୁଖ୍ୟ ସୁରେଶ ବାରିକ ଓ ଉମାଶଙ୍କର ବେହେରାଙ୍କ ସମେତ ଅଗ୍ନିଶମ ଦଳ ଯୋଗ ଦେଇଥିଲେ। ଜରୁରୀକାଳୀନ ପ୍ରତିକ୍ରିୟା ଓ ଅଗ୍ନି ନିର୍ବାପଣ ପ୍ରକ୍ରିୟାର ପ୍ରଦର୍ଶନ କରି ଏସ୍‌ବିଟିଏଲ୍ କର୍ମଚାରୀଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗାଯୋଗ ଓ ସମନ୍ୱୟ ବିଭାଗ ମୁଖ୍ୟ ସୁବାଷ ବାରିକ, ଟୋଲ୍ ପ୍ଲାଜା ପରିଚାଳକ ରମେଶ ବୋରକର, ଘଟଣା ପରିଚାଳନା ବିଭାଗ ମୁଖ୍ୟ ବିକାଶ ବଳ, ରକ୍ଷଣାବେକ୍ଷଣ ବିଭାଗ ମୁଖ୍ୟ ଉମାକାନ୍ତ ବାରିକ, ମାନବ ସମ୍ବଳ ବିଭାଗ ମୁଖ୍ୟ ଅକ୍ଷୟ ସାହୁ, କ୍ଷୀରୋଦ ସାହୁ, ରମେଶ ଗୁପ୍ତା ଓ ବିକ୍ରମ ଥାପାଙ୍କ ସମେତ ଏସ୍‌ବିଟିଏଲ୍‌ର କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ଏସ୍‌ବିଟିଏଲ୍ ପକ୍ଷରୁ ପିକେଏଆଇଟି ପ୍ରତିଷ୍ଠାନର ସହଯୋଗରେ ଚାରା ରୋପଣ କରାଯାଇଛି। ଏଥିରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଓ ଏସ୍‌ବିଟିଏଲ୍ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



# ଫେଲିସିଟେସନ୍ ଭଲ୍ୟୁମ୍ ଉନ୍ମୋଚିତ

ବରଗଡ଼, ୨୩।୮ (ସମିସ): ବରଗଡ଼ସ୍ଥିତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ପତିତ ପାବନ ମିଶ୍ରଙ୍କ ସମ୍ମାନରେ ପ୍ରସ୍ତୁତ ଫେଲିସିଟେସନ୍ ଭଲ୍ୟୁମ୍ ଆଜି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଏକ ସେମିନାର୍-କମ୍-ବୁକ୍ ରିଭ୍ୟୁ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଫେଲିସିଟେସନ୍ ଭଲ୍ୟୁମ୍‌କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉନ୍ମୋଚନ କରିଥିଲେ। ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ନନ୍ଦ ଏହି ସ୍ମାରକ ଗ୍ରନ୍ଥଟିର ସମ୍ପାଦନା କରିଛନ୍ତି। ଏହି ପୁସ୍ତକରେ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱର ବିଭିନ୍ନ ଦିଗକୁ ନେଇ ମୋଟ ୩୨ଟି ଗବେଷଣାମୂଳକ ପ୍ରବନ୍ଧ ସ୍ଥାନ ପାଇଛି। ସେଥିମଧ୍ୟରୁ ୧୩ଟି ପ୍ରବନ୍ଧ ବିଦେଶର ବିଭିନ୍ନ ବିଦ୍ୱାନଙ୍କ ଦ୍ୱାରା ଏବଂ ୧୯ଟି ପ୍ରବନ୍ଧ ଭାରତର ବିଭିନ୍ନ ସ୍ଥାନର ଗବେଷକ ଓ ବିଦ୍ୱାନମାନଙ୍କ ଦ୍ୱାରା ଲିଖିତ। ଏହା ପ୍ରଫେସର ପତିତ ପାବନ ମିଶ୍ରଙ୍କ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଥିବା ବ୍ୟାପକ ପ୍ରଭାବର ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଏଭଳି ଏକ ମୂଲ୍ୟବାନ ଶିକ୍ଷାମୂଳକ ଓ ଗବେଷଣାଧର୍ମୀ ଗ୍ରନ୍ଥ ପ୍ରକାଶ ପାଇଁ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ବିଶ୍ୱଜିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ସଂଘମିତ୍ରା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ମଧୁସ୍ମିତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ଅଭିଭାଷଣ ରଖିଥିଲେ। ଶେଷରେ ଡ. ଗାୟତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ମେଗା ନିଃଶୁଳ୍କ ଫର୍ଟିଲିଟି ଓ ସ୍କିନ୍ ଓପିଡି

ବରଗଡ଼, ୨୩।୮ (ସମିସ): ଡା. ଶକ୍ତି ଓ ଡା. ଇପ୍ସିତା ସ୍କିନ୍-ଫର୍ଟିଲିଟି ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଶକ୍ତି ଫାଉଣ୍ଡେସନ୍ ସହଯୋଗରେ ଏକ ମେଗା ନିଃଶୁଳ୍କ ଫର୍ଟିଲିଟି ଓ ସ୍କିନ୍ ଓପିଡି ଏବଂ ଚାରିଟେବଲ୍ ଆଇଭିଏଫ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସହ ରାଜ୍ୟ ବାହାରୁ ଆସିଥିବା ମୋଟ ୭୫୬ ଜଣ ରୋଗୀ ଉପକୃତ ହୋଇଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ନିଃଶୁଳ୍କ ବିଶେଷଜ୍ଞ ପରାମର୍ଶ, ଆବଶ୍ୟକୀୟ ପରୀକ୍ଷା, ଅଲ୍ଟ୍ରାସାଉଣ୍ଡ, ଡାଏଟ୍ ଓ ପୋଷଣ ପରାମର୍ଶ ସହ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚାରିଟେବଲ୍ ଆଇଭିଏଫ ପଦକ୍ଷେପ ମଧ୍ୟ ଆରମ୍ଭ କରାଯାଇଥିଲା। ଆର୍ଥିକ ଅସୁବିଧା ଯୋଗୁଁ ଆଇଭିଏଫ ଚିକିତ୍ସାରୁ ବଞ୍ଚିତ ହେଉଥିବା ଯୋଗ୍ୟ ଦମ୍ପତିଙ୍କୁ ସହାୟତା କରିବା ଏହାର ଉଦ୍ଦେଶ୍ୟ। ସେହିପରି 'ବନ୍ଧ୍ୟାତ୍ୱ ସମ୍ପର୍କିତ ମିଥ୍ ଓ ସତ୍ୟ' ଶୀର୍ଷକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଧ୍ୟାତ୍ୱ, ଆଇଭିଏଫ, ପୁରୁଷ ଓ ମହିଳାଙ୍କ ପ୍ରଜନନ କ୍ଷମତା, ବୟସ ଓ ଜୀବନଶୈଳୀ ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂର କରିବା ସହ ସମୟୋଚିତ ପରୀକ୍ଷା ଓ ଚିକିତ୍ସାର ଗୁରୁତ୍ୱ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ।




# ଝାରବନ୍ଧ ବ୍ଲକ୍‌ରେ ମୋବାଇଲ ନେଟ୍‌ୱର୍କ ଧିମା

ଝାରବନ୍ଧ, ୨୩।୮ (ସମିସ)

ହାତରେ ସ୍ମାର୍ଟଫୋନ୍‌ଙ୍କ ଚାରିଆଡ଼େ ଡିଜିଟାଲ ସେବାର ପ୍ରଚାର। ଅନଲାଇନ୍‌ରେ ବ୍ୟାଙ୍କିଂଠାରୁ ସରକାରୀ କାର୍ଯ୍ୟ ପର୍ଯ୍ୟନ୍ତ ସବୁ କିଛି ହେଉଥିବା କୁହାଯାଉଛି; କିନ୍ତୁ ଝାରବନ୍ଧ ବ୍ଲକରେ ମୋବାଇଲ ନେଟ୍‌ୱର୍କର ଦୁରବସ୍ଥା ଏହି ଡିଜିଟାଲ ସୁବିଧାର ବାସ୍ତବ ଚିତ୍ରକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଗ୍ରାମାଞ୍ଚଳରେ ଦୁର୍ବଳ ନେଟ୍‌ୱର୍କ ଯୋଗୁଁ କଲ୍ କରିବା, ଇଣ୍ଟରନେଟ୍ ଚଲାଇବା ଓ ଅନଲାଇନ୍ କାରବାର କରିବା ଲୋକଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ସମସ୍ୟା କେବଳ ଦୁର୍ଗମ ଗ୍ରାମରେ ସୀମିତ ନାହିଁ। ବ୍ଲକ ମୁଖ୍ୟାଳୟରେ ମଧ୍ୟ ନେଟ୍‌ୱର୍କର ଗତି ଓ ସେବାକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ ରହିଛି। ଏୟାରଟେଲ ଓ ଜିଓ ଭଳି ପ୍ରମୁଖ ନେଟ୍‌ୱର୍କ ବ୍ୟବହାର କରୁଥିବା ଗ୍ରାହକ ଧିମା ଇଣ୍ଟରନେଟ୍, କଲ୍ ସମସ୍ୟା ଓ ନେଟ୍‌ୱର୍କ ଉପଲବ୍ଧତା ନେଇ ଅଭିଯୋଗ କରୁଛନ୍ତି। ବର୍ତ୍ତମାନ ଅଞ୍ଚଳରେ ଏୟାରଟେଲ ଓ ଜିଓ ନେଟ୍‌ୱର୍କ ସମ୍ପର୍କିତ ସେବା ଚାଲୁଥିବା କୁହାଯାଉଥିଲେ ମଧ୍ୟ ଉପଭୋକ୍ତାଙ୍କ ଅଭିଜ୍ଞତାରେ ଆଶାନୁରୂପ ସୁଧାର ଦେଖାଯାଉ ନ ଥିବା ଅଭିଯୋଗ ରହିଛି। ବିଶେଷକରି ଏୟାରଟେଲର ଇଣ୍ଟରନେଟ୍ ଗତି ବହୁ ସମୟରେ ମନ୍ଥର ରହୁଥିବା ବେଳେ ଜିଓ ସେବାକୁ ନେଇ ମଧ୍ୟ ଗ୍ରାହକଙ୍କ ଗମ୍ଭୀର ଅସନ୍ତୋଷ ଥିବା କୁହାଯାଉଛି। ଛାତ୍ରଛାତ୍ରୀଙ୍କ ଅନଲାଇନ୍ ପାଠପଢ଼ା, ଡିଜିଟାଲ ପେମେଣ୍ଟ, ବ୍ୟାଙ୍କିଂ, ସରକାରୀ ପୋର୍ଟାଲରେ ଆବେଦନ, ଅନଲାଇନ୍ ଦସ୍ତାବିଜ ଡାଉନଲୋଡ୍‌ଠାରୁ ଆରମ୍ଭ କରି ଜରୁରୀ ଫୋନ୍ ଯୋଗାଯୋଗ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭଲ ନେଟ୍‌ୱର୍କ ଆବଶ୍ୟକ ହେଉଛି। ନେଟ୍‌ୱର୍କ ବାଧା ଯୋଗୁଁ ଅନେକ କାମ ବିଳମ୍ବିତ ହେଉଥିବା ଲୋକେ କହିଛନ୍ତି। ଓଡ଼ିଶାରେ ମୋବାଇଲ ସଂଯୋଗ ବଢୁଥିବା ସତ୍ତ୍ୱେ ଏବେ ବି ଅନେକ ଗ୍ରାମ ମୋବାଇଲ ସଂଯୋଗରୁ ବଞ୍ଚିତ ଥିବା ରାଜ୍ୟସଭାରେ ଦିଆଯାଇଥିବା ସୂଚନାରୁ ଜଣାପଡ଼ିଥିଲା। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳରେ ଟେଲିକମ୍ ଭିତ୍ତିଭୂମିକୁ ଆହୁରି ମଜବୁତ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଏୟାରଟେଲ ପକ୍ଷରୁ ବରଗଡ଼ ସହର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୫ଜି ସେବା ବିସ୍ତାର କରାଯାଇଥିବା ତଥ୍ୟ ରହିଛି। ତେବେ ଝାରବନ୍ଧ ବ୍ଲକର ସ୍ଥାନୀୟ ଉପଭୋକ୍ତାଙ୍କ ଅଭିଯୋଗ ହେଉଛି କେବଳ ନେଟ୍‌ୱର୍କ ଉପଲବ୍ଧ ହେବା ନୁହେଁ। ଏହାର ଗତି, ସ୍ଥିରତା ଓ ଗୁଣବତ୍ତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ତେଣୁ ଝାରବନ୍ଧ ବ୍ଲକର ଦୁର୍ବଳ ନେଟ୍‌ୱର୍କ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ସ୍ଥାନରେ ନୂତନ ଟାୱାର ସ୍ଥାପନ, ଚାଲୁଥିବା ଟାୱାରର କ୍ଷମତା ବୃଦ୍ଧି ଏବଂ ନେଟ୍‌ୱର୍କ ଗୁଣବତ୍ତାର ଯାଞ୍ଚ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଡିଜିଟାଲ ଇଣ୍ଡିଆର ସୁଫଳ ସୀମାନ୍ତ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚାଇବାକୁ ହେଲେ ଝାରବନ୍ଧର ନେଟ୍‌ୱର୍କ ସମସ୍ୟାର ସ୍ଥାୟୀ ସମାଧାନ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାଟବଣା

# ଚାଷୀଙ୍କ ଭରସା ଜିଣିପାରୁନି କମ୍ପାନୀ

ବଲାଙ୍ଗିର,୨୩।୮ (ସମିସ)

ବଲାଙ୍ଗିର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଚାଷୀଙ୍କ ଭିତରେ ଆଉ ଉତ୍ସାହ ନାହିଁ। ଚାଷ ପାଇଁ ଚାଷୀ ଆଗଭଳି ଆଉ ବୀମା କରୁ ନାହାନ୍ତି। ବର୍ଷକୁ ବର୍ଷ ବୀମା ସଂଖ୍ୟା ଓ ପରିମାଣ ମଧ୍ୟ କମି କମିଯାଉଛି। ଦୈବିଦୁର୍ବିପାକ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଏହି ବୀମା ଏକ ସଞ୍ଜିବନୀ; ହେଲେ ଘରୋଇ କମ୍ପାନୀର ଅଣଦେଖା ଓ ଲାଭଖୋର ମନୋଭାବ ଯୋଗୁଁ ଚାଷୀ ବୀମା କରିବାକୁ ପଛଘୁଞ୍ଚା ଦେଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ଠିକ୍ ଆକଳନ କରାଯାଉନି। ଏହା ଏକ ଘରୋଇ କମ୍ପାନୀ ଦ୍ୱାରା କରାଯାଉଥିବାରୁ ଚାଷୀ କେବଳ ଟଙ୍କା ଦେଇ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ବିଭିନ୍ନ ବ୍ଲକରେ ବନ୍ୟା ପରିସ୍ଥିତି ଦେଖା ଦେଇଥିଲା। ଏହି ବନ୍ୟା ଯୋଗୁଁ ଅନେକ ଚାଷୀଙ୍କ ତଳି ଦୁଇ ଥର ନଷ୍ଟ ହୋଇଥିବା

- କ୍ଷତିପୂରଣ ପ୍ରଦାନ ନେଇ ପ୍ରଶ୍ନ
- ଚଳିତ ଖରିଫରେ କମିଲେ ବୀମାଭୁକ୍ତ ଚାଷୀ
- ଠିକ୍ ଆକଳନ ହେଉନି, ବୋଝ ପାଲଟିଛି ବୀମା

ଅଭିଯୋଗ ହୋଇଛି। ଏପରିକି ଶହ ଶହ ଏକର ଜମିରେ ବାଲି ମାଡିଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ କିନ୍ତୁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରତି ଚାଷୀଙ୍କ ଆଗଭଳି ଉତ୍ସାହ ଦେଖିବାକୁ ମିଳିନାହିଁ। ୨୦୧୪ରେ କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ଏହି ଯୋଜନା କରାଯାଇଥିଲା। ଏହି ଯୋଜନା ଅନୁସାରେ ବୀମା କମ୍ପାନୀ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳର ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେଲେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଘୋଷଣା କରାଯାଇଥିଲା; କିନ୍ତୁ ଗତ କିଛି ବର୍ଷ ଭିତରେ ବଲାଙ୍ଗିର ଜିଲ୍ଲାରେ ବୀମା କମ୍ପାନୀର ଅଣଦେଖା ଓ ମନମୁଖୀ କାରବାର ଯୋଗୁଁ ଚାଷୀ ଆଉ ବୀମା କରିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଚଳିତ ଖରିଫରେ ଜିଲ୍ଲାରେ ଦେଢ ଲକ୍ଷରୁ ଅଧିକ ଚାଷୀ ଧାନଚାଷ କରିଛନ୍ତି। ଜିଲ୍ଲାର ୩୩୬ ୟୁନିଟରେ ୧ ଲକ୍ଷ ୯ ହଜାର ୧୩୩ ଜଣ ଚାଷୀ ବୀମା କରିଛନ୍ତି। ୨୦୨୫ ଖରିଫରେ ଜିଲ୍ଲାର ୧ ଲକ୍ଷ ୬୭ ହଜାର ୩୬୧ଜଣ ଚାଷୀ ବୀମା କରିଥଲେ। ସେଥିରୁ ମାତ୍ର ୨୩୮୧ ଜଣ ଚାଷୀ ବୀମା କ୍ଷତିପୂରଣ ପାଇଥିବା ବିଭାଗୀୟ ସୂଚନା ରହିଛି। ସେହିପରି ୨୦୨୪ ଖରିଫରେ ୧ ଲକ୍ଷ ୪୬ ହଜାର ଚାଷୀ ବୀମା କରିଥିଲେ। ୧୨ ହଜାର ୪୨୧ ଜଣ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ୨୦୨୩ ଖରିଫରେ ୧ ଲକ୍ଷ ୯୭ ହଜାର ୧୦୨ ଜଣ ଚାଷୀ ବୀମା କରିଥିବା ବେଳେ ମାତ୍ର ୧୧ ହଜାର ୧୫୮ ଜଣ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରାଯାଇଥିଲା।ଅନେକ କ୍ଷତିଗ୍ରସ୍ତ ଚାଷୀ ବୀମାରୁ ବଞ୍ଚିତ ରହୁଛନ୍ତି। ବୀମା ବୋଝ ସାଜିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରିକି ଅନେକ ଚାଷୀଙ୍କ ବୀମା ମାମଲା ପୂର୍ବରୁ ବିଭିନ୍ନ ସମସ୍ୟାରେ ଝୁଲି ରହିଛି। ଦୀର୍ଘ ବର୍ଷ ତଳର ଟଙ୍କା ମଧ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହି ବୀମା ଯୋଜନାର ଆଉ ଗୋଟିଏ ସମସ୍ୟା ହେଲା ଯେ କ୍ଷତିଗ୍ରସ୍ତ ଚାଷୀ ବୀମା ପାଇଁ ଦାବି କାହା ପାଖରେ ଜଣାଇବେ? ଅନେକ ସମୟରେ ଚାଷ କ୍ଷତି ହେଲେ ଚାଷୀ ସରକାରୀ ଅଧିକାରୀ ମାନଙ୍କ ପାଖରେ ଅଭିଯୋଗ କରିଥାନ୍ତି; କିନ୍ତୁ କିଛି ଲାଭ ହୁଏନି। ଏମିତିରେ ବୀମା କରି ଅଯଥା ଖର୍ଚ୍ଚ କରିବା ବଦଳରେ ବୀମା ନ କରିବା ଭଲ ବୋଲି ଚିନ୍ତା କରି ଚାଷୀ ବୀମାକୁ ପଛଘୁଞ୍ଚା ଦେଉଛନ୍ତି। ଜିଲ୍ଲାର ବୀମାଭୁକ୍ତ ଚାଷୀଙ୍କ ସଂଖ୍ୟା ହିଁ ଏହା ସ୍ପଷ୍ଟ କରୁଛି। ଚାଷୀର କ୍ଷତିଭରଣା କରିବା ପାଇଁ ବୀମା ଏକ ଭଲ ଅସ୍ତ୍ର; ହେଲେ ଚାଷୀଙ୍କ ଭରସା ଜିଣିବା ଦିଗରେ ବୀମା କମ୍ପାନୀ କାମ କରୁନି।

## କନ୍ଧମାଳ ସାଂସଦଙ୍କୁ ଦାବିପତ୍ର ପ୍ରଦାନ



ବୌଦ୍ଧ,୨୩।୮ (ସମିସ): ବୌଦ୍ଧ ଜିଲ୍ଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଭେଟିଛନ୍ତି। ଏଥିରେ ସମିତି ସହ ଅନୁବନ୍ଧିତ ବିଭିନ୍ନ କର୍ମଚାରୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭାପତି ଜିତେନ୍ଦ୍ର ମିଶ୍ର, ଅଧ୍ୟକ୍ଷ ରାଜେନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ସାଧାରଣ ସଂପାଦକ ତାପସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧ରୁ ଜରାସିଂହାରେ ସିନିୟର ନକଆଉଟ ଫୁଟବଲ

ଦେଓଗାଁ,୨୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମରେ ସେପ୍ଟେମ୍ବର ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ସିନିୟର ନକଆଉଟ ଫୁଟବଲ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ସ୍ଥାନୀୟ ବିଏନଏଏ ତରଫରୁ ରବିବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଫୁଟବଲ ଖେଳାଳି ଚିତ୍ତରଞ୍ଜନ ଥନାପତିଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ରାଜକିଶୋର ସେଠ, ଉଜ୍ଜଳ ଝାଙ୍କର, ପ୍ରମୋଦ ସିଂ ନିନା, କୁନ୍ତେ ମେହେର, ସୁଶାନ୍ତ ଥନାପତି, ସୁଦାମ ବାଗ, ସତ୍ୟ ଦଣ୍ଡସେନା, ରାଜ ଦଣ୍ଡସେନା, ଜ୍ୟୋତି ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ




ବୌଦ୍ଧ,୨୩।୮ (ସମିସ): ବୌଦ୍ଧ ଜିଲ୍ଲା ବନ୍ଧାପଥର ପଞ୍ଚାୟତ ଅଧୀନ ରାଣୀସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଗ୍ରାମସ୍ତରୀୟ ଶିଶୁସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଶିଶୁ ସୁରକ୍ଷା ସହାୟକ ଘନଶ୍ୟାମ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଆଶା, ଅଙ୍ଗନବାଡି କର୍ମୀ, ୱାର୍ଡସଭ୍ୟ, କିଶୋରୀ ବାଳିକା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ କାଉନସେଲର ଶ୍ୱେତା ପଟ୍ଟନାୟକ ପରିଚାଳନା କରିଥିଲେ। ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ଓ ସମ୍ପର୍କିତ ଆଇନ, ବାଲ୍ୟବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି ସଂଯୋଗ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଗ୍ରାମବାସୀ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

## ସାଂସଦଙ୍କ ବିଭିନ୍ନ ଉନ୍ନମୂଳକ କାମର ସମୀକ୍ଷା

ବୌଦ୍ଧ,୨୩।୮ (ସମିସ): କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାଉଁଶୁଣୀର ମହାନଦୀ ତଟରେ ଥିବା ଭୁବନେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ସାଂସଦ ଶ୍ରୀ ପାଣିଗ୍ରାହୀ ଭୋଳାନାଥଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ବର୍ଷ ହେଲା ଏହି ଦ୍ୱାଦଶ ଶତାବ୍ଦୀର ମନ୍ଦିରଟି ଅବହେଳିତ ହୋଇ ପଡିଛି। ମନ୍ଦିରଟି ମହାନଦୀ ପଟକୁ ଢଳି ରହି ଭିନ୍ନ ଏକ ବକ୍ର ମନ୍ଦିର ଭଳି ଅସୁରକ୍ଷିତ ହୋଇଯାଇଛି। ଏହି ପୀଠ ତଥା ମନ୍ଦିରର ସୁରକ୍ଷା ଓ ବିକାଶ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ଡିପିଆରକୁ କାର୍ଯ୍ୟକାରୀ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ସାଂସଦ ବାଉଁଶୁଣୀରୁ ବୀରମହାରାଜପୁରକୁ ସଂଯୋଗ କରୁଥିବା ମହାନଦୀ ସେତୁ ନିର୍ମାଣ କାର୍ଯ୍ୟର ସମୀକ୍ଷା



କରିଥିଲେ। ଖୁବଶୀଘ୍ର ଏହି ସେତୁ ନିର୍ମାଣ ସହ ଆପ୍ରୋଚ ରାସ୍ତା ନିର୍ମାଣ ହୋଇ ଅଞ୍ଚଳବାସୀଙ୍କ ସେବାରେ ଉପଯୋଗ ହେବ ବୋଲି ସାଂସଦ କହିଥିଲେ। ଏହାପରେ ବାଉଁଶୁଣୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷାନୁଷ୍ଠାନର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ପାଣିଗ୍ରାହୀଙ୍କ ସହ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସମିତି ସଭ୍ୟ ପ୍ରମୋଦ ଦେହୁରୀ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ଜନ ସାଧାରଣ ଉପସ୍ଥିତ ଥିଲେ। ସେଠାରୁ ଆସି ବୌଦ୍ଧ ବ୍ଲକ ଜହ୍ନାପଙ୍କଠାରେ ମାରୁତୀ କ୍ଲବ୍ ନିକଟରେ ୩ ଟି ଦୋକାନ ଗୃହ ବିଶିଷ୍ଟ ମାର୍କେଟ କଂପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ। ଏହାପରେ ତେଲିବନ୍ଧ ଉଚ୍ଚବିଦ୍ୟାଳୟକୁ ପରିଦର୍ଶନରେ ଯାଇ ସ୍କୁଲର ସମସ୍ୟା ଉପରେ ଅବଗତ ହୋଇଥିଲେ। ସେହିଭଳି ସାଂସଦ ଖୁଣ୍ଟବନ୍ଧ ପ୍ୟାକ୍ସ ପରିଦର୍ଶନ କରି ଚାଷୀଙ୍କ ପଞ୍ଜିକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ବୌଦ୍ଧ-ଧଳପୁର ରାସ୍ତା କାର୍ଯ୍ୟର ସମୀକ୍ଷା କରିଥିଲେ। ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଓ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ବୀରନରସିଂହପୁରସ୍ଥିତ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଭାବ ବିନିମୟ କରିଥିଲେ। ସେମାନଙ୍କ ସୁବିଧା ଓ ଆବଶ୍ୟକତା ସମ୍ପର୍କରେ ଜାଣିବା ସହ ଆଶ୍ରମର ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

## ଗଞ୍ଜେଇ ମୋହରେ ବୌଦ୍ଧ ପୁଲିସ


ମନମୁଣ୍ଡା,୨୩।୮ (ସମିସ): ବୌଦ୍ଧ ଜିଲ୍ଲାରେ ବେଆଇନ ଗଞ୍ଜେଇ କାରବାର ନେଇ ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସେଥିରେ କେତେକ ପୁଲିସ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି। ଏହାକୁ ନେଇ ପୁଲିସ ବିଭାଗରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପାଟ୍ରୋଲିଂ ବେଳେ ଧରାପଡ଼ିଥିବା ଗଞ୍ଜେଇ ଗାଡ଼ି, ଟଙ୍କା କାରବାର ଏବଂ ବିଭାଗୀୟ ଅଧିକାରୀଙ୍କ ସଂପୃକ୍ତିକୁ ନେଇ ଅଡିଓ ଭାଇରାଲ ହୋଇଛି। ବୌଦ୍ଧ ଜିଲ୍ଲା ଜଗନ୍ନାଥ ରୋଡ଼୍‌ର ହାଟଗାଁ ନିକଟରେ ପୁଲିସ ପେଟ୍ରୋଲିଂ ବେଳେ ଗୋଟିଏ ଗାଡ଼ି ସହ ପ୍ରାୟ ୧ କ୍ୱିଣ୍ଟାଲ ୨୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୨ ଜଣ ବ୍ୟକ୍ତି ଧରାପଡ଼ିଥିଲେ। ଭାଇରାଲ ହୋଇଥିବା ଅଡିଓରେ ପ୍ରାୟ ୪ ଜଣ ବ୍ୟକ୍ତି କଥା ହେଉଛନ୍ତି। ଗଞ୍ଜେଇ କେଉଁ ଅଫିସର ଦେଇଛନ୍ତି ଏବଂ ସାହେବ କେତେ ଟଙ୍କା ନେବେ ସେ ନେଇ ଆଲୋଚନା ଚାଲିଛି। ଅଡିଓରେ ୪ ଲକ୍ଷ ଟଙ୍କାର କାରବାର, ଟେପ୍ ମରା ପ୍ୟାକିଂ ଗଞ୍ଜେଇ ଏବଂ ୪ ଦିନ ତଳେ ଗଞ୍ଜେଇ ଛାଡ଼ିବା ପ୍ରସଙ୍ଗରେ ବାରମ୍ବାର ‘ସାର୍’ ଓ ‘ସାହେବ’ଙ୍କ ନାଁ ନିଆଯାଉଛି। ଏହି କଥୋପକଥନ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ତେବେ ପୂର୍ବରୁ ମଧ୍ୟ ବୌଦ୍ଧ ପୁଲିସର ଗଞ୍ଜେଇ ମାଫିଆଙ୍କ ସହ ଲିଙ୍କ୍‌କୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଥିଲା। ଗଞ୍ଜେଇ ମାଫିଆଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ଅନେକ ପୁଲିସ ଅଧିକାରୀ ନିଲମ୍ବିତ ଓ ବହିଷ୍କାର

**ଅଡିଓ ଭାଇରାଲ**

ହୋଇଛନ୍ତି। କିଛି ଦିନ ତଳେ ମନମୁଣ୍ଡା ଥାନାର ପୂର୍ବତନ ଆଇଆଇସି ସସ୍ମିତା ମଗରଙ୍କୁ ଡିଜିପି ନିଲମ୍ବିତ କରିଥିଲେ। ସେହି ଘଟଣା ଥମି ନ ଥିବାବେଳା ଏବେ ପୁଣି ଏକ ନୂଆ ଅଡିଓ ଭାଇରଲ ହେବା ପରେ ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଅଡିଓର ସତ୍ୟାସତ୍ୟ ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ପ୍ରକୃତରେ ଏହି ଅଡିଓ କାହାର ଓ କଥା ହେଉଥିବା ବ୍ୟକ୍ତିମାନେ କିଏ ତାହା ତଦନ୍ତ ସାପେକ୍ଷ। ଘଟଣା ଦିନ ପାଟ୍ରୋଲିଂ ଗାଡ଼ିରେ ଥିବା ପୁଲିସ କର୍ମଚାରୀମାନଙ୍କ ଫୋନ କଲ ଜେରା କଲେ ତଥା ସେମାନଙ୍କୁ ପଚରାଉଚରା କଲେ ସତ୍ୟାସତ୍ୟ ଜଣା ପଡିବ। ଘଟଣାର ନିରପେକ୍ଷ ତଦନ୍ତ କରି ଅଡିଓରେ ଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ତେବେ ଏହି ଅଡିଓ ଭାଇରାଲ ସମ୍ପର୍କରେ ବୌଦ୍ଧ ଏସ୍‌ପି କୁଲଦୀପ ମିନା ଅବଗତ ଥିବା କହିଛନ୍ତି। ଯଦି ଗଞ୍ଜେଇ ଲିଙ୍କରେ କୌଣସି ପୁଲିସ କର୍ମଚାରୀଙ୍କ ଲିଙ୍କ୍ ଥିବା ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ ନିଶ୍ଚୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ମନମୁଣ୍ଡା ପୁଲିସ ପକ୍ଷରୁ ଧରପଗଡ଼

ମନମୁଣ୍ଡା,୨୩।୮ (ସମିସ): ମନମୁଣ୍ଡା ପୁଲିସ ବିଭିନ୍ନ ସ୍ଥାନରେ ଧରପଗଡ଼ କରିଛି। ମନୋହରପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବଲାଙ୍ଗିର ଟାଉନ ଥାନା ଅଧୀନ ବରପାଲି ପଡ଼ାର ଅଜିତ ନନ୍ଦ, ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ସିନ୍ଦୂରପୂରର ଶ୍ରୀଧର ମିଶ୍ର (୩୬)ଙ୍କୁ ଧରିଥିଲା। ଉଭୟ ବାଇକ୍‌ରେ ୩୩ କେଜି ୨୮୦



ଗ୍ରାମ ଗଞ୍ଜେଇ ଧରି ଯାଉଥିଲେ। ଏହା ସହ ସେମାନଙ୍କଠାରୁ ନିଶା ଔଷଧ, କଫସିରପ ମିଳିଥିଲା। ସେମାନଙ୍କୁ ଗଞ୍ଜେଇ, ଟାବଲେଟ, କଫସିରପ ପରିବହନ କରୁଥିବା ଲାଇସେନ୍ସ ଓ କାଗଜପାତ୍ର ମାଗିବାରୁ ଦେଖାଇ ପାରି ନ ଥିଲେ। ଏଣୁ ପୁଲିସ ଗିରଫ କରିଥିଲା। ଅନ୍ୟପକ୍ଷେ ଗବଯୋର ଅଞ୍ଚଳରେ ମୋଟର ସାଇକେଲ ଯାଞ୍ଚ କରୁଥିବା ସମୟରେ ଗୋଟିଏ କାର୍‌ରୁ ଗୋଟିଏ ଦେଶୀ ପିସ୍ତଲ ମିଳିଛି। ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଛି। ପୁଲିସ ମାମଲା ମରୁଜୁ କରି ତଦନ୍ତ କରୁଛି। ସେହିଭଳି ଶଗଡା ଅଞ୍ଚଳରେ ପାଟ୍ରୋଲିଂ ବେଳେ ପଡକା ଗ୍ରାମ୍ୟ ଜଙ୍ଗଲ ନିକଟରେ ୪ଟି ବସ୍ତାରେ ଥିବା ୧ କୁଇଣ୍ଟାଲ ୬୦ କେଜି ୯୨୦ ଗ୍ରାମ ଗଞ୍ଜେଇ ମିଳିଥିଲା।

## କାର୍‌ରୁ ୧ କୁଇଣ୍ଟାଲ ୩୦ କେଜି ଗଞ୍ଜେି ଜବତ

ମନମୁଣ୍ଡା,୨୩।୮ (ସମିସ): ମନମୁଣ୍ଡା ପୁଲିସ ଯୋଗୀନ୍ଦ୍ରପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ୧ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିଛି। ଯୋଗୀନ୍ଦ୍ରପୁର-ଗୋଛାପଡା ରାସ୍ତାରେ ଗୋଟିଏ କାର୍ (ଓଡ଼ି-୧୫ଏକ-୪୧୫୮) ଦ୍ରୁତଗତିରେ ଯାଉଥିବାରୁ ପୁଲିସ ସନ୍ଦେହ ହୋଇଥିଲା। ଏହାପରେ ପୁଲିସ ପିଛା କରିଥିଲା। ଗୋଛାପଡାରେ




ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା। ପୁଲିସ ଗାଡି ତନଖି କରିବାରୁ ସେଥିରେ ୫ଟି ଭର୍ତ୍ତିଥିବା ଗଞ୍ଜେଇ ପାଇଥିଲା। ତଦନ୍ତ ଚାଲିଥିବା ଆଇଆଇସି ଚିରଞ୍ଜିବି ବେହେରା କହିଛନ୍ତି।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି

ବୌଦ୍ଧ,୨୩।୮ (ସମିସ): ସ୍ଥାନୀୟ ମାଉସୀ ମା’ ମନ୍ଦିର ପରିସରରେ ବୌଦ୍ଧ ପୌରାଞ୍ଚଳ ମଧୁବୈଶ୍ୟ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣେଶ ପୂଜା ପାଇଁ ଆଲୋଚନା ହୋଇଥିଲା। ଶ୍ୟାମସୁନ୍ଦର ସାହୁ ଅଧ୍ୟକ୍ଷତା କରିଥିଲେ। ସଂପାଦକ ଭବାନୀଶଙ୍କର ସାହୁ, ରାଜୁ ସାହୁ, ପ୍ରଭାତ ସାହୁ, ବୈକୁଣ୍ଠ ସାହୁ, ସୁବାସ ସାହୁ, ଅଶୋକ ସାହୁ, ସୁଦାମ ସାହୁ, ସନ୍ତୋଷ ସାହୁ, ଦୁର୍ଗା ସାହୁ, ମନୋଜ ସାହୁ, ଭଞ୍ଜନ ସାହୁ, ବାବୁଲା ସାହୁ, ବିଦ୍ୟାଧର ସାହୁ, ସୁଜ୍ଞାନ ସାହୁ, ଜ୍ଞାନେଶ ସାହୁ, ପଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁହିରାଘାଟ ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ତରଭା,୨୩।୮ (ସମିସ): ମରାଡୁଗୋଛା ପପଞ୍ଚାୟତ ଗୁହିରାଘାଟ ଗ୍ରାମରେ ପୂର୍ବ ଶତ୍ରୁତା ତଥା ଗଞ୍ଜେଇ ଚୋରା ଚାଲାଣକୁ ନେଇ ଗୁଳିକାଣ୍ଡ ଘଟଣା ମୁଖ୍ୟ ଅଭିଯୁକ୍ତ ଧରା ପଡିଛି। ଜଡାପାଲ ଜଙ୍ଗଲରୁ ମୁଖ୍ୟ ଅଭିଯୁକ୍ତ ଖୁସିରାମ ଭୋଇକୁ ଗିରଫ କରାଯାଇଛି। ଅଭିଯୁକ୍ତର ଘର ପଛପଟ ପାଇଖାନାରୁ ଗୋଟିଏ ଦେଶୀ ପିସ୍ତଲ ଓ ଗୋଟିଏ ଗୁଳି ଜବତ ହୋଇଛି। ଅଭିଯୁକ୍ତ ଖୁସିରାମ ଆଗରୁ ଅନେକ ଅସାମାଜିକ କାର୍ଯ୍ୟରେ ଜଡିତ ଥିବା ପୁଲିସ ସୂଚନା ଦେଇଛି। ଗୁହିରାଘାଟ ଗ୍ରାମର ସୁରଦୀପ ସାହୁଙ୍କ ପେଟରେ ଗୁଳି ବାଜିଛି। ସେ ବଲାଙ୍ଗୀର ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ତରଭା ପୁଲିସ ତରଭା ତଁଅଲା ପଡାର ବବିସେନ ନାଏକ (୨୩), କଣ୍ଟାମାଲ ଥାନା ବଡଛପାପାଲି ଗ୍ରାମର ସାନନ୍ଦ ସାହୁ (୨୨), ତରଭା ବ୍ଲକ ପଡାର ସାଗର ମହାନନ୍ଦ(୨୩) ଓ ସିଂହାରୀ ପଞ୍ଚାୟତ ଟିଠେଇପାଲି ଗ୍ରାମର ଦିପକ ଷାଣ୍ଡ(୨୦)ଙ୍କୁ ଗିରଫ କରିଛି। ଶେଷରେ ମୁଖ୍ୟ ଅଭିଯୁକ୍ତ ଧରା ପଡିଛି। ଆଇଆଇସି ଡୋଲାମଣୀ ନାଏକଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରସନ୍ନଜିତ ବେହେରା, ଏଏସ୍‌ଆଇ ନିରୁପମା ସ୍ୱାଁଇ, ବିଭୁଦେନ୍ଦ୍ର ବରାଳ, ହାବିଲଦାର ଶତ୍ରୁଘନ ମେହେର, କବିରାଜ କହଁର ପ୍ରମୁଖ ଚଢଉ କରିଥିଲେ।



## ଗଞ୍ଜେଇ ଚାଲାଣ ବେଳେ ଡ୍ରାଇଭର ଗିରଫ

ଦେବଗଡ଼,୨୩।୮ (ସମିସ): ବୌଦ୍ଧରୁ କେନ୍ଦୁଝରକୁ ବେଆଇନ ଗଞ୍ଜେଇ ଚାଲାଣ ବେଳେ ଏକ ୱାଗନଆର କାର୍ ଜବତ ହୋଇଛି। ଏଥିରୁ ୧୫ କେଜି ଗଞ୍ଜେଇ ମିଳିଥିଲା। ଚାଳକ ଗିରଫ ହୋଇଛି। ଦେବଗଡ଼ ଥାନା ଗଜୁରୀବଣି ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ପୁଲିସ ଏହି କାର୍ ଜବତ କରିଥିଲା। ତେବେ ଚଢ଼ଉ ବେଳେ ବେଆଇନ ଗଞ୍ଜେଇ ମାଫିଆ ପୂର୍ବୀ ବାଗ ଫେରାର ହୋଇ ଯାଇଥଲା। ଚାଳକ ସୁରେଶ ସାମଲ ଗିରଫ ହୋଇଛି।

## ୪୦ ୟୁନିଟ ରକ୍ତ ସଂଗ୍ରହ



ବୌଦ୍ଧ,୨୩।୮ (ସମିସ): ଦାଦୀ ପ୍ରକାଶମଣି ଜୀଙ୍କ ୧୯ତମ ଶ୍ରଦ୍ଧାଞ୍ଜଳି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ମହତ୍ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ବୌଦ୍ଧସହରସ୍ଥିତ ରାଜବାଟି ନିକଟ ବ୍ରହ୍ମାକୁମାରୀ ଶାଖା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମାମିନା ଭଉଣୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡାକ୍ତର ହେମ୍ବ୍ରମ୍, ଅଧ୍ୟାପକ ପ୍ରବୀର ଦାସ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ ଯୋଗ ଦେଇଥିଲେ। ଶିବିରକୁ ସରୋଜ ଭାଇ, ରବି ଭାଇ, ପ୍ରତାପ ଭାଇ ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର ପକ୍ଷରୁ ଦିଲ୍ଲୀପ ଭୋଇ, ବନୋଜ ପ୍ରଧାନ, ସୁରଜ ଶେଖର ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ୪୦ ରକ୍ତଦାନ କରିଥିଲେ। ୨୫ ତାରିଖରେ ପୁରୁଣାକଟକ ବ୍ରହ୍ମା କୁମାରୀ ଶାଖାଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସମସ୍ୟା ନେଇ ଆଲୋଚନା

ବୌଦ୍ଧ,୨୩।୮ (ସମିସ)

ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ମହାନନ୍ଦଙ୍କ ନେତୃତ୍ୱରେ ଏକ ଛାତ୍ର କଂଗ୍ରେସ ପ୍ରତିନିଧି ଦଳ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିଦର୍ଶନ କରିଛି। ଏହି ଅବସରରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ-ଅଦ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଏମାନେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର



ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ୧୯୭୮ ମସିହାରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ଆଜି ମଧ୍ୟ ଆବଶ୍ୟକ ସରକାରୀ ମାନ୍ୟତାରୁ ବଞ୍ଚିତ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଆବଶ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ନାହାନ୍ତି। ଏଣୁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଛି। ମହାବିଦ୍ୟାଳୟରେ ଆବଶ୍ୟକ ପ୍ରିନ୍ସିପାଲ୍ କକ୍ଷ, ଛାତ୍ରଛାତ୍ରୀ ତଥା ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ କମନ୍ ରୁମ୍, ପର୍ଯ୍ୟାପ୍ତ ଶ୍ରେଣୀଗୃହ, ପିଇବା ପାଣିର ସୁବିଧା ଏବଂ ସୁରକ୍ଷିତ ପାଚେରୀ ଭଳି ମୌଳିକ ସୁବିଧାର ଅଭାବ ରହିଛି। ଏହି ଅନୁଷ୍ଠାନ ସରକାରୀ ମାନ୍ୟତା, ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ଓ ମୌଳିକ ସୁବିଧାରୁ ବଞ୍ଚିତ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଛାତ୍ର କଂଗ୍ରେସ କହିଛି। ତୁରନ୍ତ ରାଜ୍ୟ ସରକାର ସମସ୍ୟାର ସମାଧାନ ନ କଲେ ବୌଦ୍ଧ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ମହାନନ୍ଦ ଚେତାବନୀ ଦେଇଛନ୍ତି। ଏହି ପରିଦର୍ଶନରେ ଜାନୀ ମହାପାତ୍ର, ପ୍ରିୟବ୍ରତ କହଁର, ଆଶିଷ ନାଏକ, ଅଭିଳାଷ ବେହେରା, ରାଜା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୩୯ ● ପାଉଣ୍ଡ ୧୨୮.୭୮
- ୟୁରୋ ୧୧୦.୦୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୫୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୪୦.00
- ନିଫ୍ଟି ୨୪,୨୫୨.00



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଆଉ ସମ୍ପୂର୍ଣ୍ଣ ମାଗଣା ହେବନାହିଁ ୟୁପିଆଇ ପେମେଣ୍ଟ

# ୧୫ ଦିନରେ ୟୁପିଆଇ ପେମେଣ୍ଟରେ ଏମ୍‌ଡିଆର୍ ଲାଗୁ

**ନୂଆଦିଲ୍ଲୀ,୨୩।୮ (ଏଜେନ୍ସି):** ଦୀର୍ଘ ଛଅ ବର୍ଷ ପରେ ୟୁପିଆଇ କାରବାରରେ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ ବା ବାଣିଜ୍ୟିକ ରିଆତି ହାର (ଏମ୍‌ଡିଆର୍) ଫେରିପାରେ। ୨୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ବ୍ୟବସାୟୀଙ୍କଠାରୁ ୦.୩% ଆଦାୟ କରାଯାଇପାରେ। ସରକାର ଅଗଷ୍ଟରେ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନରେ ସଂଶୋଧନ କରି ଶୂନ୍ୟ- ଏମ୍‌ଡିଆର୍ ସୁରକ୍ଷାକୁ ହଟାଇ ଦେବା ପରେ ଏହାର କାର୍ଯ୍ୟକାରିତା ପାଇଁ ଆଇନଗତ ପଥ ପରିଷ୍କାର ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ୟୁପିଆଇ ପେମେଣ୍ଟ ଉପରେ ଶୂନ୍ୟ ବଦଳରେ ୦.୩% ଫି' ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଲାଗୁ କରାଯାଇପାରେ। ତଥାପି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ପଷ୍ଟ କରିଛନ୍ତି ଯେ ଏହି ବୋଝ ଗ୍ରାହକ ଏବଂ ଛୋଟ ବ୍ୟବସାୟ ଉପରେ ଲଦି ଦିଆଯିବନାହିଁ। ସରକାରଙ୍କ ଲକ୍ଷ୍ୟ ହେଉଛି ଏହି ପେମେଣ୍ଟ ସିଷ୍ଟମରେ ଜଡିତ ସଂସ୍ଥାଗୁଡ଼ିକୁ ଡିଜିଟାଲ୍ ଭିତ୍ତିଭୂମି ବଜାୟ ରଖିବାରେ ହେଉଥିବା କିଛି ଖର୍ଚ୍ଚ ପାଇଁ କ୍ଷତିପୂରଣ ଦେବା। ୨୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କାରବାର ଉପରେ ଏମ୍‌ଡିଆର୍ ଲାଗୁ ହେବା ଦ୍ୱାରା ଇଲେକ୍ଟ୍ରୋନିକ୍ସ, ସିକ୍ୟୁରିଟିଜ୍, ପୋଷାକ ଏବଂ ଅନ୍ୟାନ୍ୟ ଉଚ୍ଚ-ମୂଲ୍ୟର ଜିନିଷ କ୍ରୟ ପ୍ରଭାବିତ ହୋଇପାରେ।

### ୟୁପିଆଇ ପେମେଣ୍ଟରେ କିଏ ପାଇବେ ଏମ୍‌ଡିଆର୍ ?

ଏମ୍‌ଡିଆର୍ କୌଣସି ଏକ ସଂସ୍ଥାକୁ ବଣ୍ଟନ କରାଯିବନାହିଁ ବରଂ ବ୍ୟାଙ୍କ, ଫିନଟେକ୍ କମ୍ପାନୀ ଏବଂ କାରବାରରେ ଜଡିତ ଅନ୍ୟ ସଂସ୍ଥା ମଧ୍ୟରେ ଆବଣ୍ଟନ କରାଯିବ। ଏମ୍‌ଡିଆର୍ ସିଷ୍ଟମ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ଥିଲା, କିନ୍ତୁ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏହାକୁ ଶୂନ୍ୟକୁ ହ୍ରାସ କରାଯାଇଥିଲା। ଏହାକୁ ହଟାଇବା ପୂର୍ବରୁ ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ଅଫଲାଇନ୍ କ୍ୟୁଆର୍ କୋଡ୍ ମାଧ୍ୟମରେ କରାଯାଇଥିବା ପି-ଟୁ-ଏମ୍ (ବ୍ୟକ୍ତି-ବ୍ୟବସାୟୀ) ପେମେଣ୍ଟ ପାଇଁ ୦.୩% ଶୁଳ୍କ ଲାଗୁ ହୋଇଥିଲା, ଯାହାକୁ ଜାରିକାରୀ ଏବଂ ଅଧିଗ୍ରହଣକାରୀ ବ୍ୟାଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଇଥିଲା। ୧୦୦ ଟଙ୍କାରେ ସୀମିତ ଏମ୍‌ଡିଆର୍ ୨୦୨୦ ରେ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯାଇଥିଲା। ବର୍ତ୍ତମାନ, ଏହାକୁ ପୁନଃସ୍ଥାପିତ କରାଯିବ। ଏହି ଶୁଳ୍କ ପେମେଣ୍ଟ ଶୃଙ୍ଖଳାର ଚାରୋଟି ସଂସ୍ଥାଙ୍କ ମଧ୍ୟରେ ଆବଣ୍ଟନ କରାଯିବ। ଗୋଟିଏ ଅଂଶ ଗ୍ରାହକଙ୍କ ବ୍ୟାଙ୍କକୁ, ଅନ୍ୟ ଏକ ଅଂଶ ପେମେଣ୍ଟ ସେବା ପ୍ରଦାନକାରୀ ଏବଂ କାରବାର ପରିଚାଳନା କରୁଥିବା ତାଙ୍କର ବ୍ୟାଙ୍କକୁ, ଏକ ଭାଗ ବ୍ୟବସାୟୀଙ୍କ ପକ୍ଷକୁ ଅର୍ଥାତ୍, ଅଧିଗ୍ରହଣକାରୀ ବ୍ୟାଙ୍କ ଏବଂ ତାଙ୍କର ପେମେଣ୍ଟ ସେବା ପ୍ରଦାନକାରୀଙ୍କୁ ଏବଂ ଆଉ ଏକ ଭାଗ ଏନ୍‌ପିସିଆଇକୁ, ଯାହା ୟୁପିଆଇ ନେଟୱାର୍କ ପରିଚାଳନା କରେ ଏବଂ କାରବାର ସମାଧାନ କରିଥାଏ। ଏମ୍‌ଡିଆର୍‌ର ସବୁଠାରୁ ବଡ଼ ଅଂଶ ପ୍ରଦାନକାରୀ ବ୍ୟାଙ୍କକୁ, ଅର୍ଥାତ୍, ଗ୍ରାହକଙ୍କ ବ୍ୟାଙ୍କକୁ ଏକ ଇଣ୍ଟରଚେଞ୍ଜ ଫି ଭାବରେ ଯାଏ, ଯେତେବେଳେ ସବୁଠାରୁ ଛୋଟ ଅଂଶ ଏନ୍‌ପିସିଆଇକୁ ଯାଏ।




### କାହିଁକି ଫେରିବ ଏମ୍‌ଡିଆର୍ ଫି ?

ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଅର୍ଥ ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟି ଅଗଷ୍ଟ ୧୨ରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ ସରକାର ୟୁପିଆଇକୁ ପ୍ରୋତ୍ସାହିତ କରିବା ଏବଂ ଶୂନ୍ୟ- ଏମ୍‌ଡିଆର୍ ଯୋଗୁଁ ଶିଳ୍ପର ରାଜସ୍ୱ କ୍ଷତିକୁ କ୍ଷତିପୂରଣ ଦେବା ପାଇଁ କେବଳ ୨୦୦୦ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହା ଡିଜିଟାଲ୍ ପେମେଣ୍ଟ ଶିଳ୍ପର ଆନୁମାନିକ ବାର୍ଷିକ ଖର୍ଚ୍ଚ ୨୦,୭୦୦ କୋଟି ଟଙ୍କା ତୁଳନାରେ ବହୁତ କମ୍। କମିଟି ଚେତାବନୀ ଦେଇଥିଲା ଯେ ଏହା ସାଇବର ସୁରକ୍ଷା, ଠକେଇ ନିବାରଣ ଏବଂ ପେମେଣ୍ଟ ନେଟୱାର୍କ ଭିତ୍ତିଭୂମିରେ ଆବଶ୍ୟକୀୟ ନିବେଶକୁ ପ୍ରଭାବିତ କରିପାରେ। ଏଆଇ ବ୍ୟବହାର ବୃଦ୍ଧି ପାଇବା ସହିତ, ସାଇବର ବିପଦ ମଧ୍ୟ ବୃଦ୍ଧି ପାଇଛି, ଯାହା ଆହୁରି ଚିନ୍ତା ସୃଷ୍ଟି କରିଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମଧ୍ୟ କହିଛନ୍ତି ଯେ ୟୁପିଆଇ ସବୁଦିନ ପାଇଁ ମାଗଣା ରହିପାରିବ ନାହିଁ ଏବଂ କେହି ଜଣେ ଏହାର ଖର୍ଚ୍ଚ ପାଇଁ ଦେୟ ଦେଉଛନ୍ତି। ତଥାପି, ଏହି ଖର୍ଚ୍ଚଗୁଡ଼ିକୁ ପୂରଣ କରିବା ପାଇଁ କେବଳ ଏମ୍‌ଡିଆର୍ ଯଥେଷ୍ଟ ନୁହେଁ। ଆର୍ଥିକ ସେବା ବିଭାଗ ଏକ ସଂସଦୀୟ କମିଟିକୁ କହିଛି ଯେ ପାଣ୍ଠି ବୋଝକୁ କମ୍ କରିବା ପାଇଁ ଦୁଇଟି ବିକଳ୍ପ ବିଚାର କରାଯାଉଛି। ଉଚ୍ଚ-ମୂଲ୍ୟର ୟୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍ ପୁନଃପ୍ରବର୍ତ୍ତନ କରିବା କିମ୍ବା ଆଗାମୀ ବର୍ଷଗୁଡ଼ିକରେ ଧୀରେ ଧୀରେ ସରକାରୀ ସହାୟତା ହ୍ରାସ କରିବା। ସରକାରୀ ତଥ୍ୟ ଅନୁଯାୟୀ, ୧୨୦୨୫-୨୬ ଆର୍ଥିକବର୍ଷରେ, ଦେଶରେ ପ୍ରାୟ ୩୧୪ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୪,୦୦୦ କୋଟିରୁ ଅଧିକ ୟୁପିଆଇ କାରବାର ହୋଇଥିଲା। ଏଥିମଧ୍ୟରୁ ୭୧% ପି-ଟୁ-ପି ଏବଂ ବାକି ପି-ଟୁ-ଏମ୍ ଥିଲା।

**୬ ବର୍ଷ ପରେ ପୁଣି ହେବ କାର୍ଯ୍ୟକାରୀ**

**ସଂଗୃହୀତ ଶୁଳ୍କ ପେମେଣ୍ଟ ଶୃଙ୍ଖଳାର ୪ ସଂସ୍ଥାଙ୍କ ମଧ୍ୟରେ ହେବ ଆବଣ୍ଟନ**

---

**ସହଜ ଓ ଦ୍ରୁତତର ହେଲା ମୋଟର ଯାନ କ୍ଲେମ୍**

## ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପଲିସୀଧାରକଙ୍କୁ ମିଳିଲା ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୩।୮ (ଏଜେନ୍ସି):** ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍‌ସ୍) ସମୟରେ ଗ୍ୟାରେଜଗୁଡିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି। ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି , ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି। ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍‌ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରେଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି। ଏହି କାର୍ଯ୍ୟକ୍ରମର ସର୍ବବୃହତ ବୈଶିଷ୍ଟ୍ୟ ହେଉଛି ଯେ, ପଲିସୀବଜାର ଜରିଆରେ ମୋଟର ବୀମା କ୍ରୟ କରୁଥିବା ଗ୍ରାହକମାନେ ଦାବି ସମାଧାନ ପ୍ରକ୍ରିୟା ସମୟରେ ଗ୍ୟାରେଜରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ନିକଟରୁ ସହାୟତା ପ୍ରାପ୍ତକରିବେ। ଏହି ବ୍ୟକ୍ତି ଗାଡି ପିକ୍‌ଅପ୍ ଠାରୁ ନେଇ ମରାମତି ସମ୍ପୂର୍ଣ୍ଣ ହେବା ଏବଂ ଦାବି ସମାଧାନର ଔପଚାରିକତା ଆଦି ସମୁଦାୟ ପ୍ରକ୍ରିୟା ସମୟରେ ଗ୍ରାହକଙ୍କ ସହିତ ରହିଥାନ୍ତି। ଗ୍ରାହକ ମଧ୍ୟ ମରାମତିର ଅଗ୍ରଗତି ଏବଂ ଦାବିର ସ୍ଥିତାବସ୍ଥା ସମ୍ପର୍କରେ ନିୟମିତ ତାଜା ତଥ୍ୟ ପାଇଥାନ୍ତି।

---

## ଅଟଳ ପେନ୍‌ସନ୍ ଯୋଜନାରେ ବଡ଼ ଦୁର୍ନୀତି

**ନୂଆଦିଲ୍ଲୀ,୨୩।୮ (ଏଜେନ୍ସି):** ଦେଶବ୍ୟାପୀ ଅଟଳ ପେନସନ ଯୋଜନା(ଏପିୱାଇ)ରେ ଏକ ବଡ଼ ଅନିୟମିତତା ସମ୍ମୁଖକୁ ଆସିଛି। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (ସିଏଜି) ରିପୋର୍ଟରେ ଏହି ଦୁର୍ନୀତିର ଖୁଲାସା ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରେ ଆୟକର ଦାତା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀ ଉଭୟ ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ଏମିତିକି ଅଟଳ ପେନସନ ଯୋଜନାରେ ୧୪ ଲକ୍ଷ ଆୟକରଦାତା ହିତାଧିକାରୀ ରହିଛନ୍ତି।

ଘଟଣା ପରେ ସିଏଜି ସରକାରଙ୍କୁ ଏହିପରି ବ୍ୟକ୍ତିମାନଙ୍କୁ ଯୋଜନାରୁ ବାଦ ଦେବାକୁ ଏବଂ ସେବି ଏବଂ ବୀମା ନିୟାମକ ପରି ଏକକ ପେନସନ ନିୟାମକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ କହିଛନ୍ତି। ସିଏଜି ରିପୋର୍ଟ ଅନୁଯାୟୀ, ଯୋଜନାର ହିତାଧିକାରୀଙ୍କ ମଧ୍ୟରେ ୧୪,୧୪,୯୪୭ ଜଣ ଆୟକର ଦାତା ଅନ୍ତର୍ଭୁକ୍ତ। ଏମାନେ ସବୁ ସରକାରଙ୍କର ଅନ୍ୟ ପେନସନ କିମ୍ବା ସାମାଜିକ ସୁରକ୍ଷା ଯୋଜନାରେ ରହି ଦ୍ୱୈତ ଲାଭ ପାଉଛନ୍ତି।

ରିପୋର୍ଟରେ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ଗୋଷ୍ଠୀରେ ବ୍ୟଶପକ ଅନିୟମିତତାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଅଟଳ ପେନସନ ଯୋଜନା ପାଇଁ ୨ କୋଟି ଗ୍ରାହକଙ୍କ ପ୍ରାରମ୍ଭିକ ଲକ୍ଷ୍ୟ ୫ ବର୍ଷ ବିଳମ୍ବରେ ହାସଲ କରାଯାଇଥିଲା। ସିଏଜି ଅଡିଟ୍‌ରୁ ଜଣାପଡିଛି ଯେ ୨୦୨୨ ସେପ୍ଟେମ୍ବର ସୁଦ୍ଧା ଏହି ଯୋଜନାରେ ପଞ୍ଜିକୃତ ଗ୍ରାହକଙ୍କ ସଂଖ୍ୟା ୪୦ ନିୟୁତ ଅତିକ୍ରମ କରିଛି। ରିପୋର୍ଟରୁ ଜଣାପଡିଛି ଯେ ଯୋଜନା ଆରମ୍ଭ ହେବା ପରଠାରୁ ଆୟକର ଦାତାଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି।




**ସିଏଜି ରିପୋର୍ଟ**

**ହିତାଧିକାରୀଙ୍କ ମଧ୍ୟରେ ୧୪ ଲକ୍ଷ ଆୟକରଦାତା**

---

## ଅହମଦାବାଦ ଏବଂ ଭାଗଲପୁର ମଧ୍ୟରେ ଚଳାଚଳ କରିବ ନୂତନ ଅମୃତ ଭାରତ ଏକ୍ସପ୍ରେସ୍

**ରତଲାମ,୨୩।୮:** ପଶ୍ଚିମ ରେଳବାଇର ରତଲାମ ଡିଭିଜନ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏବଂ ଅହମଦାବାଦ ଏବଂ ଭାଗଲପୁର ମଧ୍ୟରେ ନିୟମିତ ରେଳ ସଂଯୋଗ ପ୍ରଦାନ କରିବା ପାଇଁ ଟ୍ରେନ ନମ୍ବର ୦୯୪୪୭/୦୯୪୪୮ ଅହମ୍ମଦାବାଦ-ପାଟନା-ଅହମ୍ମଦାବାଦ କ୍ଲୋନ୍ ସ୍ପେଶାଲ୍ କୁ ନିୟମିତ କରିଛି। ଏହି ନିୟମିତ ସେବା ସଂଶୋଧିତ ଟ୍ରେନ ନମ୍ବର ୧୯୪୨୩/୧୯୪୨୪ ଅହମ୍ମଦାବାଦ-ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ୍ ଭାବରେ ପରିଚାଳିତ ହେବ। ପଶ୍ଚିମ ରେଳବାଇର ରତଲାମ ଡିଭିଜନର ଜନସମ୍ପର୍କ ଅଧିକାରୀ ମୁକେଶ କୁମାରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ ନମ୍ବର ୧୯୪୨୩ ଅହମ୍ମଦାବାଦ-ଭାଗଲପୁର ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ୨୬ ଅଗଷ୍ଟଠାରୁ ପ୍ରତି ବୁଧବାର ଦିନ ଅହମ୍ମଦାବାଦରୁ ନିୟମିତ ଭାବରେ ଚଳାଚଳ କରିବ ଏବଂ ଟ୍ରେନ ନମ୍ବର ୧୯୪୩୪ ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ୨୮ ଅଗଷ୍ଟଠାରୁ ପ୍ରତି ଶୁକ୍ରବାର ଦିନ ଭାଗଲପୁରରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ ନମ୍ବର ୧୯୪୨୩ ଅହମ୍ମଦାବାଦ-ଭାଗଲପୁର ଅମୃତ ଭାରତ ଏକ୍ସପ୍ରେସ ୨୮ ଅଗଷ୍ଟ ଠାରୁ ପ୍ରତି ଶୁକ୍ରବାର ଦିନ ଅହମ୍ମଦାବାଦରୁ ଛାଡ଼ିବ ଏବଂ ଶୁକ୍ରବାର ଦିନ ସକାଳ ୬ଟା ୪୦ ରେ ରତଲାମ ଡିଭିଜନର ଦାହୋଦ ଏବଂ ରତଲାମ ଦେଇ ଭାଗଲପୁରରେ ପହଞ୍ଚିବ। ସେହିଭଳି ଟ୍ରେନ୍ ନମ୍ବର ୧୯୪୨୪ ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭରତ ଏକ୍ସପ୍ରେସ ପ୍ରତ୍ୟେକ ଶୁକ୍ରବାର ଦିନ ୧୬ଟା ୪୫ ରେ ଭାଗଲପୁରରୁ ପ୍ରସ୍ଥାନ କରିବ ଏବଂ ରତ୍‌ଲାମ ଡିଭିଜନର ରବିବାର ଏବଂ ଦହୋଦ ମାଧ୍ୟମରେ ଅହମ୍ମଦାବାଦରେ ପହଞ୍ଚିବ। ଏହି ଟ୍ରେନ୍ ଉଭୟ ଦିଗରେ ଆନନ୍ଦ, ଛାୟାପୁରୀ, ଗୋଡ୍ରା, ଦହୋଦ, ଭବାନୀ ମାଣ୍ଡି, ରାମଗଞ୍ଜ ମାଣ୍ଡି, କୋଟା, ସାୱାଇ ମାଧୋପୁର, ତୁଣ୍ଡଲା, ଆରା, ଦାନପୁର, ପାଟନା, ବଖତିଆରପୁର, ମୋକାମା, କିଉଲ, ଅଭୟପୁର, ଜମାଲପୁର, ଏବଂ ସୁଲତାନଗଞ୍ଜ ଷ୍ଟେସନରେ ରହଣି କରିବ।

---

## ନୂଆ ହେଟିଚ୍ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୮:** ହେଟିଚ୍ ପକ୍ଷରୁ ଭୁବନେଶ୍ୱରରେ ଏହାର ନୂତନ ହେଟିଚ୍ ଏକ୍ସକ୍ଲୁସିଭ (ଏଚଇଏକ୍ସ) ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ଆଉଟଲେଟ ସହରର ଗ୍ରାହକଙ୍କୁ ଗୋଟିଏ ଛାତ ତଳେ ଉପଲବ୍ଧ ହେଟିଚ୍‌ର ଜର୍ମାନ୍-ଇଞ୍ଜିନିୟର୍‌ଡ ଫର୍ଣ୍ଣିଚର ଫିଟିଙ୍ଗ ଏବଂ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଇଂଟେରିୟର ସଲ୍ୟୁଶନଗୁଡିକୁ ଏକ୍ସପ୍ଲୋର ଓ ସର୍ଫ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି। ଏଚଇଏକ୍ସ ଭୁବନେଶ୍ୱର ଷ୍ଟୋର ଏକ ସମ୍ପୂର୍ଣ୍ଣ, ଏଣ୍ଡ-ଟୁ-ଏଣ୍ଡ ସର୍ଫ ଅନୁଭୂତି ପ୍ରଦାନ କରୁଥିବାବେଳେ ସ୍ୱତନ୍ତ୍ର ଡିସ୍‌ପ୍ଲେଗୁଡିକ ହେଟିଚ-ଫିଟେଡ କଂଟେମ୍ପରାରୀ ଫର୍ଣ୍ଣିଚର ସଲ୍ୟୁଶନଗୁଡିକୁ ପ୍ରଦର୍ଶିତ କରୁଛନ୍ତି ଯେଉଁଥିରେ ଆର୍କିଟେକ୍‌ଚରାଲ ଡୋର ହାର୍ଡୱେୟାର, ଫର୍ଣ୍ଣିଚର ଲାଇଟିଂ ଓ ବିଲ୍ଟ-ଇନ କିଚେନ ଆପ୍ଲାଏନ୍ସ ଅନ୍ତର୍ଭୁକ୍ତ ରହିଛି। ଗ୍ରାହକମାନେ ହେଟିଚ୍‌ର ଫ୍ରି ଡିଜାଇନ ସେବାଗୁଡିକୁ ଆକ୍ସେସ କରିପାରିବେ, ଯେଉଁଠାରେ ଇନ୍-ହାଉସ ଏକ୍ସପର୍ଟମାନେ ଗ୍ରାହକଙ୍କୁ ଅତ୍ୟାଧୁନିକ ଫର୍ଣ୍ଣିଚର ସଲ୍ୟୁଶନଗୁଡିକୁ କଳ୍ପନା ଓ ଯୋଜନା କରିବାରେ ସାହାଯ୍ୟ କରିବେ।

---

## ନିବେଶକଙ୍କ ଆତ୍ମବିଶ୍ୱାସ ବଢାଇଛି ଏସ୍‌ବିଆଇକ୍ୟାପ୍ ସିକ୍ୟୁରିଟିଜ୍

**ମୁମ୍ବଇ,୨୩।୮:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ କମ୍ପାନୀ ଏସବିଆଇକ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍, ବ୍ୟବସାୟୀ ଏବଂ ନିବେଶକମାନଙ୍କୁ ବିକଶିତ ବଜାର ଗତିଶୀଳତାକୁ ଭଲ ଭାବରେ ବୁଝିବା ଏବଂ ସୂଚିତ ନିବେଶ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅଧିବେଶନରେ ଏସବିଆଇ ସିକ୍ୟୁରିଟିଜ୍‌ର ଟେକ୍ନିକାଲ ଆଣ୍ଡ ଡେରିଭେଟିଭ୍ସ ରିସର୍ଚ୍ଚ ବିଭାଗର ଉପାଧ୍ୟକ୍ଷ ସୁଦୀପ ଶାହ ଏବଂ ଏସବିଅଇରଇ ସିକ୍ୟୁରିଟିଜ୍‌ର ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ବିଭାଗ ମୁଖ୍ୟ ସନି ଅଗ୍ରୱାଲ ଯୋଗ ଦେଇଥିଲେ ଯିଏ ବଜାର ଟ୍ରେଣ୍ଡ, ନିବେଶ ସୁଯୋଗ ଏବଂ ବଜାର ଅସ୍ଥିରତାକୁ ପରିଚାଳନା କରିବା ପାଇଁ ରଣନୀତି ଉପରେ ସେମାନଙ୍କର ଦୃଷ୍ଟିକୋଣ ବାଣ୍ଟିଥିଲେ। ଏହି ପଦକ୍ଷେପ ଆର୍ଥିକ ସାକ୍ଷରତାକୁ ଆଗକୁ ବଢ଼ାଇବା ଏବଂ ପୁଞ୍ଜି ବଜାରରେ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି ଅଧିବେଶନ ଆନ୍ତର୍ଜାତୀୟ ସାମଗ୍ରିକ ଅର୍ଥନୈତିକ ପରିଦୃଶ୍ୟ ଉପରେ ଏକ ସମୀକ୍ଷା ସହ ଆରମ୍ଭ ହୋଇଥିଲା ଏବଂ ପରେ ସୁଦୀପ ଶାହ ଓ ସନି ଅଗ୍ରୱାଲ ଅଂଶଗ୍ରହଣକାରୀଙ୍କୁ ବଜାର କାର୍ଯ୍ୟଦକ୍ଷତାକୁ ଆକାର ଦେଉଥିବା ବୈଷୟିକ ଏବଂ ମୌଳିକ କାରକଗୁଡ଼ିକର ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ।

---

## ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ ପୂର୍ବ ଭାରତର 'ଗ୍ରୀନ୍ ଇଣ୍ଡଷ୍ଟ୍ରିଆଲ୍ ହବ୍'

**ଭୁବନେଶ୍ୱର, ୨୩।୮ (ଏଜେନ୍ସି):** ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଓଡ଼ିଶାର ଗଞ୍ଜାମ ଜିଲ୍ଲାସ୍ଥିତ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ (ଜିଆଇପି)ରେ ସମ୍ପ୍ରତି ପ୍ରସ୍ତାବିତ 'ଗ୍ରୀନ୍ ଆମୋନିଆ ପ୍ରକଳ୍ପ' ସହିତ ଭାରତର ଅନ୍ୟତମ ଅଗ୍ରଣୀ ସବୁଜ ଶିଳ୍ପ ବିକାଶ କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ମଜବୁତ କରିଛି। ଏହା ପୂର୍ବ ଭାରତରେ ସବୁଜ ଶକ୍ତି ଉପକରଣ ଏବଂ ଉନ୍ନତ ମାନର ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ହବ୍ ଭାବରେ ଉଭା ହୋଇଛି। ରାଜ୍ୟରେ ସବୁଜ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାର, ଜାପାନର ଆଇଏଚ୍‌ଆଇ କୋର୍ପୋରେସନ୍, ଏସିଏମ୍‌ଇ ଗ୍ରୁପ୍ ଏବଂ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ମଧ୍ୟରେ ଏକ ମେମୋରାଣ୍ଡମ ଅଫ୍ କର୍ପୋରେସନ (ଏମ୍‌ଓସି) ସ୍ୱାକ୍ଷରିତ ହୋଇଛି। ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ବାର୍ଷିକ ୦.୪ ମିଲିୟନ ଟନ୍ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ଜେଟି-ମୁକ୍ତ ଭାସମାନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ହୋଇଛି।

ଟିଏସ୍‌ଏସ୍‌ଇଜେଡ୍‌ଏଲର ପ୍ରବନ୍ଧ ନିର୍ଦ୍ଦେଶକ ମଣିକାନ୍ତ ନାଏକ କହିଛନ୍ତି, ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିତୋଳିବାର ଆମର ଯେଉଁ ଲକ୍ଷ୍ୟ ଥିଲା, ତାହା ଆଜି ପୂରଣ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଶିଳ୍ପ ପାର୍କକୁ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହି ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହୋଇଛି। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ସୁଦୃଢ କରିବା ପାଇଁ ଆମେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଏକ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡିକର ଏହି ବିଶ୍ୱାସ ନିବେଶ ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାକୁ ଦେଶର ସବୁଜ ଶିଳ୍ପର ଅଗ୍ରଣୀ ହବ୍‌ରେ ପରିଣତ କରିବାରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ର ଭୂମିକାକୁ ମଜବୁତ କରୁଛି। ପାର୍କର ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ନିର୍ମାଣ କ୍ଷେତ୍ରକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଫୋନ୍ ଲିମିଟେଡ୍ ଏବଂ ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆରଇଏଲ୍) ମଧ୍ୟରେ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ୧୦,୦୦୦ କୋଟିର ପ୍ରସ୍ତାବିତ ନିବେଶ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ସୋଲାର ଇଙ୍ଗଟସ୍ ଏବଂ ୱେଫରସ୍ ଉତ୍ପାଦନକୁ ଗୁରୁତ୍ୱ ଦେବ।

**ସବୁଜ ଶିଳ୍ପ ହବ୍ ଭାବେ ଗଢ଼ିବା ପାଇଁ ୬୫,୦୦୦ କୋଟିରୁ ଅଧିକ ନିବେଶ ପ୍ରସ୍ତାବ**

---

## ବାଂଲାଦେଶରେ ଉତ୍କଟ ଗ୍ୟାସ୍ ସଙ୍କଟ

**ନୂଆଦିଲ୍ଲୀ,୨୩।୮ (ଏଜେନ୍ସି):** ବାଂଲାଦେଶରେ ପ୍ରାକୃତିକ ଗ୍ୟାସ ସଙ୍କଟ ଆହୁରି ଘନୀଭୂତ ହେବାରେ ଲାଗିଛି। ଏହି ସଙ୍କଟର ପ୍ରଭାବରେ ଅନେକ ଶିଳ୍ପରେ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଇନ୍ଧନ ସଙ୍କଟ ଯୋଗୁଁ ପ୍ରବଳ ବିଦ୍ୟୁତ୍ ବିଭ୍ରାଟ ଏବଂ ରାସ୍ତା ପ୍ରତିବାଦ ଦେଖାଦେଇଛି। ଏହା ଦେଶର ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। ବାଂଲାଦେଶର ଆଶୁଗଞ୍ଜସ୍ଥିତ ସରକାରୀ ମାଲିକାନାରେ ଥିବା ୟୁରିଆ ସାର କାରଖାନା ୨୦୨୫ ମାର୍ଚ୍ଚଠାରୁ ବନ୍ଦ ଅଛି। ୧୨୦୦ ରୁ ଅଧିକ କର୍ମଚାରୀ କାମ କରୁଥିବା ଏହି କମ୍ପାନୀ ପ୍ରତିଦିନ ୧୦୦୦ ଟନ୍‌ରୁ ଅଧିକ ସାର ଉତ୍ପାଦନ କରୁଥିଲା। ବର୍ତ୍ତମାନ, କାରଖାନା କଳଙ୍କିତ ଯନ୍ତ୍ରପାତି ଏବଂ ଖାଲି ଢ଼ାଞ୍ଚାର ଏକ ସଂଗ୍ରହ। ଆଶୁଗଞ୍ଜ ହେଉଛି ୬ଟି ପ୍ରମୁଖ ୟୁରିଆ ସାର କାରଖାନା ମଧ୍ୟରୁ ଗୋଟିଏ ଯାହାକୁ ଗ୍ୟାସ ସଙ୍କଟ ଯୋଗୁଁ ଉତ୍ପାଦନ ବନ୍ଦ କିମ୍ବା ସୀମିତ କରିବାକୁ ବାଧ୍ୟ କରାଯାଇଛି। ଟ୍ରେଡ୍ ୟୁନିଅନ୍ ନେତା ମୋ.ଡି. ଆବୁ କୌସରଙ୍କ ଅନୁଯାୟୀ, ଏହି ପ୍ଲାଣ୍ଟଗୁଡ଼ିକ ବନ୍ଦ ହେବା କର୍ମଚାରୀଙ୍କ ଚାକିରିକୁ ପ୍ରଭାବିତ କରିଛି ଏବଂଦେଶର ସାର ଶିଳ୍ପ ପାଇଁ ବିପଦ ସୃଷ୍ଟି କରିଛି।

ଦେଶରେ ଗ୍ୟାସ୍ ଅଭାବର ପ୍ରଭାବ କେବଳ ସାର କାରଖାନା ପର୍ଯ୍ୟନ୍ତ ସୀମିତ ନୁହେଁ। ଶହ ଶହ କଳ କାରଖାନା, ବିଶେଷକରି ବୟନ ଶିଳ୍ପ ସହିତ ଜଡିତ ସଂସ୍ଥା ଉତ୍ପାଦନ ହ୍ରାସ କରିବାକୁ କିମ୍ବା କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ବାଂଲାଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ବୟନ ରପ୍ତାନିକାରୀ ଦେଶ। ପୋଷାକ କ୍ଷେତ୍ର ଏହାର ମୋଟ ରପ୍ତାନି ରାଜସ୍ୱର ପ୍ରାୟ ୮୦%। ତେଣୁ, ଦୀର୍ଘକାଳୀନ ଗ୍ୟାସ୍ ସଙ୍କଟ ଦେଶର ରପ୍ତାନି ଏବଂ ବୈଦେଶିକ ମୁଦ୍ରା ଆୟକୁ ପ୍ରଭାବିତ କରିପାରେ। ଅପରପକ୍ଷେ ଗ୍ୟାସ୍ ଚାଳିତ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ମଧ୍ୟ ଯଥେଷ୍ଟ ଉତ୍ପାଦନ କରିପାରିବେ ନାହିଁ। ଏହା ସିଧାସଳଖ ବିଦ୍ୟୁତ୍ ଯୋଗାଣକୁ ପ୍ରଭାବିତ କରିଛି, ଅନେକ ଅଞ୍ଚଳରେ ନିୟମିତ ବିଦ୍ୟୁତ୍ କାଟ୍ ହେଉଛି। ସରକାର ଅଗଷ୍ଟ ମାସରେ ବିଦ୍ୟୁତ୍ ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନେଇଥିଲେ, ଯେଉଁଥିରେ ସାଧାରଣ ଅପେକ୍ଷା ଗୋଟିଏ ଘଣ୍ଟା ପୂର୍ବରୁ ସପିଂ ମଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ଏଥିରେ ବାଂଲାଦେଶରେ ଘରୋଇ ପାଇପଲାଇନ୍ ଗ୍ୟାସ୍ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ଦେଶର ମୋଟ ଗ୍ୟାସ୍ ବ୍ୟବହାରର ଘରୋଇ କ୍ଷେତ୍ର ମାତ୍ର ୧୦ ପ୍ରତିଶତରୁ ଅଧିକ, କିନ୍ତୁ ସାଧାରଣ ପରିବାର ଉପରେ ମଧ୍ୟ ଗ୍ୟାସ୍ ସଙ୍କଟର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଉଛି।



**ଶହଶହ କାରଖାନା ବନ୍ଦ**

**ପ୍ରବଳ ବିଦ୍ୟୁତ୍ ବିଭ୍ରାଟ**

**ଅର୍ଥନୀତି ବିପର୍ଯ୍ୟସ୍ତ**

**ରାସ୍ତାରେ ଲୋକଙ୍କ ପ୍ରତିବାଦ**

ଗ୍ୟାସ୍ ଚାଳିତ ରିକ୍ସା ଚାଳକମାନେ ମଧ୍ୟ ଇନ୍ଧନ ଅଭାବର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ୍ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ, ଅନେକ ଡ୍ରାଇଭର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ବାଂଲାଦେଶର ବର୍ତ୍ତମାନର ଗ୍ୟାସ୍ ସଙ୍କଟ ହଠାତ୍ ସୃଷ୍ଟି ହୋଇନାହିଁ। ଏହାର ମୂଳଦୁଆ ଅନେକ ବର୍ଷ ଧରି ନିର୍ମାଣ ହୋଇଆସୁଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୦-କଲିକତା ସହରର ସ୍ଥାପନା ଦିବସ।
- ୧୯୬୯- ଭି. ଭି. ଗିରି ଭାରତର ଚତୁର୍ଥ ରାଷ୍ଟ୍ରପତି ହେଲେ।
- ୧୯୭୪- ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ଭାରତର ପଞ୍ଚମ ରାଷ୍ଟ୍ରପତି ହେଲେ।
- ୧୯୯୩- ପପ୍ ଷ୍ଟାର୍ ମାଇକେଲ୍ ଜ୍ୟାକସନ୍‌ଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ଯାଞ୍ଚ ଆରମ୍ଭ କଲା ଲସ୍‌ଏଞ୍ଜେଲସ୍ ପୋଲିସ୍।



# ପୁଣି ଥରେ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିବେ ସନ୍ନି



ପାଖାପାଖି ୩୦ ବର୍ଷ ପରେ ସନ୍ନି ଦେଓ୍ୱଲ 'ବଟଓ୍ୱାରା ୧୯୪୭'ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିଛନ୍ତି। ହେଲେ ସନ୍ନିଙ୍କର ଅନ୍ୟ ଫିଲ୍ମ ଭଳି ଏହା ବକ୍ସ ଅଫିସ୍‌ରେ ସଫଳତାର ଛାପ ଛାଡ଼ିବାରେ ବିଫଳ ହୋଇଛି। 'ଘାୟଲ୍' (୧୯୯୦) ରୁ ସନ୍ନି ଦେଓଲ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ନିଙ୍କ କ୍ୟାରିୟରର ହିଟ୍ ଫିଲ୍ମ କୁହାଯାଉଥିବା 'ଘାତକ' ଏବଂ 'ଦାମିନୀ' ମଧ୍ୟ ରାଜକୁମାର ସନ୍ତୋଷୀ ହିଁ ନିର୍ମାଣ କରିଥିଲେ। ଆଉ ଏବେ ତିନି ଦଶନ୍ଧି ପରେ ଏହି ଯୋଡ଼ି 'ବଟଓ୍ୱାରା ୧୯୪୭' ଫିଲ୍ମରେ ଏକାଠି କାମ କରିଥିଲେ। ଅବଶ୍ୟ ଏହି ଫିଲ୍ମ ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିପାରି ନାହିଁ। ଇତିମଧ୍ୟରେ ରାଜକୁମାର ସନ୍ତୋଷୀ, ସନ୍ନିଙ୍କ ସହ ଆଉ ଏକ ଆକ୍ସନ୍ ଫିଲ୍ମ ନେଇ ଆସୁଥିବା ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ମାସରୁ ସନ୍ନି ଏହାର ସୁଟିଂ ଆରମ୍ଭ କରିବେ। ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ରାଜକୁମାର ସନ୍ତୋଷୀଙ୍କ ସହ ସନ୍ନିଙ୍କର ଏହା ପଞ୍ଚମ ଫିଲ୍ମ ହେବ।

# ଚୁଗୁଲି କରି ରୋଜଗାର



ଚୁଗୁଲି କିମ୍ବା ପରଚର୍ଚ୍ଚା କରିବା ଏକ ଖରାପ ଅଭ୍ୟାସ। ହେଲେ କଲମ୍ବିଆର ୬୭ ବର୍ଷୀୟା ମିରିୟମ୍ ଚୁଗୁଲିକୁ ନିଜର ବ୍ୟବସାୟ କରିଛନ୍ତି। ଏହି ବ୍ୟବସାୟରୁ ସେ ଦୁଇଟି ଘର କିଣିଥିବା ମଧ୍ୟ ଦାବି କରନ୍ତି। ନିକଟରେ କଣ୍ଟେଣ୍ଟ କ୍ରିଏଟର ଲେଡି ଡାନିଏଲା ତାଙ୍କର ଏକ ସାକ୍ଷାତକାର ଶେୟାର କରିଥିଲେ, ଯେଉଁଥିରେ ମିରିୟମ୍ ନିଜର ଏହି ଅଜବ କାମ ବିଷୟରେ କହିଛନ୍ତି। ମିରିୟମ୍ ନିଜକୁ ଜଣେ ପେସାଦାର ଚୁଗୁଲି କରୁଥିବା ମହିଳାର ପରିଚୟ ଦିଅନ୍ତି। ସେ ପ୍ରତିଦିନ ସକାଳୁ ନିଜ ଘର ବାହାରେ ବସି ରୁହନ୍ତି। ପଡ଼ୋଶୀମାନଙ୍କର ପାରିବାରିକ ଝଗଡ଼ା, କିଏ କେତେବେଳେ କୁଆଡ଼େ ଯାଉଛି, ସେସବୁ ଉପରେ ନଜର ରଖନ୍ତି ଏବଂ ଗୋଟିଏ ଡାଏରୀରେ ନାମ ଓ ତାରିଖ ସହିତ ସବୁ ତଥ୍ୟ ଲେଖି ରଖନ୍ତି। କେତେକ କ୍ଷେତ୍ରରେ ପ୍ରମାଣ ସ୍ୱରୂପ ସେ ଫଟୋ ମଧ୍ୟ ରଖିଥାନ୍ତି। ଛୋଟମୋଟ ଚୁଗୁଲି ପାଇଁ ସେ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦ରୁ ୨୦୦ ଟଙ୍କା ନିଅନ୍ତି। ତାଙ୍କର ସବୁଠାରୁ ବଡ଼ ରୋଜଗାର ହେଉଛି ପ୍ରିମିୟମ୍ "ମୁହଁ ବନ୍ଦ" ସେବା। ଯଦି କାହାର କୌଣସି ବଡ଼ ଗୋପନୀୟ କଥା ସେ ଜାଣିଯାନ୍ତି, ତେବେ ତାହାକୁ ଲୁଚାଇ ରଖିବା ପାଇଁ ସେ ଭାରତୀୟ ମୁଦ୍ରାରେ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରନ୍ତି। ଏହି ବ୍ୟବସାୟରୁ ମିଳୁଥିବା ଟଙ୍କାକୁ ସଞ୍ଚୟ କରି ସେ କୌଣସି ବ୍ୟାଙ୍କ ଲୋନ୍ ନ ନେଇ ନିଜ ପାଇଁ ଦୁଇ ଦୁଇଟି ଆଲିସାନ ଘର କିଣିଥିବା ମିରିୟମ୍ ଦାବି କରନ୍ତି। ମିରିୟମ୍‌ଙ୍କ କାହାଣୀ ଭାଇରାଲ ହେବା ପରେ କେହି କେହି ତାଙ୍କର ଏଭଳି ଚତୁରତାକୁ ପ୍ରଶଂସା କରୁଥିବା ବେଳେ, ଅନ୍ୟମାନେ ଏହାକୁ ଅନ୍ୟର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ଏବଂ ବ୍ଲାକମେଲିଂ ବୋଲି କହି ସମାଲୋଚନା ମଧ୍ୟ କରୁଛନ୍ତି। ଏହି କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସେ 'ଗସିପ୍ କ୍ୱିନ' ନାଁରେ ପରିଚିତ ହୋଇଛନ୍ତି।

# ମାଗଣାରେ ମିଳେ ଟିଭି ଓ ସୋଫା




ଅଧିକାଂଶ ଲୋକ ଟିଭି, ସୋଫା ତଥା ଘରର ଆବଶ୍ୟକୀୟ ସାମଗ୍ରୀ ପୁରୁଣା ହୋଇଗଲେ ଏହାକୁ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ କବାଡ଼ିବାଲାଙ୍କୁ ବିକ୍ରି କରିଦେଇଥାନ୍ତି। ହେଲେ କାନାଡ଼ାରେ ଘର ଆଗରେ ପୁରୁଣା ଆସବାବପତ୍ର କିମ୍ବା ଅନ୍ୟାନ୍ୟ ଜିନିଷ ରଖିବାର ଏକ ସୁନ୍ଦର ପରମ୍ପରା ରହିଛି। ଯେତେବେଳେ ଲୋକେ ଘର ବଦଳାନ୍ତି କିମ୍ବା ନୂଆ ଆସବାବପତ୍ର କିଣନ୍ତି, ସେତେବେଳେ ସେମାନଙ୍କର ପୁରୁଣା କିନ୍ତୁ ବ୍ୟବହାରୋପଯୋଗୀ ସୋଫା, ଚେୟାର, ଟେବୁଲ୍, ବହି ବା ଖେଳନା ଆଦିକୁ ରାସ୍ତା କଡ଼ରେ ରଖିଦିଅନ୍ତି। ତାହା ଉପରେ ଅନେକ ସମୟରେ 'ଫ୍ରି' ବୋଲି ଏକ ବୋର୍ଡ ମଧ୍ୟ ଲଗାଇ ଦିଅନ୍ତି। ଯେଉଁମାନଙ୍କର ସେହି ଜିନିଷଗୁଡ଼ିକର ଆବଶ୍ୟକତା ଥାଏ ବିଶେଷ କରି ଗରିବ ଶ୍ରେଣୀର ଲୋକ, ସହରକୁ ନୂଆ କରି ଆସିଥିବା ଛାତ୍ରଛାତ୍ରୀ କିମ୍ବା ପ୍ରବାସୀ ସେମାନେ ତାକୁ ମାଗଣାରେ ନିଜ ଘରକୁ ନେଇ ବ୍ୟବହାର କରନ୍ତି। ଜିନିଷଗୁଡ଼ିକୁ ଅଳିଆ ଆବର୍ଜନା କୁଡ଼କୁ ନ ଫିଙ୍ଗି, ସେଗୁଡ଼ିକର ପୁନଃବ୍ୟବହାର କରିବା ପାଇଁ ଏହା ଏକ ଭଲ ମାଧ୍ୟମ। ତେବେ ଏଠାରେ ବଡ଼ ବଡ଼ ଜିନିଷ ଯେପରିକି ସୋଫା, ଗଦି କିମ୍ବା ଟେବୁଲ୍‌କୁ କେନ୍ଦ୍ରୀୟ ବର୍ଜ୍ୟବସ୍ତୁ ଗାଡ଼ିରେ ପକାଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି ଏବଂ କେତେକ ସ୍ଥାନରେ ଏଥିପାଇଁ ଫି' ମଧ୍ୟ ଦେବାକୁ ପଡ଼େ। ତେଣୁ, ଲୋକେ ଏହାକୁ ଘର ଆଗରେ ରଖିଦିଅନ୍ତି ଯାହାଦ୍ୱାରା କାହାର ଆବଶ୍ୟକତା ଥିଲେ ସେ ନେଇଯାଏ, ନଚେତ୍ ପୌରପାଳିକାର ସ୍ୱତନ୍ତ୍ର ବଡ଼ ଆବର୍ଜନା ଗାଡ଼ି ଆସି ସେଗୁଡ଼ିକୁ ନେଇଯାଏ। ନିକଟରେ ଭାରତୀୟ ଦମ୍ପତି ରୁମାନ ଏବଂ ତରୁଣ ଏହି ନିଆରା ଟ୍ରେଣ୍ଡର ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ରୁମାନ ରାସ୍ତାକଡ଼ରେ ରଖାଯାଇଥିବା ସୋଫା, ବଡ଼ ଟିଭି, ବାସନ ସଫା କରୁଥିବା ମେସିନ୍ ପରି ଅନେକ ଉପଯୋଗୀ ସାମଗ୍ରୀ ଦେଖାଇଥିଲେ। କାହାକୁ ନ ପଚାରି ଏହାକୁ ଘରକୁ ନେଇ ପାରିବେ ବୋଲି ରୁମାନ କହିଥିଲେ। ଏହାପରେ ସେ ରାସ୍ତାରେ ରଖାଯାଇଥିବା ଅନ୍ୟାନ୍ୟ ଜିନିଷକୁ ଦେଖାଇବା ସହ ଏହି ସମସ୍ତ ସାମଗ୍ରୀ ଲୋକଙ୍କ ପାଇଁ ମାଗଣାରେ ଉପଲବ୍ଧ ବୋଲି କହିଥିଲେ। କାନାଡ଼ାର ଏଭଳି ବ୍ୟବସ୍ଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଭଳି ବ୍ୟବସ୍ଥା ଭାରତରେ ମଧ୍ୟ ହେବା ଦରକାର ବୋଲି ଏଥିରେ ଅନେକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି।

# ସୁନ୍ଦର ଦିଶିବା ଚାପ

## ଘରେ ଘରେ ପ୍ଲାଷ୍ଟିକ୍ ସର୍ଜରୀ

ଦକ୍ଷିଣ କୋରିଆକୁ ବିଶ୍ୱର ପ୍ଲାଷ୍ଟିକ୍ ସର୍ଜରୀର ରାଜଧାନୀ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ସେଠାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇବା ଏକ ମାମୁଲି କଥା। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ସୌନ୍ଦର୍ଯ୍ୟକୁ ବହୁତ ଗୁରୁତ୍ୱ ଦିଆଯାଏ। ବଡ଼ ଆଖି, ଗୋରା ରଙ୍ଗ ଏବଂ ଭି-ଶେପ୍ ଥୋଡ଼ିକୁ ସେଠାରେ ସୁନ୍ଦରତାର ପ୍ରତୀକ ମାନନ୍ତି। ଏପରିକି ସେଠାରେ ଚାକିରି ଆବେଦନ ପତ୍ରରେ ନିଜର ଫଟୋ ଲଗାଇବା ଜରୁରି। ଲୋକେ ବିଶ୍ୱାସ କରନ୍ତି ଯେ, ଭଲ ଦିଶିଲେ ଚାକିରି ମିଳିବା ସହଜ ହୋଇଥାଏ। ଅନେକ ସମୟରେ ପିଲାମାନେ ସ୍କୁଲ ବା କଲେଜରେ ଭଲ ନମ୍ବର ରଖି ପାସ୍ କଲେ, ସେମାନଙ୍କ ବାପା-ମା' ଖୁସି ହୋଇ ସେମାନଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପ୍ୟାକେଜ୍ ଉପହାର ଦିଅନ୍ତି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦକ୍ଷିଣ କୋରିଆରେ ପ୍ଲାଷ୍ଟିକ୍ ସର୍ଜରୀ ହାର ସବୁଠାରୁ ଅଧିକ। ଏକ ରିପୋର୍ଟ ଅନୁସାରେ, ସେଠାରେ ପ୍ରତି ୧,୦୦୦ ଜଣ ଲୋକରେ ପ୍ରାୟ ୮.୯ ରୁ ୧୩.୫ ପ୍ରତିଶତ ଲୋକଙ୍କର କସମେଟିକ୍ ସର୍ଜରୀ ହୋଇଥାଏ। ସେହିପରି ୧୯ ରୁ ୨୯ ବର୍ଷ ମଧ୍ୟରେ ପ୍ରାୟ ୨୫ ପ୍ରତିଶତ ମହିଳା ଥରୁଟିଏ ନିହାତି କସମେଟିକ୍ ସର୍ଜରୀ କରାଇଛନ୍ତି। ସିୟୋଲ ସହରର ଗଙ୍ଗନାମ ଅଞ୍ଚଳ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ପରିଚିତ। ଏଠାରେ ବହୁ ସଂଖ୍ୟକ କସମେଟିକ୍ ସର୍ଜରୀ କ୍ଲିନିକ୍ ଅଛି। ସବୁଠୁ ଅଧିକ କରାଯାଉଥିବା ପ୍ଲାଷ୍ଟିକ୍ ସର୍ଜରୀ ମଧ୍ୟରେ ଡବଲ ଆଇଲିଡ୍ ସର୍ଜରୀ ସାମିଲ ଅଛି। ଏହାବାଦ୍ ନାକ ସର୍ଜରୀ, ଜବ୍-ଲାଇନ୍‌କୁ ଭି-ଶେପ୍ କରିବା ମଧ୍ୟ ବେଶ୍ ଲୋକପ୍ରିୟ। ଅନ୍ୟପଟେ ପ୍ରତ୍ୟେକ କୋରିଆ ବ୍ୟକ୍ତି ପ୍ଲାଷ୍ଟିକ୍ ସର୍ଜରୀକୁ ଜରୁରି ବୋଲି ଭାବନ୍ତି ନାହିଁ, କିନ୍ତୁ ସୁନ୍ଦର ଦେଖାଯିବା ନେଇ ସାମାଜିକ ଚାପ ଯୋଗୁଁ ଏହା ଏବେ ଏଠାକାର ସାଧାରଣ ଚଳଣିରେ ପରିଣତ ହୋଇଛି।





# ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଶ୍ରାବଣ ପୂର୍ଣ୍ଣିମାର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଂଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

# କେଉଁ ଦେବତାଙ୍କୁ ବାନ୍ଧିବେ ରାକ୍ଷୀ

**ରାକ୍ଷୀପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ଅଛି। ଏହି କ୍ରମରେ ଏହି ଶୁଭ ଅବସରରେ ୫ ଦେବତାଙ୍କୁ ରାକ୍ଷୀ ବାନ୍ଧିଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଅନେକ ସ୍ଥାନରେ ଏଭଳି ନିୟମ ଅଛି ଯେ, ଭାଇ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଏହି ଦେବତାଙ୍କୁ ରାକ୍ଷୀ ବାନ୍ଧିବା ଦରକାର। ଏହାଦ୍ୱାରା ଜୀବନର ଦୁଃଖ, ଭୟ, ସଙ୍କଟର ନାଶ ଓ ସୁଖସମୃଦ୍ଧିର ଆଶୀର୍ବାଦ ମିଳିଥାଏ।**



**ଗଣେଶ:** ରକ୍ଷାବନ୍ଧନ ଦିନ ପ୍ରଥମ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କୁ ରାକ୍ଷୀ ବାନ୍ଧିବା ଉଚିତ। ଗଣେଶ ଜୀବନରେ ସଙ୍କଟ ଓ କାର୍ଯ୍ୟରେ ଦେଖାଦେବାକୁ ଥିବା ବାଧାକୁ ନଷ୍ଟ କରନ୍ତି। ଏହିପରି ଭାବେ ଧୀରେ ଧୀରେ ସମସ୍ତ ସମସ୍ୟା ଦୂର ହୁଏ। ଏହିଦିନ ଭଗବାନ ଗଣେଶଙ୍କୁ ନାଲି କିମ୍ବା ହଳଦୀ ରଙ୍ଗର ରାକ୍ଷୀ ବାନ୍ଧିବା ଶୁଭଦାୟକ ହୋଇଥାଏ।

**ଶିବ:** ଶ୍ରାବଣ ମାସରେ ଶିବଙ୍କ ବିଶେଷ ପୂଜା କରାଯାଏ। ଶିବଙ୍କୁ ରାକ୍ଷୀ ବାନ୍ଧିଲେ ଖୁବ୍ ପ୍ରସନ୍ନ ହୋଇଥାନ୍ତି। ଭଗବାନ ଶିବ ଯେଭଳି ବିଷ ପାନ କରି ସୃଷ୍ଟିର ରକ୍ଷା କରିଥିଲେ, ଠିକ୍‌ସେମିତି ସେ ସବୁ କ୍ଷଣରେ ଲୋକଙ୍କୁ ରକ୍ଷା କରନ୍ତି। ସବୁଜ ରଙ୍ଗ ରାକ୍ଷୀ ବାନ୍ଧିଲେ ଶୁଭଫଳ ପ୍ରାପ୍ତି ହୁଏ।

**ହନୁମାନ:** ରକ୍ଷା ବନ୍ଧନରେ ରାକ୍ଷୀ ହନୁମାନଙ୍କୁ ନିହାତି ବାନ୍ଧିବା ଦରକାର। ହନୁମାନ ନିଜ ଭକ୍ତର ରକ୍ଷା କରିବା ସହ ପ୍ରସନ୍ନ ହୋଇ ଜୀବନ ତମାମ କୃପା ବର୍ଷା କରନ୍ତି। ସେହିପରି ସବୁ ସଙ୍କଟ ନାଶ କରନ୍ତି। ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ବଳ ବୁଦ୍ଧି ପ୍ରାପ୍ତ ହୁଏ। ରକ୍ଷାସୂତ୍ର ବାନ୍ଧିଲେ ମଙ୍ଗଳ ଦୋଷ ଦୂର ହୁଏ। ହନୁମାନଙ୍କୁ ନାଲି କିମ୍ବା ନାରଙ୍ଗୀ ରକ୍ଷାସୂତ୍ର ବାନ୍ଧିବା ଶୁଭ।

**ଶ୍ରୀକୃଷ୍ଣ:** ରକ୍ଷା ବନ୍ଧନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ବି ରାକ୍ଷୀ ବାନ୍ଧିବା ଦରକାର। ଏହା ପଛରେ ମହାଭାରତ କାହାଣୀ ଜଡ଼ିତ ଅଛି। ପୌରାଣିକ କାହାଣୀ ଅନୁସାରେ, ଦ୍ରୌପଦୀ ଭଗବାନ କୃଷ୍ଣଙ୍କୁ ରକ୍ଷାସୂତ୍ର ବାନ୍ଧିଥିଲେ ଓ ସେବେଠୁ ରାକ୍ଷୀ ବାନ୍ଧିବା ପରମ୍ପରା ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣ ମଧ୍ୟ ଦ୍ରୌପଦୀଙ୍କ ରକ୍ଷା କରିବା ବଚନ ଦେଇଥିଲେ। ମହାଭାରତରେ ବସ୍ତ୍ରହରଣ ସମୟରେ ଭଗବାନ କୃଷ୍ଣ ଦ୍ରୌପଦୀଙ୍କ ମାନସମ୍ମାନ ରକ୍ଷା କରିଥିଲେ। ତେଣୁ ଏହିଦିନ ରାକ୍ଷୀ ବାନ୍ଧିଲେ ଜୀବନରୁ ଦୁଃଖ ନାଶ ହୁଏ।



# ଶ୍ରାବଣ ଶେଷ ସୋମବାର

**ଆଜି ଶେଷ ହେଲା ପବିତ୍ର ଶ୍ରାବଣ ମାସ। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।**

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅନ୍ତିମ ସୋମବାରରେ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

ଶ୍ରାବଣ ଶେଷ ସୋମବାରରେ ରୁଦ୍ରାଭିଷେକ କରିବାରେ ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣ ମାସର ଶେଷ ସୋମବାର ନୁହେଁ, ଏହି ମାସରେ ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ।

# ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**

କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।



ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।

■ ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି

## ସେମିଫାଇନାଲରେ ନେଦରଲ୍ୟାଣ୍ଡସ

ଆମଷ୍ଟଲ୍‌ଭିନ୍,୨୩।୮ (ଏଜେନ୍ସି): ଯୁଗ୍ମ ଆୟୋଜକ ତଥା କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ଜିତିଥିବା ନେଦରଲ୍ୟାଣ୍ଡସ ମହିଳା ଟିମ୍ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା ପୁଲ୍-ଇ' କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସ ୪-୧ ଗୋଲରେ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍‌କୁ ପରାସ୍ତ କରିଛି। ପୂର୍ବରୁ ଦଳ ଭାରତକୁ ୨-୦ ଗୋଲରେ ହରାଇଥିଲା ଓ ପୁଲ୍ ମ୍ୟାଚ୍‌ରୁ ପୂରା ପଏଣ୍ଟ ନେଇ ଆସିଥିଲା। ଏହା ଫଳରେ ୬ ପଏଣ୍ଟ ସହ ନେଦରଲ୍ୟାଣ୍ଡସ ପୁଲ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-ଏଫ୍‌ର ଲିଗ୍ ମ୍ୟାଚ୍ ଆସନ୍ତାକାଲି ଶେଷ ହେବା ପରେ ସେମିରେ ନେଦରଲ୍ୟାଣ୍ଡସ କାହା ସହ ଖେଳିବ ତାହା ସ୍ଥିର ହେବ। ନେଦରଲ୍ୟାଣ୍ଡସର ଏହି ବିଜୟ ଫଳରେ ଭାରତ ନିକଟରେ ସେମିଫାଇନାଲ ଖେଳିବା ରାସ୍ତା ଉନ୍ମୁକ୍ତ ରହିଛି। ଆଜି ରାତିରେ ଖେଳାଯିବାକୁ ଥିବା ମୁକାବିଲାରେ ଭାରତ ଯଦି ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରେ ତେବେ ସେମିଫାଇନାଲରେ ପ୍ରବେଶ କରିବ।

ସେହିପରି ପୁରୁଷ ଦଳ ଆସନ୍ତାକାଲି ଆର୍ଜେଣ୍ଟିନାକୁ ଭେଟି। ଏଥିରେ ଭାରତ ଯଦି ୩-୦ କିମ୍ବା ୨-୦ ଗୋଲରେ ବିଜୟୀ ହୁଏ, ତେବେ ଭାରତର ସେମିଫାଇନାଲ ଖେଳିବା ସମ୍ଭାବନା ରହିଛି।

## ଏଆଇଟିଏ ସଭାପତି ଦୌଡ଼ରେ ଲିଆଣ୍ଡର

ପୁଣେ,୨୩।୮ (ଏଜେନ୍ସି): ଭାରତୀୟ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ (ଏଆଇଟିଏ) ସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଏକକ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ପେସ୍ ନୂଆ କ୍ରୀଡ଼ା ପ୍ରଶାସନ ନିୟମ ଅନୁସାରେ 'ଟିଅର-୧' ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ସାମିଲ ହେବେ। ଟେନିସ୍‌ରେ ସେ ଏହି ବର୍ଗ ପାଇଁ ଏକମାତ୍ର ଯୋଗ୍ୟ ଖେଳାଳି ବୋଲି ଏଆଇଟିଏ ପକ୍ଷରୁ କୁହାଯାଇଛି। ଖେଳାଳିମାନେ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହା ପରେ ନଭେମ୍ବରରେ ଏଆଇଟିଏ ନିର୍ବାଚନ ହେବାର ସମ୍ଭାବନା ରହିଛି। ୫୩ ବର୍ଷୀୟ ପେସ୍ ଭାରତର ଅନ୍ୟତମ ସଫଳ ଟେନିସ୍ ଖେଳାଳି। ଅଲିମ୍ପିକ୍ ପଦକ ବ୍ୟତୀତ ସେ ଏକାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ଭାରତୀୟ ଟେନିସ୍‌କୁ ବିଶ୍ୱ ମଞ୍ଚରେ ଗୌରବାନ୍ୱିତ କରିଛନ୍ତି। ଏଆଇଟିଏ ପକ୍ଷରୁ କ୍ରୀଡ଼ାବିତ୍‌ମାନଙ୍କୁ ନାମାଙ୍କନ ଦାଖଲ ପାଇଁ ୬୦ ଦିନର ସମୟ ଦିଆଯାଇଛି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ଶେଷ ତାରିଖ ଅକ୍ଟୋବର ୧୫। ଏହା ପରେ ନଭେମ୍ବରରେ ଏଆଇଟିଏର ନିର୍ବାଚନ ହେବାର ସମ୍ଭାବନା ରହିଛି।


## ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଜିତିଲା ଇଷ୍ଟ ବେଙ୍ଗଲ୍

କୋଲକାତା,୨୩।୮ (ଏଜେନ୍ସି): ଦୀର୍ଘ ୨୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଡୁରାଣ୍ଡ କପ୍‌୨୦୨୬ ଚାମ୍ପିୟନ୍ ହୋଇଛି ଇଷ୍ଟ ବେଙ୍ଗଲ୍। ରବିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନ ସୁପର ଜାଏଣ୍ଟକୁ ୪-୧ ଗୋଲ୍‌ରେ ପରାସ୍ତ କରି ଟ୍ରଫି ହାତେଇଛି ଇଷ୍ଟ ବେଙ୍ଗଲ୍। ଏହି ସହ ଇଷ୍ଟ ବେଙ୍ଗଲ୍ ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଟ୍ରଫି ଜିତି ୧୭ତମ ଡୁରାଣ୍ଡ କପ୍ ଟାଇଟଲ୍ ହାସଲ କରିଛି। ଏସିଆର ଏହି ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତାରେ ମୋହନ ବାଗାନ ସହ ଇଷ୍ଟ ବେଙ୍ଗଲ୍ ମଧ୍ୟ ସର୍ବାଧିକ ଟାଇଟଲ୍ ଜିତିଥିବା ଦଳ ହୋଇଛି। ଇଷ୍ଟ ବେଙ୍ଗଲ୍‌ର ବିଜୟର ମୁଖ୍ୟ ନାୟକ ରହିଥିଲେ ଏଡମଣ୍ଡ ଲାଲ୍ରିନ୍ଦିକା। କୋଲକାତା ଡର୍ବିର ଡୁରାଣ୍ଡ କପ ଫାଇନାଲ୍‌ରେ ଏଡମଣ୍ଡଙ୍କ ହ୍ୟାଟ୍ରିକ୍ ଏକ ଐତିହାସିକ ଘଟଣା। ସେ ପ୍ରଥମାର୍ଦ୍ଧରେ ହିଁ ହ୍ୟାଟ୍ରିକ୍ କରି ମୋହନ ବାଗାନର ରକ୍ଷଣଭାଗକୁ ଧ୍ୱସ୍ତ କରିଦେଇଥିଲେ। ଇଷ୍ଟ ବେଙ୍ଗଲ୍ ପକ୍ଷରୁ ବିପିନ ସିଂହ ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ମହମ୍ମଦ ରସିଦଙ୍କ ପାସ୍‌ରୁ ବିପିନ ସିଂହ ଗୋଲ୍‌କରି ଇଷ୍ଟ ବେଙ୍ଗଲ୍‌କୁ ଆଗୁଆ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଏଡମଣ୍ଡ ଗୋଲ୍‌କରି ବ୍ୟବଧାନ ୨-୦ କରିଦେଇଥିଲେ। ୨୨ତମ ମିନିଟ୍‌ରେ ଏଡମଣ୍ଡ ପୁଣି ଗୋଲ୍‌କରି ନିଜ ଦଳକୁ ୩-୦ରେ ଆଗୁଆ କରିଥିଲେ। ମୋହନ ବାଗାନ ପକ୍ଷରୁ ୩୩ତମ ମିନିଟ୍‌ରେ ମନବୀର ସିଂହ ଗୋଟିଏ ଗୋଲ୍ ଶୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ, ୪୪ତମ ମିନିଟ୍‌ରେ ଏଡମଣ୍ଡ ନିଜର ତୃତୀୟ ଗୋଲ୍‌କରି ହ୍ୟାଟ୍ରିକ୍ ପୂରଣ କରିଥିଲେ।

**ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍ ଉଦ୍‌ଯାପିତ**

# ଆଲେକ୍ସ ଓ ଆନ୍ ଏକକ ଚାମ୍ପିଅନ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି)





ଫ୍ରାନ୍ସର ଆଲେକ୍ସ ଲାନିଅରଙ୍କ ଇତିହାସ ଓ ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗଙ୍କ ଟାଇଟଲ ବିଜୟ ସହ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ପୁରୁଷ ବିଭାଗ ଏକକ ଫାଇନାଲରେ ଫ୍ରାନ୍ସର ୨୧ ବର୍ଷୀୟ ଲାନିୟର ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ଜାପାନର କୋଡାଇ ନାରାଓକାଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ବିଜୟୀ ହୋଇଥିଲେ। ଏହି ୟୁରୋପୀୟ ଚାମ୍ପିଅନ ଲାନିୟର ଫ୍ରାନ୍ସର ପ୍ରଥମ ଖେଳାଳି ଭାବେ ଏହି ସମ୍ମାନଜନକ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରଥମ ଟାଇଟଲ କବ୍‌ଜା କରିଛନ୍ତି। ପ୍ରଥମଥର ଲାଗି ଏହି ଇଭେଣ୍ଟର ଫାଇନାଲରେ ପ୍ରଥମ ୮ ଜଣ ଖେଳାଳି ସ୍ଥାନ ହାସଲ କରିବାରେ ବିଫଳ ହୋଇଛନ୍ତି।

- ■ ଲାନିଅର ଫ୍ରାନ୍ସର ପ୍ରଥମ ବିଶ୍ୱ ଚାମ୍ପିଅନ
- ■ ଟାଇଟଲ୍ ବଜାୟ ରଖିଲେ ସେ-ୟଙ୍ଗ୍
- ■ ଦ.କୋରିଆ, ଫ୍ରାନ୍ସକୁ ଡବଲ ଟାଇଟଲ୍
- ■ ଭାରତର ତ୍ରିଶା-ଗାୟତ୍ରୀଙ୍କୁ ପ୍ରଥମ ପଦକ



ମହିଳା ଏକକ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୪ ସିଧାସଳଖ ସେଟରେ ପରାସ୍ତ କରି ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲେ। ପୁରୁଷ ଯୁଗଳରେ ଚୀନ୍‌ର ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍, ମହିଳା ଯୁଗଳରେ ଦକ୍ଷିଣ କୋରିଆର ବାଏକ ହା-ନା ଓ ଲୀ ସୋ-ହୀ ଏବଂ ମିଶ୍ରିତ ଯୁଗଳରେ ଫ୍ରାନ୍ସର ଥମ୍ ଗ୍ରିକ୍ସେଲ ଓ ଡେଲଫାଇନ୍ ଡେଲର୍ୟୁ ଚାମ୍ପିଅନ ହୋଇଛନ୍ତି। ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫ୍ରାନ୍ସର ଅଭ୍ୟୁଦୟ ହୋଇଛି। ଦୀର୍ଘ ୧୭ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରୁଥିବା ଭାରତ ପକ୍ଷରୁ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ କାଂସ୍ୟ ପଦକ ଜିତି ସମ୍ମାନ ରଖିବାରେ ସମର୍ଥ ହୋଇଛନ୍ତି। ଘରୋଇ ମାଟିରେ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍‌ଙ୍କଠାରୁ ପଦକ ଆଶା କରାଯାଉଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ।

### ପଦକ ବିଜେତା

**ପୁରୁଷ ଏକକ**

ସ୍ୱର୍ଣ୍ଣ- ଆଲେକ୍ସ ଲାନିଅର (ଫ୍ରାନ୍ସ), ରୌପ୍ୟ- କୋଡାଇ ନାରାଓକା (ଜାପାନ), କାଂସ୍ୟ (୨)-ଚୋଉ ତିଏନ (ତାଇପେ) ଓ ଭିକ୍ଟର ଲାଇ (କାନାଡା)।

**ମହିଳା ଏକକ**

ସ୍ୱର୍ଣ୍ଣ- ଆନ୍ ସେ ୟଙ୍ଗ୍ (ଦକ୍ଷିଣ କୋରିଆ), ରୌପ୍ୟ- ଆକାନେ ୟାମାଗୁଚି (ଜାପାନ), କାଂସ୍ୟ (୨)- ୱାଙ୍ଗ ଝିୟି (ଚୀନ୍) ଓ ପର୍ଣ୍ଣପାୱି ଚୋଚୁୱଙ୍ଗ (ଥାଇଲାଣ୍ଡ)।

**ପୁରୁଷ ଯୁଗଳ**

ସ୍ୱର୍ଣ୍ଣ-ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ (ଚୀନ୍), ରୌପ୍ୟ- ଆରୋନ ଚିଆ-ସୋ ୱି ୟିକ୍ (ମାଲେସିଆ), କାଂସ୍ୟ (୨)- କିମ୍ ଓନ୍-ହୋ ଓ ସିଓ ସେଉଙ୍ଗ-ଜାଏ (ଦ. କୋରିଆ) ଏବଂ ଲୀ ଝେ-ହୁଏଇ ଓ ୟାଙ୍ଗ୍ ପୋ-ସୁଆନ୍ (ଚାଇନିଜ୍ ତାଇପେଇ)।

**ମହିଳା ଯୁଗଳ**

ସ୍ୱର୍ଣ୍ଣ- ବାଏକ ହା-ନା ଓ ଲୀ ସୋ-ହୀ (ଦ.କୋରିଆ), ରୌପ୍ୟ- ଲିଉ ଶେଙ୍ଗସୁ ଓ ତାନ ନିଙ୍ଗ (ଚୀନ୍), କାଂସ୍ୟ (୨)- ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ (ଭାରତ), ଏବଂ ଲି ୟିଜିଙ୍ଗ୍ ଓ ଲୁଓ ଜୁମିନ୍ (ଚୀନ୍)।

**ମିଶ୍ରିତ ଯୁଗଳ**

ସ୍ୱର୍ଣ୍ଣ- ଥମ୍ ଗ୍ରିକ୍ସେଲ ଓ ଡେଲଫାଇନ୍ ଡେଲର୍ୟୁ (ଫ୍ରାନ୍ସ), ରୌପ୍ୟ- ଫେଙ୍ଗ୍ ୟାନ୍‌ଝୀ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍ (ଚୀନ୍), କାଂସ୍ୟ (୨)- ଜିଆଙ୍ଗ ଝେନ୍‌ବାଙ୍ଗ ଓ ୱେଇ ୟାସିନ୍ (ଚୀନ୍) ଏବଂ ଆମ୍ରି ଶ୍ୟାନ୍ସି ଓ ନିତା ଭିଓଲିନା (ଇଣ୍ଡୋନେସିଆ)।

## କର୍ଣ୍ଣ ଶର୍ମାଙ୍କ ଅବସର

ଲକ୍ଷ୍ନୌ,୨୩।୮ (ଏଜେନ୍ସି): ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମା ୩୮ ବର୍ଷରେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ୍‌ରୁ ଅବସର ନେବାକୁ ଘୋଷଣା କରିଛନ୍ତି। ୨୦୧୪ରେ ଭାରତ ପକ୍ଷରୁ ଗୋଟିଏ ଲେଖାଏଁ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ, ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟରେ ସେ ୨୦୦୭ରେ ରେଳବାଇ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ ଓ ପରେ ବିଦର୍ଭ ଓ ଆନ୍ଧ୍ର ପକ୍ଷରୁ ଖେଳିଥିଲେ। ଏବେ ସେ ୟୁପି ଟି-୨୦ ଲିଗ୍ ଖେଳୁଥିବା ବେଳେ କାନପୁର ସୁପରଷ୍ଟାରସ ପକ୍ଷରୁ ଅଗଷ୍ଟ ୨୫ରେ ତାଙ୍କ ଜୀବନର ଶେଷ ପ୍ରତିଯୋଗିତାମୂଳକ କ୍ରିକେଟ ମ୍ୟାଚ୍ ଖେଳିବେ। ପ୍ରଥମଶ୍ରେଣୀ କ୍ରିକେଟରେ କର୍ଣ୍ଣ ୯୭ଟି ମ୍ୟାଚ୍ ଖେଳି ୨୭୦ଟି ୱିକେଟ ପାଇଥିଲାବେଳେ ୨ଟି ଶତକ ଅର୍ଜନ କରିଥିଲେ।

**ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ**

## ଦେବଦତ୍ତ ପାଡ଼ିକଲଙ୍କ କ୍ରମାଗତ ଶତକ



କଲମ୍ବୋ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଆଜି ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନଂ-୩ ଦେବଦତ୍ତ ପାଡିକଲ ଶତକ ହାସଲ କରିଛନ୍ତି। ସେ ୦ ଓ ୧ରେ ପାଇଥିବା ଜୀବନଦାନରୁ ପୂରା ଫାଇଦା ଉଠାଇ ୧୧୭ ରନ୍‌ରେ ଆଉଟ ହୋଇଥିଲାବେଳେ ପ୍ରଥମ ଦିନରେ ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିନେଇଛି। ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୟସ୍ୱାଲ ୪୫ ଓ ରବୀନ୍ଦ୍ର ଜାଡେଜା ୪୩ରନ୍‌ର ଯୋଗଦାନ ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୧୬୫ ରନ୍‌ରେ ଜିତିଥିବା ଭାରତ ପକ୍ଷରୁ ପାଡିକଲ ୧୬୭ ରନ୍ କରିଥିଲେ। ଫଳରେ ଏହି ସିରିଜ୍‌ର କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ପାଡିକଲ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ୱିକେଟରକ୍ଷକ ରଷଭ ପନ୍ତଙ୍କ ବାହୁରେ ବଲ ବାଜିବାରୁ ସେ ରିଟାୟର୍ଡ ହର୍ଟ ହୋଇଛନ୍ତି। ଆସନ୍ତାକାଲି ସେ ବ୍ୟାଟିଂ କରିପାରିବେ ବୋଲି ଆଶା କରାଯାଉଛି। ସେହିପରି ୩୩ ବର୍ଷ ୧୪୫ ଦିନରେ ଅଫ୍ ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଟେଷ୍ଟ ଡେବ୍ୟୁ କରିଛନ୍ତି।

ଅଧିନାୟକ ଶୁବମନ ଗିଲ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲେ। ଦଳର ଦୁଇ ଓପନର ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ପ୍ରଥମ ସେସନରେ ଉଭୟ ଜୟସ୍ୱାଲ ଓ ରାହୁଲ (୧୮ ରନ୍) ଅଯଥାରେ ଆଉଟ ହୋଇଥିଲେ। ୬୬ ରନ୍‌ରେ ଦଳ ଦୁଇଟି ୱିକେଟ ହରାଇବା ପରେ ପାଡିକଲ ଓ ଗିଲ୍ ଦ୍ୱିତୀୟ ୱିକେଟ୍‌ରୁ ୧୨୦ ରନ୍ ଉଠାଇ ଦଳକୁ ଏକ ବଡ ସ୍କୋର କରିବାର ରାସ୍ତା ଦେଖାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କିଛି ସଟ୍ ନ ଖେଳି ଗିଲ୍ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହି ସମୟରେ ପାଡିକଲ ଧୈର୍ଯ୍ୟର ସହ ଖେଳୁଥିଲାବେଳେ ପନ୍ତ ଆହତ ହୋଇଥିଲେ। ପରେ ଜାଡେଜା ବ୍ୟାଟିଂ କରିବା ଫଳରେ ଏହି ୩ ଖେଳାଳି ଚତୁର୍ଥ ୱିକେଟ୍‌ରୁ ୯୫ ରନ୍ ଉଠାଇଥିଲେ। ପନ୍ତଙ୍କ ସହ ୨୧ ଓ ଜାଡେଜାଙ୍କ ସହ ୭୪ ରନ୍ ଉଠାଇବା ପରେ ପାଡିକଲ ୧୧୭ ରନ୍ କରି ଆଉଟ ହୋଇଥିଲେ। ଏଥିଲାଗି ସେ ୧୯୩ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଶେଷ ଖେଳାଳି ଭାବେ ଆଉଟ ହୋଇଥିବା ଜାଡେଜା ୪୩ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୬ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ୍‌ରେ ଦୁର୍ଗ ସମ୍ଭାଳିଥିଲେ। ଶ୍ରୀଲଙ୍କାର ପେସ୍ ବୋଲରମାନେ ଭଲ ବୋଲିଂ କରି ୫ଟି ମଧ୍ୟରୁ ୪ଟି ୱିକେଟ ପାଇଥିଲେ। କେଶରା ନୁୱାନ୍ଥାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା। ଆସନ୍ତାକାଲି ଭାରତୀୟ ବ୍ୟାଟରଙ୍କ ଉପରେ ଏହି ଟେଷ୍ଟ ଫଳାଫଳ ନିର୍ଭର କରୁଛି।

**ଅଷ୍ଟ୍ରେଲିଆ ବନାମ ବାଂଲା ଦ୍ୱିତୀୟ ଟେଷ୍ଟ**

## ଷ୍ଟାର୍କ ନେଲେ ୧୦, ଦୁଇ ଦିନରେ ଲଢ଼େଇ ଶେଷ



ମାକୟ,୨୩।୮ (ଏଜେନ୍ସି): ଭେଟେରାନ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଷ୍ଟାର୍କ (୪/୩୯), ପ୍ୟାଟ କମିନ୍ସ (୩/୧୦) ଓ ନାଥାନ ଲାୟନ (୩/୨୫)ଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫୧ ରନ୍‌ରେ ଦ୍ୱିତୀୟ ଟେଷ୍ଟକୁ ଜିତିଥିଲା। ପୂର୍ବରୁ ଡାରୱିନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ୯ ୱିକେଟରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରହିଛି। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଷ୍ଟାର୍କଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୨ଟି ଯାକ ଟେଷ୍ଟରେ ୧୨ ୱିକେଟ ନେବା ସହ ୨୦ ରନ୍ କରିଥିବା ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟାର୍କ ୬ ୱିକେଟ ନେବା ଫଳରେ ବାଂଲାଦେଶର ପ୍ରଥମ ଇନିଂସ ୬୪ ରନ୍‌ରେ ଶେଷ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୧୦ ରନ୍‌ରେ ଅଲଆଉଟ ହୋଇ ୧୪୬ ରନ୍‌ରେ ଆଗୁଆ ରହିଥିଲା। ବାଂଲା ପକ୍ଷରୁ ଶୋରିଫୁଲ ଇସ୍‌ଲାମ୍ ୭ଟି ୱିକେଟ ନେଇଥିଲେ। ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ଜିତିବା ସହ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଥିଲା।

**ଦୁଲୀପ୍ ଟ୍ରଫି କ୍ରିକେଟ |**

## ସୁଯୋଗ ପାଇଲେନି ସେନାପତି



ବେଙ୍ଗାଲୁରୁ,୨୩।୮ (ଏଜେନ୍ସି): ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୨ରେ ଆଜି ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୫ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ବେଙ୍ଗଲର ଦୁଇ ବ୍ୟାଟର ସୁଦୀପ କୁମାର ଘରାମୀ ସର୍ବାଧିକ ୧୪୬ ଓ ଶାହବାଜ ଅହମ୍ମଦ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଝାଡଖଣ୍ଡ ୱିକେଟ ରକ୍ଷକ କୁମାର କୁଶାଗ୍ର ତୃତୀୟ ସର୍ବାଧିକ ସ୍କୋର ୫୫ ରନ୍ କରିଥିଲେ। ୬ ନମ୍ବରରେ ବ୍ୟାଟିଂ କରିଥିବା ଅଧିନାୟକ ଇଶାନ କିଶାନ ୪ ଓ ବୈଭବ ସୂର୍ଯ୍ୟବଂଶୀ ୮ ରନ୍ କରିବାକୁ ସମର୍ଥ ହୋଇଥିଲେ। ସଫଳ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୫ ରନ୍ କରି ଫେଲ ମାରିଥିଲେ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଉ ନ ଥିବା ଓଡ଼ିଶା ଖେଳାଳିମାନେ କିପରି ଜାତୀୟ ଦଳରେ ସ୍ଥାନ ପାଇବେ ତାହା ଆମର ଭବିଷ୍ୟତ ଗଢ଼ିବାକୁ ଠିକା ନେଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ପୁଣି ଏକ ୪ ବର୍ଷିଆ ଯୋଜନା କରିବ ବୋଲି ସ୍ପଷ୍ଟ ହୋଇଛି।

### ଉତ୍ତରାଞ୍ଚଳ ୨୫୧ରେ ସୀମିତ

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ପଶ୍ଚିମାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୨୫୧ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜ ସର୍ବାଧିକ ୬୦, ଆୟୁଷ ବଦୋନି ୫୧ ରନ୍ କରିଥିଲେ। ପଶ୍ଚିମାଞ୍ଚଳର ତନୁସ କୋଟିଆନ୍ ଓ ତୁଷାର ଦେଶପାଣ୍ଡେଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୧୦ ଓଭର ବ୍ୟାଟିଂ କରି ୨ ୱିକେଟରେ ୩୧ ରନ୍ ସଂଗ୍ରହ କରିନେଇଥିଲା।

## ପ୍ରିୟବ୍ରତ ସ୍ମାରକୀ ୧୦ ରେଡ୍ ସ୍ନୁକର ଆଜିଠାରୁ

ଭୁବନେଶ୍ୱର,୨୩।୮ (ସମିସ)



ବିଲିଆର୍ଡସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଏବଂ ଭୁବନେଶ୍ୱର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ ୧୦ ରେଡ୍ ବଲ ସ୍ନୁକର ଚାମ୍ପିଅନସିପ୍ ଆଜି ଭୁବନେଶ୍ୱର କ୍ଲବ୍‌ର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର କ୍ଲବ୍ ପରିସରରେ ଥିବା ଭିଣ୍ଟେଜ୍ ଟେବୁଲ ଉପରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୨୯ ତାରିଖରେ ଶେଷ ହେବ। ଏଥିରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟ ସମୂହରୁ ୬୭ ଜଣ ଶୀର୍ଷ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରାଜ୍ୟ ବାହାରୁ ୧୪ଜଣ ଉଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି ଖେଳୁଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଲବ୍ ସମ୍ପାଦକ ଲଳିତ ଦାସ, ଯୁଗ୍ମ ସମ୍ପାଦକ ସମ୍ବିତ ମହାନ୍ତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅନୀଲ କୁମାର ସାମଲ, ମାନସ ଦାସ, ସଞ୍ଜୟ ଲାଠ ଓ ସ୍ୱର୍ଗତ ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ବିଏସଏଓ ସମ୍ପାଦକ ସମୀର ଅଲି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ବରିଷ୍ଠ ଖେଳାଳି ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିଅନଙ୍କୁ ୫୦, ୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି, ସେମିରେ ପରାଜିତ ଦୁଇ ଖେଳାଳିଙ୍କୁ ୧୦,୦୦୦ ଲେଖାଏଁ ଓ କ୍ୱାର୍ଟରଫାଇନାଲରେ ପରାଜିତ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆସନ୍ତାକାଲିଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ।

**୨୩ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ସିଚେମ୍ ଟ୍ରଫି କ୍ରିକେଟ**

## ଶ୍ରେୟାଂଶଙ୍କ ଅର୍ଦ୍ଧଶତକ: ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍

ପୁଡୁଚେରୀ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଚେମ୍ କ୍ୟାପ୍ ଗ୍ରାଉଣ୍ଡ-୩ରେ ଆମନ୍ତ୍ରଣ ମୂଳକ କ୍ରିକେଟ୍ ପ୍ରତିଯୋଗିତାର ଅନ୍ତଃରାଜ୍ୟ ୨୩ ବର୍ଷରୁ କମ୍ ଦୁଇଦିନିଆ ମ୍ୟାଚ୍‌ରେ ଓଡ଼ିଶା ଓ ବାରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ ନେଇଥିଲା। ପ୍ରଥମ ଦିନରେ ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍ ହୋଇଛି। ଦଳ ପ୍ରଥମ ଇନିଂସରେ ୬୪.୫ ଓଭରରେ ଦଳ ସମସ୍ତ ୱିକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୬୯ ରନ୍ କରିଥିଲେ। ସେ ୧୦୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ବରୋଦାର କୀୟୁର କାଲେ ଓ ଦୀପ ପଟେଲ ଓଡ଼ିଶାର ବ୍ୟାଟିଂକୁ ଚାପରେ ରଖି ପ୍ରତ୍ୟେକେ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବରୋଦା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଗୋଟିଏ ୱିକେଟ ହରାଇ ୧୬୩ ରନ ପଛରେ ପଡ଼ିଛି। ନିତ୍ୟ ପାଣ୍ଡ୍ୟା ୧୨ ରନ୍‌ରେ ଏବଂ ଆୟୁଷ ୬ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ଗୋଟିଏ ୱିକେଟ୍ ନେଇଛନ୍ତି।

**ଜାତୀୟ ଜୁନିଅର ଜଳକ୍ରୀଡ଼ା ଉଦ୍‌ଯାପିତ**

## କର୍ଣ୍ଣାଟକ ଚାମ୍ପିଅନ



ଭୁବନେଶ୍ୱର,୨୩।୮ (ସମିସ): ରାଜ୍ୟ ସନ୍ତରଣ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ ଓଭର ଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କର୍ଣ୍ଣାଟକରୁ ୨ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିଥିଲାବେଳେ ସର୍ବାଧିକ ୬୨୪ ପଏଣ୍ଟ ପାଇଥିଲା। କର୍ଣ୍ଣାଟକର ଉଭୟ ବାଳକ ଓ ବାଳିକା ସହ ପଏଣ୍ଟ ଓ ପଦକରେ ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ବ୍ୟକ୍ତିଗତ ବିଭାଗରେ ଆସାମର ତୀର୍ଥଙ୍କ ପେଗୁ ଓ କର୍ଣ୍ଣାଟକର ଏସ୍ ଶରଣ, ବାଳିକା ବିଭାଗରେ କର୍ଣ୍ଣାଟକର ଶ୍ରୀ ଚରଣି ଟୁମ୍ମୁ ଓ ମହାରାଷ୍ଟ୍ରର ସାନ୍‌ଭି ଦେଶୱାଲ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ଶେଷରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାଏକ, ଡେପୁଟି ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ ଓ ସୌମ୍ୟ ସାର୍ଥକ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ସନ୍ତରଣ ସଂଘର ଅନୀଲ ବ୍ୟାସ୍, କମଲେଶ ନାନାବତୀ, ଓଡ଼ିଶା ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସାଧାରଣ ସମ୍ପାଦକ ଗୋଲାପମଣି ମହାନ୍ତ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS